


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-133 ♦SUNDAY ♦9 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୩ ♦ରବିବାର ♦୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


**ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ଅଘଟଣ**

# ଦଳାଚକଟା ପାଇଁ ପୁଲିସ ଦାୟୀ

## ୭ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ପୁଲିସ ଡିଜି ଓ ଆଇଜିଙ୍କୁ ଗୃହ ବିଭାଗର ଚିଠି**

**କଳା ତାଲିକାଭୁକ୍ତ ହେବ ଇନ୍‌ଭେଣ୍ଟ ଗ୍ରୀଡ୍ ଇଣ୍ଡିଆ**

**ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ**





■ **ଭୁବନେଶ୍ୱର/ପୁରୀ, ୮।୧୧ (ସମିସ):** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣା ପାଇଁ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରିଛି ତଦନ୍ତ କମିଟି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ସୁପାରିସ କରିଛି। ଏହି ସୁପାରିସକୁ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ପୁଲିସ ଡିଜି ଏବଂ ଆଇଜିଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣରେ ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି) ବ୍ୟବସ୍ଥା ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ଏହାକୁ ଉପକରଣ ଯୋଗାଇଥିବା ଠିକା ସଂସ୍ଥା ମେସର୍ସ ଇନ୍‌ଭେଣ୍ଟ ଗ୍ରୀଡ୍ ଇଣ୍ଡିଆକୁ କଳା ତାଲିକାଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ଗତ ଜୁନ୍ ୨୯ ତାରିଖ ଭୋର ସମୟରେ ଦଳାଚକଟା ଘଟି ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ। ଏହି ଘଟଣାରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନେତୃତ୍ୱରେ ପ୍ରଶାସନିକ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଘଟଣାର ତଦନ୍ତ ସାରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ଏହି ଅଘଟଣ ପାଇଁ ଏକାଧିକ କାରଣ ଦର୍ଶାଯାଇଥିବା ବେଳେ ମୋଟ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଏହି ଅଧିକାରୀମାନେ ହେଲେ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ(ଓଏପିଏସ), ଡିସିପି ବିଷ୍ଣୁ ପ୍ରସାଦ ପତି, କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ (ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ), ଡେପୁଟି କମାଣ୍ଡାଣ୍ଟ କେ କେ ନାୟକ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, କୁମ୍ଭାରପଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ (ଡିଏସ୍‌ପି) ଓ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ। ଏମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ▶ପୃଷ୍ଠା-୭

**କଟକ ମଣିସାହୁ ଛକ ପ୍ରାଚୀ ଆପାର୍ଟମେଣ୍ଟରେ ଅଘଟଣ**

# ବାଲ୍‌କୋନୀ ଭୁଶୁଡ଼ି ବାପା- ମା'-ପୁଅ ମୃତ






**ପରିବାରର ୪ ସଦସ୍ୟ ଗୁରୁତର, ଏସ୍‌ସିବିରେ ଭର୍ତ୍ତି**

**ବିପଦସଙ୍କୁଳ ଅବସ୍ଥାରେ ଥିଲା ପୁରାତନ ଫ୍ଲାଟ୍**

■ **କଟକ, ୮।୧୧ (ସମିସ):** କଟକ କ୍ୟାଣ୍ଟନମେଣ୍ଟ୍ ଥାନା ମଣିସାହୁ ଛକ ନିକଟରେ ଥିବା ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖସ୍ଥ ପ୍ରାଚୀ ଏନ୍‌କ୍ଲେଭ୍‌ରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଏହି ପୁରାତନ ଆପାର୍ଟମେଣ୍ଟର ଜି-୫ ଫ୍ଲାଟ୍‌ର ବାଲକୋନୀ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବାଲକୋନୀଟି ଭୁଶୁଡ଼ି ତଳେ ଥିବା ଏକ ଆଜବେଷ୍ଟସ୍ ଘର ଉପରେ ପଡ଼ିବାରୁ ଏହି ଅଘଟଣ ଘଟିଛି। ସେହି ଘରେ ରହୁଥିବା ପରିବାରର ବାପା, ମା' ଓ ଶିଶୁପୁତ୍ରର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ହେଲେ, ଅବଦୁଲ୍ ଜଲିଲ୍ (୬୦), ଅବଦୁଲ୍ ମୁଜାହିଦ୍ (୪) ଏବଂ ରେହେମାତୁନ୍ ନିଶା (୫୦)। ପରିବାରର ଅନ୍ୟ ୪ ସଦସ୍ୟ ଅବଦୁଲ୍ ଜାହିଦ୍ (୩୦), ସହିନା ବେଗମ୍ (୨୯), ରିହାନ ଖାନ (୮) ଏବଂ ଅବଦୁଲ୍ ରହେମାନ (୩) ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଏସ୍‌ସିବି ବଡ଼ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ▶ପୃଷ୍ଠା-୭

# ଡିସେମ୍ବର ୧ରୁ ସଂସଦର ଶୀତକାଳୀନ ଅଧିବେଶନ



**୧୫ ଦିନର କାର୍ଯ୍ୟ ଦିବସକୁ ନେଇ ଆପତ୍ତି ଉଠାଇଲେ ବିରୋଧୀ**

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଆସନ୍ତା ଡିସେମ୍ବର ପହିଲା ତାରିଖରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ମୋଟ୍ ୧୫ ଦିନର କାର୍ଯ୍ୟଦିବସ ରହିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ 'ଏକ୍ସ' ଜରିଆରେ ଏହି ସୂଚନା ଦେଇଛନ୍ତି। ତେବେ ଶୀତ ଅଧିବେଶନକୁ ବିଳମ୍ବରେ ଏବଂ ପୁଣି କମ୍ ସମୟ ପାଇଁ ଆହ୍ୱାନ କରାଯାଇଥିବାରୁ ବିରୋଧୀ ଦଳ ଏହାର ତୀବ୍ର ସମାଲୋଚନା କରିଛନ୍ତି।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି ଯେ ୧ ତାରିଖରୁ ସଂସଦ ଅଧିବେଶନ ଆରମ୍ଭ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ପ୍ରଦାନ କରିଛନ୍ତି। ▶ପୃଷ୍ଠା-୭

# ଏଣିକି ସ୍ୱୟଂଚାଳିତ ହେବ ପିଏଫ୍ ଟ୍ରାନ୍ସଫର

**ଚାକିରି ବଦଳାଇବାର ୫ ଦିନ ଭିତରେ ନୂଆ ଆକାଉଣ୍ଟକୁ ଆସିଯିବ ପିଏଫ ଅର୍ଥ**

**ପୂର୍ବରୁ ଏଥିପାଇଁ ମାସ ମାସ ଲାଗୁଥିଲା**

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଚାକିରିଆଙ୍କ ପାଇଁ ବଡ଼ ଖବର ଆସିଛି। ଏବେ ଚାକିରି ବଦଳାଇଲେ ଆଉ ଭବିଷ୍ୟ ନିଧି ପାଣ୍ଠି (ପିଏଫ) ଟ୍ରାନ୍ସଫର ପାଇଁ ଫର୍ମ ପୂରଣ କିମ୍ବା ମାସ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନି। ଏହି ସମସ୍ୟାରୁ ମୁକ୍ତି ଦେବା ପାଇଁ ଇପିଏଫଓ ପକ୍ଷରୁ ସ୍ୱୟଂଚାଳିତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଏହା ମାଧ୍ୟମରେ କୋଟି କୋଟି କର୍ମଚାରୀଙ୍କ ପିଏଫ ▶ପୃଷ୍ଠା-୭




## ଜମ୍ମୁ-କଶ୍ମୀରରେ ଡାକ୍ତରଙ୍କ ଲକରରୁ ମିଳିଲା ଏକେ-୪୭

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ଡାକ୍ତର ଆଦିଲ ଅହମ୍ମଦଙ୍କ ଲକରରୁ ଏକ ଏକେ-୪୭ ରାଇଫଲ ଜବତ କରାଯାଇଛି । ସେ ଅନନ୍ତନାଗର ବାସିନ୍ଦା । ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ସେ ଅନନ୍ତନାଗର ଜିଏମ୍‌ସିରେ ନିୟୋଜିତ ଥିଲେ । ତାଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି । ପୁଲିସ ତାଙ୍କ ବିରୋଧରେ ୟୁଏପିଏ ଆଇନ୍ ଅନୁସାରେ ମାମଲା ରୁଜୁ କରିଛି । ତାଙ୍କ ଲକରରୁ ଏକେ-୪୭ ଭଳି ରାଇଫଲ୍ ମିଳିଥିବାରୁ ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବା ସନ୍ଦେହ କରାଯାଉଛି । ବିନା ଲାଇସେନ୍ସରେ ଏକେ-୪୭ ରାଇଫଲ ରଖିଥିବାରୁ ଭାରତୀୟ ଆର୍ମ୍ସ ଆକ୍ଟ ଅନୁସାରେ ୧୯୫୯ ଅନୁସାରେ ତାଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି । ପୁଣି ଯଦି ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବେ ତେବେ, ତାଙ୍କ ବରୋଧରେ ୟୁଏପିଏ (ଅନଲଫୁଲ୍ ଆକ୍ଟିଭିଟିଜ ପ୍ରିଭେନସନ ଆକ୍ଟ, ୧୯୬୭) ଅନୁସାରେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି ।

## ବିହାର ନିର୍ବାଚନ: ସମସ୍ତିପୁର ସଡ଼କରୁ ମିଳିଲା ବହୁ ସଂଖ୍ୟାରେ ଭିଭିପାଟ ସ୍ଲିପ୍

ପାଟନା, ୮ ।୧୧(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ସମସ୍ତିପୁରର ସାରାଇରଞ୍ଜାନ ଅଞ୍ଚଳର କେଏସ୍ଆର କଲେଜ ସଡ଼କରେ ବହୁ ସଂଖ୍ୟାରେ ଭିଭିପାଟ୍ ସ୍ଲିପ୍ ପଡ଼ିଥିବାର ଦେଖାଯାଇଛି । ଏହି ମାମଲାରେ ନିର୍ବାଚନ କମିସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ କର୍ମଚାରୀଙ୍କୁ ଦାୟିତ୍ୱରୁ ହଟାଇଛନ୍ତି । ଏନେଇ ଯାଞ୍ଚ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଦୋଷୀ ଯିଏବି ହୁଅନ୍ତୁ ନା କାହିଁକି, ତାଙ୍କ ବିରୋଧରେ ଏଫ୍ଆଇଆର ଦାଏର କରାଯିବ ବୋଲି କୁହାଯାଇଛି । ତେବେ ଏହା ଭୋଟ ଗଣିତରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କୁହାଯାଇଛି । ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟର ମତଦାନ ହୋଇଥିଲା । ସରାଇରଞ୍ଜାନ ବିଧାନସଭାବରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା ।

## ଅଷ୍ଟ୍ରେଲିଆ ପଳାଇଲେ ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ

ଲୁଧିଆନା, ୮ ।୧୧(ଏଜେନ୍ସି): ପଞ୍ଜାବର ପଟିଆଲା ଜିଲ୍ଲାର ସନାଉର ନିର୍ବାଚନ ମଣ୍ଡଳୀର ଆମ ଆଦମୀ ପାର୍ଟି ବିଧାୟକ ହରମିତ ପଠାନମାଜରା ଅଷ୍ଟ୍ରେଲିଆ ପଳାଇଛନ୍ତି । ଏକ ଦୁଷ୍କର୍ମ ଅଭିଯୋଗରେ ତାଙ୍କୁ ଗିରଫ କରାଯାଉଥିବା ଅବସରରେ ସେ କର୍ଣ୍ଣାଲରୁ ଫେରାର ହୋଇଯାଇଥିଲେ । ହରମିତଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି ହେବା ପରେ ଏହି କଥା ସାମ୍ନାକୁ ଆସିଥିଲା । ହରମିତ ଅଷ୍ଟ୍ରେଲିଆରେ ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ ସାକ୍ଷାତକାର ଦେଇ ନିଜ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନଙ୍କୁ ଦାୟୀ କରିଛନ୍ତି । ମାନଙ୍କ ନିକଟରେ ଅଭିଜ୍ଞତାର ଯଥେଷ୍ଟ ଅଭାବ ରହିଛି । ମନ୍ତ୍ରୀ ଓ ବିଧାୟକ ରବରଷ୍ଟାମ୍ପ ଭଳି କାର୍ଯ୍ୟ କରୁଛନ୍ତି । ବିଧାୟକଙ୍କର ୫ ପଇସାର ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି । ଏବେ ଅଷ୍ଟ୍ରେଲିଆରେ ଅଛି । ଜାମିନ ମିଳିବା ପରେ ଯାଇ ନିଜ ଅଞ୍ଚଳକୁ ଯିବି ଓ ଲୋକଙ୍କୁ ଭେଟି ପରବର୍ତ୍ତୀ ପଦକ୍ଷେପ ସମ୍ପର୍କ ନେଇ ଆଲୋଚନା କରିବି ବୋଲି ସେ କହିଛନ୍ତି ।

## ପାକ୍- ଆଫଗାନ୍ ଶାନ୍ତି ଆଲୋଚନା ପୁଣି ବିଫଳ

ଇସଲାମାବାଦ୍/କାବୁଲ, ୮ ।୧୧(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ତୃତୀୟଥର ପାଇଁ ଶାନ୍ତି ଆଲୋଚନା ବିଫଳ ହୋଇଛି । କାତାର ଓ ତୁର୍କୀର ମଧ୍ୟସ୍ଥତାରେ ଇସ୍ତାନବୁଲ୍‌ରେ ଆୟୋଜିତ ଦୁଇଦିନିଆ ଶାନ୍ତି ଆଲୋଚନା ବିନା କୌଣସି ନିଷ୍କର୍ଷରେ ସମାପ୍ତ ହୋଇଛି । ଏଥିପାଇଁ ଦୁଇ ଦେଶ ପରସ୍ପରକୁ ଦାୟୀ କରିଛନ୍ତି । ପାକିସ୍ତାନର ଦାୟିତ୍ୱହୀନତା ପାଇଁ ଏହି ଆଲୋଚନା ବିଫଳ ହୋଇଛି ବୋଲି ଆଫଗାନିସ୍ତାନ କହିଛି । ପାକିସ୍ତାନ ବ୍ୟବହାରିକ ଓ ଲାଗୁ ହେବା ଭଳି ସର୍ତ୍ତ ରଖିବ ବୋଲି ଆଶା କରାଯାଉଥିବା କଥା ତାଲିବାନ ସରକାରଙ୍କ ମୁଖପାତ୍ର ଜବିହଲ୍ଲା ମୁଜାହିଦ୍ କହିଛନ୍ତି । କିନ୍ତୁ ସେପରି କିଛି ହୋଇ ନଥିଲା । ପାକିସ୍ତାନୀ ଆମର ଭାଇ ଓ ବନ୍ଧୁ । କିନ୍ତୁ ଯଦି ଯଦି ପାକିସ୍ତାନ ଆକ୍ରମଣ କରେ ତା'ର ଦୃଢ଼ ଜବାବ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ସୁରକ୍ଷାର ସବୁ ଦାୟିତ୍ୱ ଆଫଗାନିସ୍ତାନ ଉପରେ ନ୍ୟସ୍ତ କରିଥିଲା । କିନ୍ତୁ ନିଜେ ସୁରକ୍ଷାର କୌଣସି ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲା । ପାକିସ୍ତାନର ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ମୁଜାହିଦ୍ କହିଛନ୍ତି ।

## ଦୁଇ ଝିଅଙ୍କ ସହ ପେଟ୍ରୋଲ ପମ୍ପ ମାଲିକଙ୍କ ଆତ୍ମହତ୍ୟା

ଅହମଦାବାଦ, ୮ ।୧୧(ଏଜେନ୍ସି): ଗୁଜରାଟ୍ ଗାନ୍ଧୀନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ୩ଟି ପେଟ୍ରୋଲ ପମ୍ପର ମାଲିକ ନିଜ ଦୁଇ ଝିଅଙ୍କ ସହ ଆତ୍ମହତ୍ୟା କରିଛନ୍ତି । ନର୍ମଦା କେନାଲରୁ ପୁଲିସ ୩ଜଣଙ୍କ ମୃତଦେହ ଉଦ୍ଧାର କରିଛି । ଦୁଇଦିନ ତଳେ ଅର୍ଥାତ ନଭେମ୍ବର ୭ରେ ପେଟ୍ରୋଲ ପମ୍ପ ମାଲିକ ନିଜ ଦୁଇ ଝିଅଙ୍କର ଆଧାରକାର୍ଡ ଅପ୍‌ଡେଟ୍ କରିବାକୁ ଘରୁ ବାହରି ଥିଲେ ଓ ଏହାପରେ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ଫଳରେ ତାଙ୍କୁ ଖୋଜିବାକୁ ପ୍ରୟାସ ଆରମ୍ଭ ହୋଇଥିଲା । ପୁଲିସ ଏହି ମାମଲାର ସବୁ ଦୃଷ୍ଟିକୋଣରୁ ଯାଞ୍ଚ କରୁଛି । ମୃତକଙ୍କୁ ଚିହ୍ନଟ କରାଯାଇଛି । ସେ ହେଉଛନ୍ତି ଗାନ୍ଧୀନଗରର ଜିଲ୍ଲାର କଲୋଲ ଅଞ୍ଚଳର ବୋରିନାନା ଗାଁର ଧୀରଜ ଭାଇ ଭଲାଭାଇ ରବାରୀ । ଏହି ଘଟଣା ରବାରୀ ସମ୍ପ୍ରଦାୟରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ଡାଇବେଟିକ, ହୃଦ୍‌ରୋଗୀ, ମୋଟା ଲୋକଙ୍କୁ ଭିସା ଦେବନି ଆମେରିକା




ୱାସିଂଟନ, ୮ ।୧୧(ଏଜେନ୍ସି): ମୋଟାପଣ, ମଧୁମେହ, ହୃଦ୍‌ରୋଗ ଓ କର୍କଟ ଭଳି ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଏବେ ଆମେରିକାରେ ପ୍ରବେଶ କରିବା କଷ୍ଟକର ହେବ । ଆମେରିକାର ବୈଦେଶିକ ବିଭାଗ ଶୁକ୍ରବାର ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକା ଦୂତାବାସ ଓ ବାଣିଜ୍ୟିକ ଦୂତାବାସକୁ ଏକ ବିଚିତ୍ର ନିର୍ଦ୍ଦେଶ ଦେଇଛି । ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକଙ୍କୁ ଆମେରିକ ଆସିବାକୁ ଅନୁମତି ନ ଦେବାକୁ ଦୂତାବାସଗୁଡିକୁ କୁହାଯାଇଛି । ଏହି ନୂଆ ନିୟମ 'ପବ୍ଲିକ ଚାର୍ଜ' (ସାର୍ବଜନୀକ ବୋଝ) ନୀତି ଉପରେ ଆଧାରିତ । ସରକାରଙ୍କ ବୋଝ କମ୍ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି । ଆମେରିକା ସରକାରଙ୍କ ସଂଶାଧନ ଉପରେ ନିର୍ଭର କରିବାକୁ ଥିବା ପ୍ରବାସୀଙ୍କୁ ରୋକିବା ଉଦ୍ଦେଶ୍ୟ ।ାରେ ଏହି ନିୟମ ଜାରି କରାଯିବ ବୋଲି କୁହାଯାଇଛି । ଆବେଦକଙ୍କ ସ୍ୱାସ୍ଥ୍ୟ, ବୟସ ଓ ଆର୍ଥିକ ସ୍ଥିତିର ଯାଞ୍ଚ କରିବାକୁ ଆମେରିକା ତା'ର ଭିସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । କୌଣସି ବ୍ୟକ୍ତି ଯଦି ଭବିଷ୍ୟତରେ ମହଙ୍ଗା ଚିକିତ୍ସା ଓ ସରକାରୀ ସହାୟତା ଉପରେ ନିର୍ଭର କରିବାର ସମ୍ଭାବନା ଥିବ ସେମାନଙ୍କ ଭିସା ପ୍ରତ୍ୟାଖାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରବାସୀ ଆମେରିକା ସରକାରଙ୍କ ଉପରେ ବୋଝ ସୃଷ୍ଟି କରିବେ ନାହିଁ ବୋଲି ଭିସା ଅଧିକାରୀ ସ୍ପଷ୍ଟ କରିବେ । ଏହିକ୍ରମରେ ହୃଦରୋଗ, ନିଃଶ୍ୱାସ ନେବାରେ ସମସ୍ୟା, କର୍କଟ ରୋଗ, ଡାଇବେଟିକ, ମେଟବୋଲିକ, ସ୍ନାୟବିକ ରୋଗ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକ ଓ ଦିବ୍ୟାଙ୍ଗଙ୍କ ଦେଖାଶୁଣା ପାଇଁ ଲକ୍ଷ ଲକ୍ଷ ଡଲାର ଆବଶ୍ୟକତା ପଡ଼ିବ । ଏହାକୁ ବାଦ୍ ଦେଲେ ମୋଟାପଣ ଥିବା ଲୋକଙ୍କୁ ମଧ୍ୟ ଭିସା ନ ଦେବାକୁ କୁହାଯାଇଛି । କାରଣ ମୋଟପଣ ଯୋଗୁଁ ଉଚ୍ଚ ରକ୍ତଚାପ, ଶ୍ୱାସ, ସ୍ଲିପ ଏପନିଆ ଭଳି ରୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । କିନ୍ତୁ ଏହି ନୂଆ ନୟମ କେଉଁ ଭିସା ଆବେଦକଙ୍କ ଉପରେ ଲାଗୁ ହେବ ତାହା ସ୍ପଷ୍ଟ କରାଯାଇନାହିଁ । ତେବେ ନିୟମ ଦୃଷ୍ଟିରୁ ଦେଖିଲେ ଏହା ସବୁ ଭିସା ଆବେଦକଙ୍କ ଉପରେ ଲାଗୁ ହେବ ବୋଲି ଅନୁମାନ କରାଯାଉଛ ।

## ରୁଷିଆ ସେନାରେ ଭର୍ତ୍ତି ହୋଇଛନ୍ତି ୧୪୦୦ ଆଫ୍ରିକୀୟ: ୟୁକ୍ରେନ

କିଭ୍, ୮ ।୧୧(ଏଜେନ୍ସି): ୟୁକ୍ରେନ ସହ ଯୁଦ୍ଧ ଲଢ଼ିବା ପାଇଁ ରୁଷିଆ ୧୪୦୦ ଆଫ୍ରିକୀୟ ନାଗରିକଙ୍କୁ ତା'ର ସେନାରେ ଭର୍ତ୍ତି କରିଛି । ୟୁକ୍ରେନ୍ ବିଦେଶ ମନ୍ତ୍ରୀ ଆନ୍ଦ୍ରିଲ୍ ସିଭିଆ ଏ ନେଇ ସୂଚନା ଦେଇଛନ୍ତି । ଏହା ନିଶ୍ଚିତ ଭାବେ ଚିନ୍ତାଜନକ । ଆଫ୍ରିକୀୟ ଦେଶଗୁଡିକର ସରକାର ଏ ନେଇ ଅବଗତ ହେବା ଓ ନିଜ ନାଗରିକଙ୍କୁ ଏହି ଯୁଦ୍ଧରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେବା ଉଚିତ ବୋଲି ସେ କହିଛନ୍ତି । ରୁଷିଆ ବିଭିନ୍ନ ଉପାୟ ଅବଲମ୍ବନ କରି ଆଫ୍ରିକାର ଯୁବକଙ୍କୁ ତା'ର ସେନାରେ ଚତୁରତାର ସହ ଭର୍ତ୍ତି କରୁଛି । ସେମାନଙ୍କୁ ଅର୍ଥ ଲୋଭ ଦେଖାଯାଉଛି । ପୁଣି କେତେଜଣଙ୍କୁ ଠକାମୀ କରି ଚୁକ୍ତିରେ ସ୍ୱାକ୍ଷର କରିବାକୁ କୁହାଯାଉଛି । କେବଳ ସେତିକି ନୁହେଁ ଆଫ୍ରିକୀୟ ନାଗରିକମାନେ କ'ଣ ପାଇଁ ଚୁକ୍ତିରେ ସ୍ୱାକ୍ଷର କରୁଛନ୍ତି ସେ ନେଇ ଅବଗତ ମଧ୍ୟ ନଥାନ୍ତି କିମ୍ବା ସେମାନଙ୍କୁ ଚାପର ବଶବର୍ତ୍ତୀ କରାଯାଇ ସେନାରେ ଭର୍ତ୍ତି କରାଯାଉଛି । ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିବା ଅର୍ଥ ମୃତ୍ୟୁଦଣ୍ଡକୁ ଡାକି ଆଣିବା ବୋଲି ସେ କହିଛନ୍ତି । ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆ ପକ୍ଷରୁ ନିଜର ନାଗରିକ ଲଢୁଛନ୍ତି ବୋଲି ଜାଣିବା ପରେ ଦକ୍ଷିଣ ଆଫ୍ରିକା ମଧ୍ୟ ଏ ନେଇ ତଦନ୍ତ ଆରମ୍ଭ କରିଛି । ଭାରତୀୟମାନେ ମଧ୍ୟ ରୁଷିଆ ତରଫରୁ ଯୁଦ୍ଧ ଲଢ଼ିବା ନେଇ ଖବର ପ୍ରକାଶ ପାଇଛି । ରୁଷିଆ ସେନାରେ ଏବେ ୪୪ ଜଣ ଭାରତୀୟ ଅଛନ୍ତି ବୋଲି ଭାରତ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୁହାଯାଇଛି ।

# 'ଚିକେନ୍ ନେକ୍'ରେ ଆହୁରି ସକ୍ରିୟ ହେଲା ଭାରତ

## ବାଂଲା ସୀମାରେ ୩ ନୂଆ ଘାଟି ପ୍ରତିଷ୍ଠା




**ବାଂଲାଦେଶକୁ ଜବାବ ଦେବାକୁ ଭାରତ ପ୍ରସ୍ତୁତ**

ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ବିତାଡ଼ିତ ହେବା ପରଠୁ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବାରେ ଲାଗିଛି । କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ବିବାଦୀୟ ପଦକ୍ଷେପ ତିକ୍ତତାକୁ ଅଧିକ ବଢ଼ାଇ ଦେଇଛି । ସେ ଗୋଟିଏ ପରେ ଗୋଟିଏ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନେଇ ଭାରତକୁ ଚିଡ଼ାଇ ପାକିସ୍ତାନ ଏବଂ ଚୀନ୍ ସହ ଘନିଷ୍ଠତା ବୃଦ୍ଧି କରି ଚାଲିଛନ୍ତି । ଭୂରାଜନୈତିକ ବିବାଦ ବଢ଼ି ଚାଲିଥିବାବେଳେ ଭାରତର 'ଚିକେନ ନେକ୍' କୁହାଯାଉଥିବା ସିଲିଗୁଡି କରିଡର ସୀମାରେ ନିଜ ଲାଲମୋନିରହାଟ ଏୟାରବେସ୍‌କୁ ୟୁନୁସ ସମ୍ପ୍ରସାରଣ କରୁଛନ୍ତି । ନୂଆ ହ୍ୟାଙ୍ଗର, ଜେଟ୍ ପାର୍କିଂ ଏବଂ ରାଡାର ସିଷ୍ଟମ ଲଗାଉଛନ୍ତି । ଭାରତ ସହ କୂଟନୈତିକ ସମ୍ବନ୍ଧ ଠିକ୍ ନ ଥିବାବେଳେ ୟୁନୁସ ଏପରି ଉସୁକାଇବା ଭଳି ପଦକ୍ଷେପ ନେଇଛନ୍ତି । ବାଂଲାଦେଶର ଏଭଳି ଦୁଃସାହସକୁ ଜବାବ ଦେବା ପାଇଁ ଭାରତ ବଡ଼ ପଦକ୍ଷେପ ନେଇଛି । ସୀମା ସୁରକ୍ଷାକୁ ମଜବୁତ କରିବାକୁ 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର'ର ଭାରତ-ବାଂଲାଦେଶ ସୀମା ନିକଟରେ ୩ ନୂଆ ସେନା ଘାଟି ତଥା ପୋଷ୍ଟ ପ୍ରତିଷ୍ଠା କରିଛି । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସିଲିଗୁଡି କରିଡର ତଥା 'ଚିକେନ ନେକ'ର ସୁରକ୍ଷା ପାଇଁ ଧୁବ୍ରି ନିକଟସ୍ଥ ବାମୁନି, କିଶାନଗଞ୍ଜ ଏବଂ ଚୋପ୍ରାରେ ଏହି ସେନା ପୋଷ୍ଟ ନିର୍ମାଣ କରାଯାଇଛି । ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ସୀମା ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଯାଇଛି ।

ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତର ସର୍ବାଧିକ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ 'ଚିକେନ ନେକ'ରେ ସାମରିକ ବ୍ୟବଧାନକୁ ଦୂର କରିବା, ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ଏବଂ ତ୍ୱରିତ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି । ଉତ୍ତର ପଶ୍ଚିମବଙ୍ଗରେ ଥିବା ଏହି ୪୦ କିଲୋମିଟର ଦୀର୍ଘ ଓ ୨୨ କିମି ଚଉଡ଼ାର ସିଲିଗୁଡି କରିଡର ଭାରତର ମୂଳ ଭାଗକୁ ସାତଟି ଉତ୍ତର-ପୂର୍ବ ରାଜ୍ୟ ସହିତ ସଂଯୋଗ କରୁଛି । ଏହା ନେପାଳ, ଭୁଟାନ, ବାଂଲାଦେଶ ଏବଂ ଚୀନ୍ ମଧ୍ୟରେ ଅବସ୍ଥିତ । କିଛି ଦିନ ତଳେ ପାକିସ୍ତାନର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଅଧ୍ୟକ୍ଷ ଜେନେରାଲ ସାହିର ସମ୍‌ସାଦ ମିର୍ଜାଙ୍କୁ ମହମ୍ମଦ ୟୁନୁସ ଭେଟିଥିଲେ । ଉଭୟେ ଯୋଗାଯୋଗ ଏବଂ ପ୍ରତିରକ୍ଷା ସହଯୋଗକୁ ନେଇ ଆଲୋଚନାର ଖବର ମିଳିବା ପରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ରିପୋର୍ଟ ଅନୁଯାୟୀ ମହମ୍ମଦ ୟୁନୁସ ଏହି ଅଞ୍ଚଳରେ କ୍ଷମତା ସନ୍ତୁଳନକୁ ନୂଆ ରୂପ ଦେବାକୁ ଚାହୁଁଛନ୍ତି । ଏଥିପାଇଁ ରଣନୈତିକ ଦୃଷ୍ଟିରୁ ମଧ୍ୟ କାର୍ଯ୍ୟାରମ୍ଭ କରିଦେଇଛନ୍ତି । ଏହାଦ୍ୱାରା ସିଲିଗୁଡି କରିଡରର ସୁରକ୍ଷା ଗମ୍ଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି ଯେ ଏହି ଅଞ୍ଚଳ ଭାରତର ସବୁଠୁ ସୁଦୃଢ଼ ପ୍ରତିରକ୍ଷା କରିଡର । ସିଲିଗୁଡି କରିଡରରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି । ନୂଆ ଘାଟି ପ୍ରତିଷ୍ଠା ଦ୍ୱାରା ଲଜିଷ୍ଟିକ, ପ୍ରତିକ୍ରିୟା କ୍ଷମତା ଏବଂ ଗୁଇନ୍ଦା ସୂଚନା ମିଳିବାରେ ଆହୁରି ସହଜ ହୋଇଯିବ । ଚିକେନ ନେକ୍‌କୁ ନେଇ ଭିନ୍ନ ଦୃଷ୍ଟିକୋଣ ରହିଛି । ଏହା ଭାରତର ସବୁଠାରୁ ମଜବୁତ କ୍ଷେତ୍ର । କାରଣ ପଶ୍ଚିମବଙ୍ଗ, ସିକିମ ଏବଂ ଉତ୍ତରପୂର୍ବର ଭାରତରେ କାର୍ଯ୍ୟରତ ସେନାବାହିନୀକୁ ଏଠାରେ ଏକାଠି ମୁତୟନ କରିହେବ ।




୨୪ ଘଣ୍ଟା ପରେ ସ୍ୱାଭାବିକ ହେଲା ଦିଲ୍ଲୀ ବିମାନ ବନ୍ଦର । ଶୁକ୍ରବାର ଏଟିସିରେ ବୈଷୟିକ ସମସ୍ୟା ଯୋଗୁଁ ୮୦୦ ବିମାନ ଉଡାଣ ବିଳମ୍ବିତ ହୋଇଥିଲା ।

## ଆମେରିକାରେ ସଟ୍ ଡାଉନ୍ ଯନ୍ତ୍ରଣା

### ୪୦ ବିମାନ ବନ୍ଦରରେ ୫୦୦୦ ଉଡ଼ାଣ ବାତିଲ

ୱାସିଂଟନ, ୮ ।୧୧(ଏଜେନ୍ସି): ଆମେରିକାରେ ବହୁ ଚର୍ଚ୍ଚିତ ସଟ୍‌ଡାଉନ୍ ଏବେ ରେକର୍ଡ ୩୮ ଦିନରେ ପହଞ୍ଚିଛି । ଫଳରେ ବିମାନ ବନ୍ଦରରେ ଦେଖାଦେଇଥିବା ସମସ୍ୟା ବୃଦ୍ଧିପାଇବାରେ ଲାଗିଛି । ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସଟ୍‌ଡାଉନର ନକାରାତ୍ମକ ପ୍ରଭାବ ବିମାନ ବନ୍ଦରଗୁଡିକରେ ସବୁଠାରୁ ଅଧିକ ପଡ଼ିଥିବା ଲକ୍ଷ୍ୟ କରାଯାଇଛି । ଆମେରିକାରେ ୪୦ଟି ବୃହତ ବିମାନ ବନ୍ଦରରେ ବିମାନ ଉଡାଣକୁ ହ୍ରାସ କରାଯାଇଛି ବୋଲି ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍ଏଏ) ତରଫରୁ କୁହାଯାଇଛି । ଫଳରେ ମୋଟ୍ ଉପରେ ୫, ୦୦୦ ବିମାନ ଉଡାଣକୁ ବାତିଲ କରାଯାଇଛି । ଏଥିରେ ୱାସିଂଟନ ଡିସି ଓ ନୁ୍ୟର୍କର ବିମାନ ବନ୍ଦର ସାମିଲ ରହିଛି । ଏବେ ପ୍ରତିଦିନ ୧, ୮୦୦ ଉଡାଣ ବାତିଲ ହେବାର ଆଶଙ୍କା ସୃଷ୍ଟି ହୋଇଛି ଓ ୨, ୬୮ ଲକ୍ଷ ଯାତ୍ରୀ ପ୍ରଭାବିତ ହେବା ନିଶ୍ଚିତ ହୋଇଛି । ଆମେରିକା ଇତିହାସରେ ଏହା ସବୁଠାରୁ ଦୀର୍ଘ ସଟ୍‌ଡାଉନ ବିବେଚିତ ହୋଇଛି । ଆଟଲାଣ୍ଟା, ଡେନଭେର, ଡଲାସ, ସାନ ଫ୍ରାନସିସ୍କୋ ଓ ୱାସିଂଟନ ଭଳି ବୃହତ ତଥା ଗୁରୁତ୍ୱପୂର୍ଣ୍ଣ ବିମାନ ବନ୍ଦର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ରେଗାନ ନ୍ୟାସନାଲ ବିମାନ ବନ୍ଦରରେ ପାଖାପାଖି ୪୦ ପ୍ରତିଶତ ବିମାନ ବିଳମ୍ବିତ ହୋଇଛି ।



## ଆଫ୍ରିକୀୟ ଦେଶ ମାଲିରେ ୫ ଭାରତୀୟଙ୍କୁ ଅପହରଣ

ନୂଆଦିଲ୍ଲୀ, ୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ କେତେକ ସଶସ୍ତ୍ର ଆକ୍ରମଣକାରୀ ଗୁରୁବାର କୋବରୀ ଅଞ୍ଚଳରୁ ଭାରତୀୟ ନାଗରିକଙ୍କୁ ଅପହରଣ କରିଛନ୍ତି । ଏମାନେ ଏକ ସ୍ଥାନୀୟ ବିଜୁଳି ପରିଯୋଜନା ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଥିଲେ । ଏହି ଭାରତୀୟ ମାନେ ଏକ ସ୍ଥାନୀୟ କମ୍ପାନୀରେ ନିୟୋଜିତ ଥିଲେ । କିନ୍ତୁ ଏହି ଘଟଣା ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀ ଅନ୍ୟ ଭାରତୀୟମାନଙ୍କୁ ରାଜଧାନୀ ବାମାକୋକୁ ପଠାଇ ଦେଇଛି । ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି ବୋଲି କମ୍ପାନୀର ଅଧିକାରମାନେ କହିଛନ୍ତି । ଏପର୍ଯ୍ୟନ୍ତ ଏହି ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି । ଉଲ୍ଲେଖଥାଉ କି, ମାଲିରେ ଗତ କେତେବର୍ଷ ହେବ ରାଜନୈତିକ ଓ କଠୋରପନ୍ଥୀ ଅସ୍ଥିରତା ଜାରି ରହିଛି । ଆଲକାଏଦା ସହିତ ଜଡିତ ଆତଙ୍କବାଦୀ ସଂଗଠନ ଗ୍ରୁପ ଫର ଦି ସପୋର୍ଟ ଅଫ୍ ଇସ୍‌ଲାମ ଆଣ୍ଡ ମୁସଲିମ୍ (ଜେଏନ୍ଆଇଏମ୍) ନିକଟରେ ମାଲିରେ ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଏହି ସଂଗଠନ ଦେଶରେ ଇନ୍ଧନର ଯୋଗାଣକୁ ନିଷିଦ୍ଧ କରିଛି । ଫଳରେ ଆର୍ଥିକ ସଂକଟକୁ ଆହୁରି ଖରାପ କରିଛି । ଏବେ ମାଲିରେ ଅପହରଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ୨୦୧୨ରୁ ଦେଶରେ ଚାଲି ଆସୁଥିବା ବିଦ୍ରୋହ, ବାରମ୍ବାର ସେନା ଦ୍ୱାର ହେଉଥିବା ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଓ ଜିହାଦୀ ଆକ୍ରମଣ ଦେଶର ଶାସନ ଓ ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଛି । ଗତ ସେପ୍ଟେମ୍ବରରେ ଜେଏନ୍ଆଇଏମ୍ ଆତଙ୍କବାଦୀମାନେ ୟୁଏଇ ଓ ଇରାନର ନାଗରିକଙ୍କୁ ଅପହରଣ କରିଥିଲେ ଓ ଏମାନଙ୍କୁ ୫୦ ନିୟୁତ ଡଲାର ବିନିମୟରେ ମୁକ୍ତ କରିଥିଲେ ବୋଲି କୁହାଯାଉଛି । ଏବେ ଜେଏନ୍ଆଇଏମ୍ ଆତଙ୍କବାଦୀ ସଂଗଠନ ସାରା ଦେଶରେ ତା'ର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇଛି । ମାଲିର ସେନା ସରକାର ଜେଏନ୍ଆଇଏମ୍‌କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ।

## ମମ୍‌ଦାନୀଙ୍କୁ ନେଇ ଅରବପତି ଭୟଭୀତ କାହିଁକି?

ୱାଶିଂଟନ, ୮।୧୧ (ଏଜେନ୍ସି): ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ଜୋହରାନ ମମଦାନୀ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧୀ ଭାବେ ପରିଚିତ ମମଦାନୀଙ୍କ ବିଜୟ ଅରବପତିଙ୍କ ମନରେ ଭୟ ସୃଷ୍ଟି କରିଛି । ଯେକୌଣସି ସମୟରେ କାର୍ଯ୍ୟାନୁଷ୍ଠାନର ଭୟ ରହିଛି । ଏଥିପାଇଁ ଅନେକ ଧନୀ ସହର ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି । ନ୍ୟୁୟର୍କର ୯ ପ୍ରତିଶତ ଅର୍ଥାତ ପ୍ରାୟ ୭.୬୫ ଲକ୍ଷ ଧନୀ ବ୍ୟକ୍ତି ସହର ଛାଡ଼ି ଅନ୍ୟତ୍ର ପଳାୟନ କରିପାରନ୍ତି । ଜେ.ଏଲ ପାର୍ଟନର୍ସ ସର୍ଭେରୁ ଏହି ସୂଚନା ସାମ୍‌ନାକୁ ଆସିଛି ।

ଧନୀଙ୍କ ଏହି ଭୟ ପଛରେ ମେୟର ନିର୍ବାଚନ ପ୍ରଚାର ସମୟରେ ମମଦାନୀ ଦେଇଥିବା ପ୍ରତିଶ୍ରୁତି ରହିଛି । ସେ ଧନୀ ବ୍ୟକ୍ତି ଏବଂ ବଡ଼ ବଡ଼ କମ୍ପାନୀଙ୍କ ଉପରେ ଅତିରିକ୍ତ ଟିକସ ଲଗାଇବାକୁ ଘୋଷଣା କରିଥିଲେ । ଏହା ମାଧ୍ୟମରେ ୯ ବିଲିୟନ ଡଲାର ସଂଗ୍ରହ କରିବାକୁ ଆଶା ରଖିଥିଲେ । ମମଦାନୀ ଭୟ ମଧ୍ୟରେ ଟେକ୍ସାସର ରିପବ୍ଲିକାନ ଗଭର୍ଣ୍ଣର ଗ୍ରେଗ ଆବଟ ପୂର୍ବରୁ ଦେଇଥିବା ଧମକକୁ ନେଇ ଧନୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ମମଦାନୀ ବିଜୟୀ ହେବା ପରେ ଯଦି ନ୍ୟୁୟର୍କ ଲୋକେ ଟେକ୍ସାସ ଆସିବେ ତେବେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ସେ କହିଥିଲେ ।

ସର୍ଭେରୁ ଜଣାପଡ଼ିଛି ଯେ ମମଦାନୀଙ୍କ ବିଜୟ ଯୋଗୁଁ ୨୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୨୧ ଲକ୍ଷ ଲୋକ ସହର ଛାଡିବାକୁ ବିଚାର କରୁଛନ୍ତି । ଯଦି ଏହା ସତ ସାବ୍ୟସ୍ତ ହୁଏ ତେବେ ଏହା ଆମେରିକା ଇତିହାସର ସବୁଠାରୁ ବଡ଼ ସହରୀ ପଳାୟନ ହେବ । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସହର ଗଭୀର ଭାବେ ପ୍ରଭାବିତ ହେବ । ୨.୩ ଟ୍ରିଲିୟନ ଜିଡିପି ବିଶିଷ୍ଟ ନ୍ୟୁୟର୍କର ମୋଟ ଜନସଂଖ୍ୟା ୮୪ ଲକ୍ଷ । ତେବେ ଏଥିରୁ ୯ ପ୍ରତିଶିତ ନିଶ୍ଚିତ ଭାବେ ସହର ଛାଡିବାକୁ ବିଚାର କରୁଛନ୍ତି । ସେହିପରି ୧୩ ପ୍ରତିଶତ ଗୋରା ଏବଂ ଏସିଆ ମହାଦେଶର ୧୧ ପ୍ରତିଶତ ମୂଳ ବଂଶୋଦ୍ଭବ ସହର ଛାଡ଼ିପାରନ୍ତି । ଏତେ ଲୋକ ସହର ଛାଡ଼ିଲେ ଆର୍ଥିକ ଭୂକମ୍ପ ସୃଷ୍ଟି ହେବ ବୋଲି ପୋଲଷ୍ଟର ଜେମ୍‌ସ ଜନସନ କହିଛନ୍ତି ।

## କଶ୍ମୀର କୁପୱାରାରେ ଦୁଇ ଆତଙ୍କବାଦୀ ନିହତ

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରର କୁପୱାରା ଜିଲ୍ଲାର କେରାନ ସେକ୍ଟରରେ ଶନିବାର ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ନିୟନ୍ତ୍ରଣ ରେଖା ନିକଟରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବା ନେଇ ଭାରତୀୟ ସେନାକୁ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା । ଏହାପରେ ଆତଙ୍କବାଦୀଙ୍କ ବିରୋଧରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ । ଜବାବରେ ସେନା ଗୁଳିରେ ଏହି ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନାର ଚେନ୍ନାର କର୍ପ୍ସ ୟୁନିଟ୍ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏବେ ମଧ୍ୟ ଅପରେସନ ଚାଲୁ ରହିଛି । ସେନା ଏହାକୁ 'ଅପରେସନ୍ ପିମ୍ପଲ' ନାମ ଦେଇଛି । ନିହତ ହୋଇଥିବା ଆତଙ୍କବାଦୀ ଓ ସେମାନଙ୍କ ସଂଗଠନ ନେଇ କୌଣସି ସୂଚନା ମିଳିନାହିଁ । ପୂର୍ବରୁ ନଭେମ୍ବର ୫ରେ କିସ୍ତୱାର ଜିଲ୍ଲାରେ ଛତ୍ରୁରେ ଏନ୍‌କାଉଣ୍ଟର ହୋଇଥିଲା ଓ ଆତଙ୍କବାଦୀଙ୍କ ଗୁଳିରେ ଜଣେ ଭାରତୀୟ ଯବାନ ଆହତ ହୋଇଥିଲେ । ଇତିମଧ୍ୟରେ ଜମ୍ମୁ-କଶ୍ମୀର ପୁଲିସର କାଉଣ୍ଟରନ ଇଣ୍ଟେଲିଜେନ୍ସ କଶ୍ମୀର (ସିଆଇକେ) ଶନିବାର ରାଜ୍ୟର ଏକାଧିକ ଘାଟିରେ ଚଢ଼ାଉ କରିଥିଲା । ଏହାପୂର୍ବରୁ କୁପୱାରା ଜିଲ୍ଲାରେ ଅକ୍ଟୋବର ୧୩ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ ।



ଲେଉଟାଣି ବେଳ: ସମୁଦ୍ରରୁ ମାଛ ଧରି କୂଳକୁ ଫେରୁଛନ୍ତି ମତ୍ସ୍ୟଜୀବୀ (ଫଟୋ: ଅନିଲ)

# କଟକରେ ୨୨୧ ଅସୁରକ୍ଷିତ କୋଠା

କଟକ, ୮ ।୧୧ (ସମିସ): କଟକ ସହରରେ ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହି କୋଠାଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡ଼ିକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଉନାହିଁ। ଏପରିକି, ନିକଟ ଅତୀତରେ ସହରରେ ବିପଦସଂକୁଳ ଅବସ୍ଥାରେ ରହିଥିବା କୋଠା ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନକୁ ତାଗିଦ୍ କରିଥିଲେ ଓଡ଼ିଶା ହାଇକୋର୍ଟ। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେବଳ କୋଠା ମାଲିକମାନଙ୍କୁ ନୋଟିସ୍ ଦେଇ ଚୁପ୍ ବସି ପଡ଼ିଛି। କଟକରେ ଆଜି ଏକ ଅସୁରକ୍ଷିତ କୋଠାର ବାଲକୋନୀ ଭାଙ୍ଗି ୩ ଜଣଙ୍କ ମୃତ୍ୟୁ ଘଟଣା ପରେ ପ୍ରଶାସନର ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ହାଇକୋର୍ଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ, ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷି ତରହିଛି। ତାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଧରି ଏହି କୋଠା ସବୁ ଭଙ୍ଗା ଯାଇନାହିଁ। ସରକାରୀ ଓ ଘରୋଇ କୋଠା ବିପଦସଂକୁଳ ଥିଲେ, ଏଗୁଡ଼ିକୁ ଭାଙ୍ଗିବା ଉପରେ ମଧ୍ୟ ହାଇକୋର୍ଟ ନିକଟରେ ଗୁରୁତ୍ୱାରୋପ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶର ମାସାଧିକ ସମୟ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନ୍ଏସ୍ ଧାରା ୧୫୨ରେ ସମସ୍ତ କୋଠା ମାଲିକଙ୍କୁ କେବଳ ନୋଟିସ ଜାରି ହୋଇଥିବା ଜଣାପଡ଼ିଛି।

ଯୁଦ୍ଧକାଳୀନ ଭିତ୍ତିରେ ଘରଗୁଡ଼ିକୁ ଖାଲି କରିବା ସହ ଭାଙ୍ଗିବା ପାଇଁ ଏହି ନୋଟିସ୍ ଜାରି କରି ପ୍ରଶାସନ ଆଉ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ। ବିଶେଷକରି, ନୋଟିସ୍ ପାଇଥିବା

■ ହାଇକୋର୍ଟଙ୍କ ତାଗିଦା ସତ୍ତ୍ୱେ ଭଙ୍ଗାଯାଉନି
■ ନୋଟିସ୍ ଦେଇ ଚୁପ୍ ବସିରହିଛି ପ୍ରଶାସନ

୨୦୦ରୁ ଅଧିକ କୋଠା ମାଲିକ ସେମାନଙ୍କ ଅସୁରକ୍ଷିତ କୋଠା ଭାଙ୍ଗିବା ଦୂର କଥା, ସେମାନଙ୍କ ମଧ୍ୟରୁ ଅନେକ ଘର ଖାଲି କରିନଥିବା ଜଣାପଡ଼ିଛି। ସହରର ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ରହିଛି ସର୍ବାଧିକ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର। ଏହାବାଦ୍ ଘରୋଇ କୋଠା, ମାର୍କେଟ୍ କମ୍ପ୍ଲେକ୍ସ ଆଦି ରହିଛି।

ପ୍ରକାଶଥାଉକି ଗତ ୨୦୧୪ର ଭୂମିକମ୍ପ ସମୟରେ ଅନେକ କୋଠାରେ ଫାଟ ସୃଷ୍ଟି ହୋଇଥିଲା। ଏହି ସମୟରେ କଟକ ଜିଲ୍ଲା ପ୍ରଶାସନ, ମହାନଗର ନିଗମ , ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇ ମହାନଗର ଅଞ୍ଚଳରେ ସେହି ସମୟରେ ୨୩୭ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ କିଛି କୋଠାକୁ ଘର ମାଲିକ ଭାଙ୍ଗିଥିଲେ ମଧ୍ୟ ଅନ୍ୟମାନେ ଭାଙ୍ଗି ନଥିଲେ। ହେଲେ ଏବେ ବି ସହରରେ ୨୨୧କୋଠା ଅସୁରକ୍ଷିତ ରହିଥିବା ବେଳେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକେ ତଥା ସେହି ବାଟ ଦେଇ ଯାଉଥିବା ପଥଚାରୀଙ୍କ ପାଇଁ ବିପଦ ଭାବେ ଉଭା ହୋଇଛି। ଆଜିର ଅଭାବନୀୟ ଘଟଣା ପରେ ପ୍ରଶାସନ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଛି। ମିଳିଥିବା ସୂଚନାନୁସାରେ, ବିଗତ ୫ବର୍ଷ ମଧ୍ୟରେ ଚିହ୍ନଟ ହୋଇଥିବା କୋଠାର ୧୦ପ୍ରତିଶତ ଅସୁରକ୍ଷିତ କୋଠା ଭଙ୍ଗା ଯାଇପାରି ନଥିବା ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ରୁ ଅଧିକ ଅସୁରକ୍ଷିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'

ନୂଆପଡ଼ା, ୮ ।୧୧(ସମିସ): ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ହେବ। ଆସନ୍ତାକାଲି ସଂଧ୍ୟାରେ ପ୍ରଚାର ଶେଷ ହେବାକୁ ଥିବା ବେଳେ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ଜୋରଦାର୍ ପ୍ରଚାର କରାଯାଉଛି। ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକ ବିଶାଳ ରୋଡ୍ ଶୋ'ରେ ପ୍ରଚାର କରିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଚାର କରିଛନ୍ତି। ଶନିବାର

## ଜୟ ଢୋଲକିଆଙ୍କ ପାଇଁ ନିର୍ବାଚନ ପ୍ରଚାର

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆପଡ଼ା ଏବଂ ଖରିଆରରୋଡ୍‌ରେ ରୋଡ ଶୋ'ରେ କରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ଆଜି ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବିମାନରେ ଗୋତମାସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସେଠାରୁ ହେଲିକପ୍ଟର୍‌ରେ ସୁନାବେଡ଼ାକୁ ଯାଇଥିଲେ। ସେଠାରେ ମା' ସୁନାଦେଇଙ୍କ ପୂଜାର୍ଚ୍ଚନା କରିବା ପରେ ବସ୍ତିରେ ଭୋଟ୍ ଭିକ୍ଷା କରିଥିଲେ। ପରେ ସନ୍ଧ୍ୟାରେ ନୂଆପଡ଼ା ଓ ଖରିଆରରୋଡ୍‌ରେ ରୋଡ୍ ଶୋ' କରିଥିଲେ। ନୂଆପଡ଼ା ସର୍କିଟ୍ ହାଉସରେ ମୁଖ୍ୟମନ୍ତ୍ରୀ ରାତ୍ର ରହଣୀ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭାରେ ଜୟ ଢ଼ୋଲକିଆଙ୍କ ସହ ରାଜ୍ୟ ସଭାପତି ମନମୋହନ ସାମଲ , ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା , ଚଳଚିତ୍ର ଅଭିନେତା ଅରିନ୍ଦମଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ସାମିଲ ହୋଇଥିଲେ।

## ଗ୍ରୀନ୍ ଇଣ୍ଡିଆ ଚିଟ୍‌ଫଣ୍ଡ ମାମଲାରେ ଇଡି ଚଢ଼ଉ

# ସଂସ୍ଥା ମାଲିକଙ୍କ ଘରୁ ନଗଦ ୮୪ ଲକ୍ଷ ଜବତ

ଭୁବନେଶ୍ୱର, ୮ ।୧୧(ସମିସ): ଗ୍ରିନ୍ ଇଣ୍ଡିଆ ଚିଟ୍‌ଫଣ୍ଡ ମାମଲାରେ ମାଲିକ ପ୍ରଦୀପ ସିଂହଙ୍କ ଘରେ ଚଢ଼ଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ମନି-ଲଣ୍ଡରିଂ ନିବାରଣ ଆଇନ ୨୦୦୨ (ପିଏମ୍ଏଲଏ) ଅନୁସାରେ ବ୍ରହ୍ମପୁରର ୪ଟି ସ୍ଥାନରେ ଚଢ଼ଉ କରି ନଗଦ ୮୪ ଲକ୍ଷ ଟଙ୍କା ଜବତ କରିଛି।

ଅଭିଯୋଗ ଅନୁଯାୟୀ, ଅଧିକ ରିଟର୍ଣ୍ଣ ଓ ଗ୍ରିନ୍ ଇଣ୍ଡିଆ ପାରାଡାଇଜ୍ ପ୍ରୋଜେକ୍ଟରେ ଫ୍ଲାଟ୍ ଯୋଗାଇବା ଆଳରେ କମ୍ପାନୀ ଶତାଧିକ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଥିଲା। ହେଲେ କମ୍ପାନୀ ପକ୍ଷରୁ ଘର ଯୋଗାଯାଇନଥିଲା କି ଟଙ୍କା ମଧ୍ୟ ଫେରସ୍ତ କରାଯାଇନଥିଲା। ନିବେଶକମାନେ ଟଙ୍କା ଫେରସ୍ତ ମାଗିବାରୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଓଲଟି ଧମକଚମକ ଦେଇଥିଲେ। କମ୍ପାନୀ ୬୯କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହେବା ପରେ ୨୦୧୪ ଜୁନ୍‌ରେ କୋଲକତା ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତମାନେ ଠକେଇ ଟଙ୍କାକୁ ବିଭିନ୍ନ ଅସ୍ଥାବର ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ପତ୍ତିରେ ବିନିଯୋଗ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବ୍ରହ୍ମପୁରର ୪ଟି ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଇଡିକୁ ହିସାବ ବିହୀନ ୮୪.୨୦ ଲକ୍ଷ ଟଙ୍କା ମିଳିଛି। ଏଥିସହ ଗୋଟିଏ ଅସ୍ଥାବର ସମ୍ପତ୍ତିର ଡକ୍ୟୁମେଣ୍ଟ, ଦଲିଲ୍, ମର୍ସିଡିଜ୍ କାର୍, ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଓ ଡିଜିଟାଲ୍ ଡିଭାଇସ୍ ମଧ୍ୟ ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

# ନବୀନଙ୍କ ପ୍ରଶଂସାରେ ଶତମୁଖ କେନ୍ଦ୍ରମନ୍ତ୍ରୀ ଅଠାୱଲେ

ଭୁବନେଶ୍ୱର, ୮।୧୧(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଦଳ, ମତ ନିର୍ବିଶେଷରେ ସମସ୍ତେ ସମ୍ମାନ କରନ୍ତି। ଜାତୀୟ ରାଜନୀତିରେ ନବୀନ ଜଣେ ନିର୍ବିବାଦୀୟ, ସମ୍ମାନସ୍ପଦ ନେତା ଭାବେ ପରିଗଣିତ ହେଉଥିବା ବେଳେ ଅନେକ ନେତା ତାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଏହି ତାଲିକାରେ ଏବେ ଯୋଡ଼ି ହୋଇଛନ୍ତି ଆରପିଆଇ ଅଧ୍ୟକ୍ଷ ତଥା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ। ନବୀନ ପଟ୍ଟନାୟକ ଜଣେ ବହୁତ ଭଲ ଲୋକ। ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କର ବହୁତ ଯୋଗଦାନ ରହିଛି ବୋଲି ଶ୍ରୀ ଅଠାୱଲେ କହିଛନ୍ତି।

■ ନବୀନ ଜଣେ ବହୁତ ଭଲ ଲୋକ
■ ଓଡ଼ିଶାର ବିକାଶରେ ତାଙ୍କର ବହୁତ ଯୋଗଦାନ ରହିଛି

ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବା ଶ୍ରୀ ଅଠାୱଲେ କହିଛନ୍ତି, ୨୪ବର୍ଷ ଧରି ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ଅବଧି ମଧ୍ୟରେ ଓଡ଼ିଶାରେ ସେ ଭଲ କାର୍ଯ୍ୟ କରିଛନ୍ତି। ନବୀନ ପଟ୍ଟନାୟକ ଜଣେ ବହୁତ ଭଲ ବ୍ୟକ୍ତି। ଏନ୍‌ଡିଏରେ ସେ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଆମ ସହ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଥମେ ବିଜେପି ଏବଂ ବିଜେଡି ମିଳିତ ଭାବେ ଓଡ଼ିଶାରେ ସରକାର ଗଠନ କରିଥିଲେ। ପରେ ନବୀନ ଏକାକୀ ନିର୍ବାଚନ ଲଢ଼ି ନିଜ ଦମ୍‌ରେ ଓଡ଼ିଶାରେ ସରକାର ଗଠନ କରିବା ସହ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ସହ ମୋର ବହୁତ ଭଲ ସମ୍ପର୍କ ରହିଥିଲା। ଦିଲ୍ଲୀରେ ସେ ମନ୍ତ୍ରୀ ଥିବା ବେଳେ ମୁଁ ତାଙ୍କୁ ଅନେକଥର ଭେଟିଥିଲି। ସେ ଜଣେ ଭଲ ସ୍ୱଭାବର ବ୍ୟକ୍ତି ବୋଲି ଅଠାୱଲେ କହିଛନ୍ତି।

# ଆଇଏଫ୍‌ଏଫ୍‌ଆଇରେ ୩ ଓଡ଼ିଆ ସିନେମା

ଭୁବନେଶ୍ୱର, ୮।୧୧ (ସମିସ): ଗୋଆରେ ଆସନ୍ତା ୨୦ ତାରିଖରୁ ଆୟୋଜିତ ହେବାକୁ ଥିବା ୫୬ତମ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫଏଫଆଇ) ରେ ପ୍ରଦର୍ଶିତ ହେବ ୩ ଓଡ଼ିଆ ସିନେମା। ସେଗୁଡ଼ିକ ହେଲା, ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ବିନ୍ଦୁସାଗର', ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ 'ମହିମା ଅଲେଖ' ଓ ବିଶାଳ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ମାଳିପୁଟ ମେଲୋଡିଜ୍'। ଏହାବ୍ୟତୀତ ୩ ଓଡ଼ିଆ ପ୍ରଯୋଜକଙ୍କ ଦ୍ୱାରା ନିର୍ମିତ ଅନ୍ୟ ଭାଷାର ସିନେମା ମଧ୍ୟ ଏହି ପ୍ରଦର୍ଶନୀରେ ସ୍ଥାନ ପାଇବ। ବିଶିଷ୍ଟ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ 'ପାପା ବୁକା', ଅନ୍ତର୍ଜାତୀୟ ସିନେ ନିର୍ମାତା ନୀଳମାଧବ ପଣ୍ଡାଙ୍କ ପ୍ରଯୋଜିତ 'ସ୍ୱାଇଂ ଷ୍ଟାର୍ସ' ଏବଂ ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ 'ହ୍ୱିସପର୍ସ ଅଫ୍ ଦ ମାଉଣ୍ଟେନ୍ସ' ଏଥିପାଇଁ ମନୋନୀତ ହୋଇଛି। ଆଇଏଫ୍‌ଏଫ୍‌ଆଇ ଗାଲା ପ୍ରିମିୟର୍ ଏବଂ ରେଡ୍ କାର୍ପେଟ୍ ବର୍ଗରେ 'ବିନ୍ଦୁସାଗର' ସମେତ 'ପାପା ବୁକା' ଓ 'ସ୍ୱାଇଂ ଷ୍ଟାର୍ସ' ପ୍ରଦର୍ଶିତ ହେବ ବୋଲି ଜଣାଯାଇଛି।

ଅଭିଷେକ ଦାସଙ୍କ ଦ୍ୱାରା ଲିଖିତ ଓ ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ବିନ୍ଦୁସାଗର' ଏକ ସରଳ, ସାଙ୍ଗୀତିକ ପ୍ରେମକାହାଣୀ। ଚଳଚ୍ଚିତ୍ରରେ ପ୍ରକୃତି ମିଶ୍ର, ଦୀପନ୍ୱିତ ଦାଶମହାପାତ୍ର, ସୋନାଲି ଶର୍ମିଷ୍ଠା, ସତ୍ୟରଞ୍ଜନ, ସୁକାନ୍ତ ରଥ, ରବିନ ଦାସ ଏବଂ ପ୍ରଣବ ରଥଙ୍କ ପରି ବରିଷ୍ଠ କଳାକାରମାନେ ଅଭିନୟ କରିଛନ୍ତି। ପ୍ଲାଟୁନ୍ ୱାନ୍ ଫିଲ୍ମସ୍‌ର ଶିଳାଦିତ୍ୟ ବୋରା, ବାଉଣ୍ଡଲେସ୍ ବ୍ଲାକବକ୍ ଫିଲ୍ମସ୍‌ର ବିନୟରେଡ୍ଡୀ ଓ ଶୁଭ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ଏମଡିସି ଫିଲ୍ମୱାର୍କସର ନିଖିଳ ଚୌଧୁରୀଙ୍କ ସହଯୋଗରେ ଏହି ଚଳଚ୍ଚିତ୍ରଟି ନିର୍ମାଣ କରାଯାଇଛି। ସେହିପରି, ସିନେମାରେ ପ୍ରକୃତି ମିଶ୍ର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ହ୍ୟୁମାନ୍ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଡ. ଅସୀମା ପଣ୍ଡା, ଆଶିଷ ପ୍ରଧାନ ପ୍ରମୁଖ କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ଆସନ୍ତା ୨୦୨୬ରେ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

ସେହିପରି ଇଣ୍ଡିଆନ୍ ପାନୋରାମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ବିଭିନ୍ନ ଭାଷାର ୨୦ଟି ସିନେମା ମଧ୍ୟରେ ରହିଛି କୌସ୍ତୁଭ ଡ୍ରିମୱାର୍କସ ଷ୍ଟୁଡିଓଜ୍ ପ୍ରଯୋଜିତ ଓ ବିଶାଳ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ମାଳିପୁଟ ମେଲୋଡିଜ୍' ଏବଂ ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ରାଜସ୍ଥାନୀ ସିନେମା 'ହ୍ୱିସପର୍ସ ଅଫ୍ ଦ ମାଉଣ୍ଟେନ୍ସ'। ଇଣ୍ଡିଆନ୍ ପାନୋରାମା ଅଣଫିଚର ବର୍ଗରେ କାଦମ୍ବିନୀ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପ୍ରଯୋଜିତ ଏବଂ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ମହିମା ଅଲେଖ' ମନୋନୀତ ହୋଇଛି। 'ସ୍ୱାଇଂ ଷ୍ଟାର୍ସ'କୁ ବିମୁକ୍ତି ଜୟସୁନ୍ଦର ନିର୍ଦ୍ଦେଶନା ଦେଇଥିବା ବେଳେ 'ପାପା ବୁକା'କୁ ଡକ୍ଟର ବିଜୁ କୁମାର ଦାମୋଦରନଙ୍କ ନିର୍ଦ୍ଦେଶନା ଦେଇଛନ୍ତି।







■ ୩ ଓଡ଼ିଆ ପ୍ରଯୋଜକଙ୍କ ଅନ୍ୟ ଭାଷୀ ଚଳଚ୍ଚିତ୍ର ବି ପ୍ରଦର୍ଶିତ ହେବ
■ ଗାଲା ପ୍ରିମିୟର୍‌ରେ 'ବିନ୍ଦୁସାଗର', 'ପାପା ବୁକା' ଓ 'ସ୍ୱାଇଂ ଷ୍ଟାର୍ସ'

## ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ନାହିଁ

# ଗୋଟିଏ ଦିନରେ ଦୁଇଟି ନିଯୁକ୍ତି ପରୀକ୍ଷା

ଭୁବନେଶ୍ୱର, ୮ ।୧୧(ସମିସ): ରାଜ୍ୟରେ ନିୟମିତ ଭାବେ ନିଯୁକ୍ତି ପରୀକ୍ଷା ହେଉନାହିଁ। ଫଳରେ ଯେତିକି ପରୀକ୍ଷା ହେଉଛି, ଆଶାୟୀମାନେ ତାକୁ ଚାତକ ପରି ଚାହିଁ ରହୁଛନ୍ତି। ହେଲେ ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେଉଥିବାରୁ ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା ପରି ସେମାନଙ୍କ ବର୍ଷବର୍ଷର ପରିଶ୍ରମ ପାଣିରେ ମିଳେଇ ଯାଉଛି। ପରୀକ୍ଷା ଦେବାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଉଛନ୍ତି। ଆସନ୍ତାକାଲି (ରବିବାର) ଦିନ ଏଜି ଏଏସ୍‌ଓ ଏବଂ ଆର୍‌ଆଇ ଅମିନ ପରୀକ୍ଷା ଥିବାରୁ ବହୁ ଛାତ୍ରଛାତ୍ରୀ ଗୋଟିଏ ପରୀକ୍ଷାରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

ରବିବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଏଜି ଏଏସ୍‌ଓ ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରିଚାଳିତ ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଆଇସିଡିଏସ୍ ସୁପରଭାଇଜର୍ ପଦ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ଗୋଟିଏ ଦିନରେ ଏହି ଦୁଇଟି ପରୀକ୍ଷା ଥିବାରୁ ବହୁ ମେଧାବୀ ଆଶାୟୀ କେବଳ ଗୋଟିଏ ପରୀକ୍ଷା ଦେଇପାରିବେ। ପରୀକ୍ଷା ପରିଚାଳନା କରୁଥିବା ଆୟୋଗଗୁଡ଼ିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏପରି ସ୍ଥିତି ବାରମ୍ବାର ହେଉଛି। ଏଥିପାଇଁ ଦୀର୍ଘ ବର୍ଷ ଧରି ପାଠପଢ଼ା ଜାରି ରଖିଥିବା ଆଶାୟୀମାନେ ନିରାଶ ହେବା ସହ ସରକାରଙ୍କୁ ଦାୟୀ କରିଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସରକାର ବିଫଳ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

## ଅସନ୍ତୋଷ ବ୍ୟକ୍ତ କଲେ ଆଶାୟୀ

ଜଣେ ନିଯୁକ୍ତି ଆଶାୟୀ ସୁନୀଲ କୁମାର ମିଶ୍ର କହିଛନ୍ତି ଯେ ରାଜ୍ୟରେ ବର୍ଷେ ହେଲା କୌଣସି ନୂତନ ନିଯୁକ୍ତି ବାହାରି ନାହିଁ। ଦେଢ଼ବର୍ଷ ହେଲା ନିୟମିତ ଭାବେ ପରୀକ୍ଷା ହେଉନାହିଁ। ଯାହା କିଛି ବି ପରୀକ୍ଷା ହେଉଛି, ତହିଁରେ ବ୍ୟାପକ ବିଭ୍ରାଟ ଓ ଚାକିରି ବିକ୍ରି ଘଟଣା ପଦାକୁ ଆସୁଛି। ଏତେ ସବୁ ପରେ ଯଦି ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେବ, ଆଶାୟୀମାନେ କିପରି ଧୈର୍ଯ୍ୟ ରଖିବେ ବୋଲି ପ୍ରଶ୍ନ କରିଛନ୍ତି। ଦିନକୁ ଦିନ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଉଥିବାରୁ ନିଯୁକ୍ତି ପରୀକ୍ଷାକୁ ବ୍ୟବସ୍ଥିତ କରିବା ସହ ନୂତନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସେ ଦାବି କରିଛନ୍ତି।

# କାର୍ ଧକ୍କାରେ ୨ କଲେଜ ଛାତ୍ରୀ ମୃତ

ଆନନ୍ଦପୁର, ୮।୧୧ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ବାରିଗାଁ ନିକଟ ୨୦ ନଂ ଜାତୀୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ୨ କଲେଜ ଛାତ୍ରୀ ପ୍ରାଣ ହରାଇଛନ୍ତି। ମୃତ ଛାତ୍ରୀଦ୍ୱୟ ହେଲେ, +୩ ଦ୍ୱିତୀୟ ବର୍ଷର





■ ୨୦ ନମ୍ବର ରାଜପଥ ୫ଘଣ୍ଟା ଅବରୋଧ
■ କାର୍ ପାଣିକୋଇଲି ଥାନାଞ୍ଚଳରୁ ଜବତ

ଛାତ୍ରୀ ଅନ୍ନପୂର୍ଣ୍ଣା ପାତ୍ର ଓ +୩ ତୃତୀୟ ବର୍ଷର ଦୀପାଞ୍ଜଳି ସାହୁ। ଉଭୟ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ପଢୁଥିଲେ। ଅନ୍ନପୂର୍ଣ୍ଣାଙ୍କ ଘର ସିଆପଡ଼ାରେ ହୋଇଥିବା ବେଳେ ଦୀପାଞ୍ଜଳିଙ୍କ ଘର ବେଲବାହାଳି ଗାଁରେ ବୋଲି ଜଣାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଦ୍ୱୟଙ୍କ ପରିବାରକୁ ସହାୟତା ଓ ଦୁର୍ଘଟଣା ଘଟାଇଥିବା ଗାଡ଼ିର ଚାଳକଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ବାରିଗାଁଠାରେ ରାଜପଥକୁ ପାଖାପାଖି ୫ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶହଶହ ଧରି ଯାନବାହନ ଅଟକି ରହିଥିଲା।

ସୂଚନାନୁସାରେ, ଶନିବାର କ୍ଲାସ୍ ସାରିବା ପରେ ଉଭୟ ଅନ୍ନପୂର୍ଣ୍ଣା ଓ ଦୀପାଞ୍ଜଳି ସାଇକେଲରେ ଘରକୁ ଫେରୁଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୧ଟା ବେଳେ ବାରିଗାଁ ନିକଟରେ ଏକ ଦ୍ରୁତଗାମୀ କାର୍ ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ଦୁହିଁଙ୍କୁ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ତଦନ୍ତ ଆରମ୍ଭ କରିଛି। ପାଣିକୋଇଲି ପୁଲିସ ଦୁର୍ଘଟଣା ଘଟାଇଥିବା ଉକ୍ତ କାର୍‌କୁ (ଓଡି୩୩ଏ୦୮୨୩୨) କୁ ଠାବ କରି ଅଟକ ରଖିଥିବା ଜଣାପଡ଼ିଛି। ଖବର ଜଣାପଡ଼ିବା ପରେ ସଂଧ୍ୟା ସାଢ଼େ ୬ଟାରେ ରାସ୍ତାରୋକ ହଟିଥିଲା ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଦେଢ଼ କୋଟି ଟଙ୍କାର ଗଞ୍ଜେଇ ସହ କାର୍ ଜବତ

ସୁନାବେଡ଼ା, ୮।୧୧(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଅଞ୍ଚଳରୁ ପୁଲିସ ଦେଢ଼କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି। ମାଫିଆମାନେ ମାଛକୁଣ୍ଡରୁ ବିପୁଳ ପରିମାଣର ଗଞ୍ଜେଇ ନେଇ ସୁନାବେଡ଼ା ଅଭିମୁଖେ ଯାଉଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ସୁନାବେଡ଼ା ଥାନା ଇନ୍ସପେକ୍ଟର୍ ଚରଣ ସିଂହ ମାଝୀଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ସାନ ବୋଡିଙ୍ଗା ନିକଟରେ ଡେରା ପକାଇଥିଲା। ଏହି ସମୟରେ ସୁନାବେଡ଼ା ଅଭିମୁଖେ ଆସୁଥିବା ଏକ କାର୍(ଓ ଆର-୦୨-ଏଏଲ -୦୮୦୧) ଉପରେ ପୁଲିସର ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୨୮୩ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହାର ବଜାର ମୂଲ୍ୟ ପ୍ରାୟ ଦେଢ଼ କୋଟି ଟଙ୍କା ହେବ ବୋଲି ପୁଲିସ କହିଛି। ଗଞ୍ଜେଇ ସହ ପୁଲିସ ଉକ୍ତ କାର୍‌କୁ ଜବତ କରିଥିବା ବେଳେ ଅଭିଯୁକ୍ତମାନେ ପୁଲିସ ଆଖିରେ ଧୂଳି ଦେଇ ଫେରାର୍ ହୋଇଯାଇଥିଲେ।



# ୧୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଭୁବନେଶ୍ୱର,୮ ।୧୧ (ସମିସ): ଆସନ୍ତା ୧୦ ତାରିଖ ଅର୍ଥାତ୍ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପଇଛି।

# ନୂଆପଡ଼ା ନିର୍ବାଚନରେ 'ଏଆଇ ୱାର୍'

ଭୁବନେଶ୍ୱର, ୮।୧୧ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ସରଗରମ ହୋଇଛି ରାଜ୍ୟ ରାଜନୀତି। ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠାରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳରେ ହେଭିୱେଟ୍ ନେତାମାନେ ନୂଆପଡ଼ାରେ ଡେରା ପକାଇଛନ୍ତି। ଦଳଗୁଡ଼ିକ ନିଜନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ଯୋଗାଡ଼ ପାଇଁ ନାନା କୌଶଳ ଆପଣାଇଥିବା ବେଳେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିଡିଓ ଓ ଫଟୋ ମଧ୍ୟ ଭୋଟରଙ୍କୁ ପ୍ରଭାବିତ କରିବାର ଏକ ପ୍ରମୁଖ ମାଧ୍ୟମ ସାଜିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସୋସିଆଲ ମିଡିଆ ଆକାଉଣ୍ଟମାନଙ୍କର ଫଟୋ, ଭିଡିଓ ଓ ରିଲ୍ସ ସାଙ୍ଗକୁ ଏଆଇ ଭିଡିଓଗୁଡ଼ିକୁ ପୋଷ୍ଟ କରାଯାଇଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ପଡ଼ିଥିବା ବେଳେ ଉଭୟ ବିଜେଡି ଏବଂ ବିଜେପି ମଧ୍ୟ କଡ଼ା ଫାଇଟ୍ ଦେଖିବାକୁ ମିଳୁଛି।

ଅନ୍ୟପଟେ, ନୂଆପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ 'ଏଆଇ ଫାଇଟ୍' ଯୋଗୁଁ ଅନେକ ଭୋଟ୍‌ର ଦ୍ୱନ୍ଦ୍ୱରେ ପଡ଼ିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ନିର୍ବାଚନମଣ୍ଡଳୀରେ ପ୍ରାୟ ୪୦ ପ୍ରତିଶତ ଆଦିବାସୀ ଭୋଟର୍ ରହିଛନ୍ତି। ସାଧାରଣତଃ ଏମାନେ ସରଳ ବିଶ୍ୱାସୀ। ତେଣୁ ଏଆଇ ଭିଡିଓଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବା ଏମାନଙ୍କ ପକ୍ଷେ ସମ୍ଭବ ନୁହେଁ। ଅନେକେ ଏଆଇ ଭିଡିଓକୁ ସତ ବୋଲି ମଧ୍ୟ ବିଚାର କରିନେଉଛନ୍ତି। ଫଳରେ ଏଆଇ ଭିଡିଓ ଓ ଫଟୋର ପ୍ରଭାବ ଭୋଟର୍‌ଙ୍କ ଉପରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

■ ଆରୋପ ପ୍ରତ୍ୟାରୋପରେ ଏଆଇ ଭିଡିଓ, ଦ୍ୱନ୍ଦ୍ୱରେ ଭୋଟର୍
■ ସମ୍ବେଦନଶୀଳ ଭିଡିଓକୁ ନେଇ ସିଇଓଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ

ନିର୍ବାଚନ କମିସନଙ୍କ ଗାଇଡ୍‌ଲାଇନ୍ ଅନୁସାରେ, କୌଣସି ରାଜନୈତିକ ଦଳ ସେମାନଙ୍କ ପ୍ରଚାର ପାଇଁ କୌଣସି ଭିଡିଓ ଜାରି କରିବା ପୂର୍ବରୁ ଏହାର ଅନୁମତି ନେବା ବାଧ୍ୟତାମୂଳକ। ହେଲେ ଏଆଇ ଭିଡିଓ କ୍ଷେତ୍ରରେ ଏହା କେତେ କାର୍ଯ୍ୟକାରୀ ହେଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦିଓ ଏଆଇ ଭିଡିଓଗୁଡ଼ିକ ପୋଷ୍ଟ କରୁଥିବା ରାଜନୈତିକ ଦଳଗୁଡ଼ିକ ଏଥିରେ ନିଜନିଜ ଦଳର ୱାଟର୍‌ମାର୍କ ରଖିବାର ନିୟମ ରହିଛି, ହେଲେ ଏହା ମଧ୍ୟ ପାଳନ ହେଉନଥିବା ଦେଖିବାକୁ ମିଳିଛି। ବିଶେଷକରି ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିଜନିଜ ଦଳୀୟ ସୋସିଆଲ ମିଡିଆ ଆକାଉଣ୍ଟ ପରିବର୍ତ୍ତେ ପ୍ରଚ୍ଛଦପଟରେ ରହୁଥିବା ଆଇଟି ସେଲ୍, ବିଭିନ୍ନ ଫ୍ୟାନ୍ ପେଜ୍ ଓ ଅନ୍ୟ ଆକାଉଣ୍ଟଗୁଡ଼ିକରେ ପୋଷ୍ଟ କରୁଛନ୍ତି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହୁଛି। ତେବେ ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିବା ବେଳେ ଏଭଳି କୌଣସି ଭିଡିଓ ପ୍ରସାରିତ ହେଉଥିଲେ ତୁରନ୍ତ ତାଙ୍କ ଦୃଷ୍ଟିକୁ ଆଣିବାକୁ କହିଛନ୍ତି। ଏଭଳି ଭିଡିଓ ପ୍ରସାରଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉକି, ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ମତଦାନ ହେବାକୁ ଥିବା ବେଳେ ୯ ତାରିଖରେ ପ୍ରଚାର ଶେଷ ହେଉଛି।

# ୨୫ରେ ଏସ୍‌ୟୁସିଆଇ ପକ୍ଷରୁ ରାଜଧାନୀରେ ବିଶାଳ ବିକ୍ଷୋଭ

ଅନୁଗୋଳ,୮ ।୧୧(ସମିସ):




ରାଜ୍ୟର ଚାଷୀ, ମୂଲିଆ, ମହିଳା, ଛାତ୍ର, ଯୁବକ, ଶ୍ରମିକ, କର୍ମଚାରୀ ଆଦି ସବୁ ସ୍ତରର ଜନଗଣଙ୍କ ଜୀବନ ଜୀବିକାର ନ୍ୟାଯ୍ୟ ଦାବି ନେଇ ରାଜ୍ୟର ସମସ୍ତ ୩୦ ଜିଲ୍ଲାରୁ ହଜାର ହଜାର ଲୋକଙ୍କୁ ନେଇ ଆସନ୍ତା ନଭେମ୍ବର ୨୫ ରାଜ୍ୟ ସଚିବାଳୟ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ। ଏହି ଗଣ ବିକ୍ଷୋଭରେ ଅନୁଗୋଳ ଜିଲ୍ଲାରୁ ପ୍ରାୟ ୩ହଜାର ଜନସାଧାରଣ ଯୋଗଦେବେ ବୋଲି ଶନିବାର ଦଳ ପକ୍ଷରୁ ଶିକ୍ଷକପଡ଼ାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

ଡବଲ ଇଞ୍ଜିନ୍ ସରକାର ରାଜ୍ୟରେ କ୍ଷମତାସୀନ ହେବା ପୂର୍ବରୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିବା ତ ଦୂର କଥା ବରଂ ଠିକ୍ ବିପରୀତ କାମ କରି ଚାଲିଛନ୍ତି। ମହିଳାମାନଙ୍କ ପ୍ରତି ଅସଦାଚରଣରେ ଓଡ଼ିଶା ଆଜି ଦେଶର ଶୀର୍ଷ ସ୍ଥାନରେ ପହଞ୍ଚିଛି। ପ୍ରତିଦିନ ରାଜ୍ୟରେ ଦୁଷ୍କର୍ମ, ହତ୍ୟା ଘଟୁଛି। ମଦମୁକ୍ତ ଓଡ଼ିଶାର ପ୍ରତିଶ୍ରୁତି ପାଳନ ବଦଳରେ ସରକାର ୭୦ଟି ମଦ ଦୋକାନ ଓ ୩ଟି ମଦ କାରଖାନା ଖୋଲିବାକୁ ଘୋଷଣା କରିଛନ୍ତି। ଓଡ଼ିଆ ଅସ୍ମିତାର କଥା କହୁଥିବା ସରକାର ଓଡ଼ିଆ ମାଧ୍ୟମ ସ୍କୁଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ପରିବର୍ତ୍ତେ ସ୍ମାର୍ଟ ମିଟର ବସାଇ ଉପଭୋକ୍ତାଙ୍କୁ ଲୁଟ୍ କରାଯାଉଛି। ଜମି, ଜଳ, ଜଙ୍ଗଲ ଓ ଖଣିଖାଦାନ ସବୁକିଛି ଘରୋଇ କମ୍ପାନୀମାନଙ୍କ ହାତରେ ଶାଗମାଛ ଦରରେ ଟେକି ଦିଆଯାଉଛି। ଅନୁଗୋଳ ଜିଲ୍ଲାରେ ମଧ୍ୟ ଶିଳ୍ପାୟନ ଯୋଗୁଁ ଧୂଳି, ଧୂଆଁ, ପାଉଁଶରେ ଜନସାଧାରଣ ହନ୍ତସନ୍ତ ହୋଇ ନାନା ରୋଗରେ ପୀଡ଼ିତ ହେଉଥିଲେ ବି ଉନ୍ନତମାନର ଚିକିତ୍ସା ସୁବିଧା ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେଫେରାଲ୍ ହସ୍ପିଟାଲ ଭଳି କାର୍ଯ୍ୟ କରୁଛି। ଜିଲ୍ଲାରେ ପ୍ରତିଷ୍ଠିତ ଖଣି, କାରଖାନାରେ ସ୍ଥାନୀୟ ବେକାର ଯୁବକ-ଯୁବତୀଙ୍କୁ ନିଯୁକ୍ତି ନାହିଁ। କ୍ଷତିଗ୍ରସ୍ତ ବିସ୍ଥାପିତଙ୍କୁ ଘରୋଇ କମ୍ପାନୀ, ପୁଲିସ ଓ ପ୍ରଶାସନର ନାଲିଆଖି ଦେଖିବାକୁ ପଡୁଛି। ସୁରେଶ୍ୱରୀ, ହିଡ଼ସିଙ୍ଗ, ଧଉରାଗୋଠ ଜଳସେଚନ ଯୋଜନା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉନାହିଁ। ହାତୀଙ୍କ ଦୌରାତ୍ମ୍ୟ ଜିଲ୍ଲାରେ ସର୍ବତ୍ର। ମହିଳାଙ୍କୁ ସୁରକ୍ଷା ନାହିଁ। ଗାଁରେ ଗାଁରେ ମଦର ବ୍ୟାପକ ପ୍ରସାର। ଘରୋଇ ବିଦ୍ୟୁତ୍ କମ୍ପାନୀ ଘରେ ଘରେ ସ୍ମାର୍ଟ ମିଟର ବସାଇବାକୁ ଅଣ୍ଟା ଭିଡ଼ିଛନ୍ତି। ଅଭୟାରଣ୍ୟରୁ ଅଧିବାସୀଙ୍କୁ ତଡ଼ିବା ପାଇଁ ପ୍ରଶାସନ ନାନା କୌଶଳ ଆପଣାଉଛି। ଜିଲ୍ଲାରେ ସରକାରୀ ଶୀତଳଭଣ୍ଡାର ନାହିଁ। ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି। ଅନେକ ସ୍କୁଲରେ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀର ଅଭାବ ଆଦି ସମସ୍ୟା ରହିଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏଣୁ ସମସ୍ତ ପ୍ରକାର ସହଯୋଗ ଦେବାସହ ବ୍ୟାପକ ସଂଖ୍ୟାରେ ବିକ୍ଷୋଭରେ ସାମିଲ ହେବା ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକ, ମାନସୀ ସ୍ୱାଇଁ, ରଣଜିତ ପ୍ରଧାନ, କୈଳାସ ସାହୁ, ସଞ୍ଜୟ ସାହୁ, ପରମାନନ୍ଦ ସାହୁ, ଟୁନା ନାଏକ ପ୍ରମୁଖ ନିବେଦନ କରିଛନ୍ତି।

## ଅନ୍ଧାରରେ ୮ ଦିନ ରହିଲେ ଗମ୍ଭାରୀମଳିହା ଗ୍ରାମବାସୀ



କିଶୋରନଗର,୮ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଗମ୍ଭାରୀମଳିହା ଗ୍ରାମବାସୀ ଅନ୍ଧାରରେ ୮ ଦିନ ରହିଲା ପରେ ଶନିବାର ସକାଳ ୭ଟାରେ ଗ୍ରାମର ପୁରୁଷ ମହିଳା ଏକତ୍ରିତ ହୋଇ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଖବର ପାଇ ଘଟଣାସ୍ଥଳରେ କିଶୋରନଗର ଥାନା ଅଧିକାରୀ ବିଭୂତି ପ୍ରଧାନ, ବିଧାୟକଙ୍କ ପ୍ରତିନିଧି କୁମୁଦ ଚନ୍ଦ୍ର ପ୍ରଧାନ, ସମାଜସେବୀ କୁଶ ନାୟକ, ବାମୁର ବିଦ୍ୟୁତ ବିଭାଗ ଜେଇ ପହଞ୍ଚି ଆଲୋଚନା କରିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ ଓ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇଥିଲା। ସୂଚନା ଅନୁଯାୟୀ, ଗତ ୩୧ ତାରିଖ ଧଉରପାଲି ସେକ୍ସନରେ ଆସୁଥିବା ଗମ୍ଭାରୀମଳିହା ଗ୍ରାମରୁ ବିଦ୍ୟୁତ ବିଭାଗ ବିନା ସୂଚନାରେ ବିଦ୍ୟୁତ ବିଚ୍ଛିନ୍ନ କରିଥିଲା। ଫଳରେ ଛାତ୍ରଛାତ୍ରୀ, ଗ୍ରାମବାସୀ ଅନ୍ଧାରରେ ରହିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ବିଦ୍ୟୁତ ବିଭାଗ ଜେଇଙ୍କୁ ଜଣାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରି ନ ଥିଲେ। ଏହି ଅଞ୍ଚଳରେ ଜନ୍ତୁ ଶିକାର ପାଇଁ ୧୧ କେଭି ବିଦ୍ୟୁତ ତାରରେ ହୁକ ପକାଇବା ଦ୍ୱାରା ଏପରି ସମସ୍ୟା ଉପୁଜୁଥିବା କନିଷ୍ଠ ଯନ୍ତ୍ରୀ କହିଥିଲେ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର,୮ ।୧୧(ସମିସ): କିଶୋରନଗର +୨ ମହାବିଦ୍ୟାଳୟ ତରଫରୁ ଅଧ୍ୟାପକ ବାବୁଲାଲ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟାପିକା ସୁନେଲି ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ଦଧିବାମନ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, କିରାଣି ତୋଫାନ ଦାସ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଧାନ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ପ୍ରଧାନ ନିଜ ଅଧ୍ୟାପନା ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ତାଙ୍କୁ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟ ତରଫରୁ ଉତ୍ତରୀୟ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରନ୍ଥାଗାରିକ ଦେବରାଜ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ମହେନ୍ଦ୍ର କନ୍ଧପାଣି ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଦିଲୀପ ମହାରଣା, ପୂର୍ଣ୍ଣଚନ୍ଦ୍ର ବବର୍ତ୍ତୀ, ସନ୍ଦେଶ ମେହେର, ସୁଶାନ୍ତ ପ୍ରଧାନ, ଶୁଭେନ୍ଦୁ ସାହୁ, ଅଧ୍ୟାପିକା ଐଶ୍ୱର୍ଯ୍ୟା ମିଶ୍ର, ସାରଦା ମହାକୁଡ଼, ବିଭୂଷିତା ସାହୁ, ପ୍ରିୟଙ୍କା ସ୍ୱାଇଁ, ନିକିତା ବେହେରା ସହଯୋଗ କରିଥିଲେ।

■ ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘ

## ୧୬ ବର୍ଷରୁ କମ୍ ଦଳ ଚୟନ ନିମନ୍ତେ ଖେଳାଳି ପଞ୍ଜୀକରଣ

ଅନୁଗୋଳ,୮ ।୧୧(ସମିସ): ଓଡ଼ିଶା କ୍ରିକେଟ ସଂଘ ଆନୁକୂଲ୍ୟରେ ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘ ତତ୍ତ୍ୱାବଧାନରେ ଚଳିତ ନଭେମ୍ବର ମାସରେ ହେବାକୁ ଥିବା ୧୬ ବର୍ଷରୁ କମ୍ ସ୍କୁଲ୍ ଇଣ୍ଟ୍ରା କ୍ରିକେଟ ପ୍ରତିଯୋଗିତା ନିମନ୍ତେ ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତା ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ ସକାଳ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ ୧ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କଦମ୍‌ପଡ଼ିଆସ୍ଥିତ ଜିଲ୍ଲା କ୍ରିକେଟ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳିମାନେ ନିଜ ଜନ୍ମଗତ (ଡିଜିଟାଲ) ପ୍ରମାଣପତ୍ର, ଆଧାର ପ୍ରମାଣପତ୍ର, ସ୍କୁଲରେ ପଢୁଥିବାର ପ୍ରମାଣପତ୍ର (ସପ୍ତମରୁ ଦଶମ ପର୍ଯ୍ୟନ୍ତ ହେଡ୍ ମାଷ୍ଟରଙ୍କ ସ୍ୱୀକୃତ) ଓ ନିଜର ୨ଟି ପାସ୍‌ପୋର୍ଟ୍ ଫଟୋ ସହ ସଂଘ କାର୍ଯ୍ୟାଳୟରେ ଉପସ୍ଥିତ ରହି ନାମ ପଞ୍ଜୀକରଣ କରାପାରିବେ ବୋଲି କୁହାଯାଇଛି।

## ହାତୀ ଆକ୍ରମଣରେ ଜଣେ ମୃତ

■ ଘଟଣାସ୍ଥଳରେ ଉତ୍ତେଜନା

ଅନୁଗୋଳ,୮ ।୧୧(ସମିସ): ଅନୁଗୋଳ ବନାଞ୍ଚଳ ଅଧୀନ ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତ କୁସୁମପାଟ ଗାଁ କେନ୍ଦୁନାଳ ଜଙ୍ଗଲ ନିକଟରେ ଶନିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନନ୍ଦପୁର ଗାଁର ବିଦ୍ୟାଧର ସାହୁଙ୍କ ପୁଅ ନିନୁ ସାହୁ (୪୫)। ସବୁଦିନ ଭଳି ଶନିବାର ସକାଳେ ନିନୁ ଗାଁଠାରୁ ୨ କିମି ଦୂର କେନ୍ଦୁନାଳ ଜଙ୍ଗଲକୁ ଛେଳି ଖାଦ୍ୟ ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ଏକ ଦାନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ନିନୁଙ୍କୁ ଟେକି କଚାଡ଼ି ଦେବା ସହ ଦଳିଚକଟି ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଜଙ୍ଗଲକୁ ନିନୁଙ୍କ ଭାଇ ଛେଳି ଚରାଇବାକୁ ଯାଇଥିବା ବେଳେ ନିନୁଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଅନୁଗୋଳ ବନପାଳ ଉଦ୍ଧବ ବେହେରା ଓ ବିଭାଗୀୟ କର୍ମଚାରୀ, ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଏ ନେଇ ଅନୁଗୋଳ ଡିଏଫଓ ନୀତୀଶ କୁମାର କହିଛନ୍ତି, ମୃତକଙ୍କ ପରିବାରଙ୍କୁ ଅଗ୍ରୀମ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଖୁବଶୀଘ୍ର ସରକାରଙ୍କ ନିୟମ ଅନୁଯାୟୀ ଅନୁକମ୍ପା ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଲେ

ବଇଣ୍ଡା,୮ ।୧୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ଗ୍ରାମର ଜଣେ ଯୁବକଙ୍କୁ ଶୁକ୍ରବାର କିଛି ଯୁବକ ଖଣ୍ଡାରେ ଗୋଡ଼େଇ ଗୋଡ଼େଇ ହାଣିଛନ୍ତି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ୫/୬ ଜଣ ଦୁର୍ବୃତ୍ତ ଉକ୍ତ ଯୁବକଙ୍କୁ ପ୍ରଥମେ ମାଡ଼ ମାରିବା ପରେ ଏକ ଖଣ୍ଡାରେ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ଯୁବକଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଶଶିଭୂଷଣ ବେହେରା କହିଛନ୍ତି।

କାଦୁଅରେ ଫସିଗଲା ଛୁଆ ହାତୀ

## ସକାଳ ହେଇଯିବାରୁ ଛାଡ଼ି ଚାଲିଗଲା ମା'



ଅନୁଗୋଳ,୮ ।୧୧(ସମିସ): ଅନୁଗୋଳ ବନଖଣ୍ଡ ଶ୍ୟାମସୁନ୍ଦରପୁର ଗାଁ ନିକଟ ଏକ ଧାନ କ୍ଷେତରେ ଶୁକ୍ରବାର ରାତିରେ ଏକ ଛୁଆ ହାତୀ କାଦୁଅରେ ଫସିଯାଇଥିଲା। ହାତୀ ଛୁଆଟି ପ୍ରାୟ ଏକମାସର ହୋଇଥିବା ଜଣାପଡ଼ିଛି। ତେବେ ସକାଳ ହୋଇଯିବାରୁ ମା' ହାତୀ ତାକୁ ଛାଡ଼ି ପଳାଇଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ଗତ କିଛିମାସ ହେବ ୪୫ଟିକିଆ ହାତୀପଲ ଅନୁଗୋଳ ସହର ଉପକଣ୍ଠ ବିଭିନ୍ନ ଗାଁରେ ବିଚରଣ କରୁଛନ୍ତି। ବେଣ୍ଟପୁର ଅଞ୍ଚଳରୁ ଲୋକେ ଘଉଡ଼ାଇବା ପରେ ଏହି ହାତୀପଲ ମନ୍ଦରଗିରି ଅଞ୍ଚଳକୁ ଚାଲି ଆସୁଛନ୍ତି। ପୁଣି କିଛିଦିନ ରହିବା ପରେ ବନ୍ତଳା ନଚେତ ପୁନଃ ବେଣ୍ଟପୁର ଅଞ୍ଚଳକୁ ଯାଉଛନ୍ତି। ଇତିମଧ୍ୟରେ ଶୁକ୍ରବାର ରାତିରେ ହାତୀପଲ ଧାନ ଖାଇବା ଉଦ୍ଦେଶ୍ୟରେ ଶ୍ୟାମସୁନ୍ଦରପୁର ଅଞ୍ଚଳକୁ ଆସିଥିଲେ। ଏହି ଦଳରେ ଏକ ନବଜାତ ଶାବକ ମଧ୍ୟ ରହିଥିଲା। ମାଆ ହାତୀ ସହ ଶାବକ ମଧ୍ୟ ଧାନ ଖାଇବାକୁ ବିଲକୁ ପଶିଥିଲା। ତେବେ ଶାବକଟି ବିଲରେ ଥିବା କାଦୁଅରେ ଫସିଯାଇଥିଲା। ସକାଳ ହେବାରୁ ହାତୀପଲ ମନ୍ଦରଗିରି ଜଙ୍ଗଲ ଆଡ଼କୁ ଚାଲି ଯାଇଥିବା ବେଳେ ଶାବକଟି କାଦୁଅରୁ ଉଠିପାରି ନ ଥିଲା। ଫଳରେ ତା' ମା' ଛୁଆକୁ ଛାଡ଼ି ଜଙ୍ଗଲ ଆଡ଼କୁ ଚାଲିଯାଇଥିଲା। ସକାଳେ ବିଲକୁ କିଛି ଚାଷୀ ଯାଇଥିବା ବେଳେ ହାତୀଛୁଆକୁ ଦେଖି ବନ ବିଭାଗକୁ ଖବର କରିଥିଲେ। ଅନୁଗୋଳ ବନବିଭାଗ କର୍ମଚାରୀ ରଞ୍ଜନ ପ୍ରଧାନଙ୍କ ସମେତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ ବିଭାଗ ଟିମ୍ ଛୁଆ ହାତୀକୁ ଉଦ୍ଧାର କରି କୁଲାସିଙ୍ଗା ଫରେଷ୍ଟ ବିଟ ନିକଟରେ ରଖାଯାଇଛି। ବନବିଭାଗ ହାତୀ ଶାବକକୁ ନିଜ ଦଳ ସହ ମିଶାଇବକୁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି।

## ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଏୟାର ଆଡଭେଞ୍ଚର ଶୋ'




ଅନୁଗୋଳ,୮ ।୧୧(ସମିସ): ଜିନ୍ଦଲ ଷ୍ଟିଲ୍ ଅନୁଗୋଳ ପକ୍ଷରୁ ଭର୍ଟିକାଲ୍ ଇଣ୍ଡିଆ ସହଯୋଗରେ "ଏୟାର ଆଡଭେଞ୍ଚର୍ ଶୋ'-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ରୋମାଞ୍ଚକର ଏୟାର ସୋ' କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ଲୋକଙ୍କୁ ଆକାଶରେ ଏକ ସ୍ମରଣୀୟ ଅଭିଜ୍ଞତା ଦେବା ସହ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଆଣିଥିଲା। ସାବିତ୍ରୀ ଜିନ୍ଦଲ ବିମାନବନ୍ଦରରେ ଅନୁଷ୍ଠିତ ଏହି ୬ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗରେ ପ୍ରାୟ ୬୦୦ ଜଣ ଅଂଶଗ୍ରହଣ କରିଥିଲେ। ଆକାଶମାର୍ଗରେ ଅଂଶଗ୍ରହଣକାରୀଙ୍କ ଉତ୍ସାହ ସ୍ପଷ୍ଟ ବାରି ହୋଇପଡୁଥିଲା। କାର୍ଯ୍ୟକ୍ରମରେ ପାରାମୋଟରିଂ, ପାରାସେଲିଂ ଏବଂ ହଟ୍‌ବେଲୁନରେ ଯାତ୍ରା କରିବାର ସୁବିଧା କରାଯାଇଥିଲା, ଯାହା ଆକାଶମାର୍ଗରୁ ଅନୁଗୋଳର ମନୋରମ ଦୃଶ୍ୟ ଦେଖିବାର ସୁଯୋଗ ସୃଷ୍ଟି କରିଥିଲା। ତିନିଟି ଭିନ୍ନ ଭିନ୍ନ ଉଡ଼ାଣ ଛେଣ୍ଟିପଦା ଅଞ୍ଚଳରେ ୪୦୦ରୁ ଅଧିକ ଥର ଆକାଶମାର୍ଗରେ ବୁଲିଥିଲା। ସେହିପରି ଦୁଇଟି ହଟ୍ ବେଲୁନ୍ ଅଲଗା ଅଲଗା ସ୍ଥାନରୁ ପରିଚାଳିତ ହେଉଥିଲା। ଯାହା ଅତିଥି ତଥା ଅଂଶଗ୍ରହଣକାରୀଙ୍କୁ ବିଶେଷ ମୁହୂର୍ତ୍ତର ଭରପୂର ଆନନ୍ଦ ନେବା ସହ ଆକାଶରେ କିଛି ସ୍ମୃତି ସାଉଁଟିବାର ସୁଯୋଗ ଆଣିଥିଲା। କର୍ମଚାରୀଙ୍କ ସହଭାଗିତାକୁ ସୁଦୃଢ଼ କରିବା ସହିତ ସମ୍ପ୍ରଦାୟ ସହ ସମ୍ପର୍କକୁ ମଜବୁତ କରିବା ନିମନ୍ତେ ଜିନ୍ଦଲ ଷ୍ଟିଲର ମାନବ ସମ୍ବଳ ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।




## ତାଳଚେର ଥର୍ମାଲର ୫୧ତମ ପ୍ରତିଷ୍ଠା ଦିବସ



ତାଳଚେର,୮ ।୧୧(ସମିସ): ତାଳଚେର ଥର୍ମାଲର ୫୧ତମ ପ୍ରତିଷ୍ଠା ଦିବସ ଶନିବାର ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ଥର୍ମାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଯୋଗଦେଇଥିଲେ। ମହାପ୍ରବନ୍ଧକ (ପ୍ରକଳ୍ପ) ଡ. ଜେପି ରାଏ, ମହାପ୍ରବନ୍ଧକ (ଯାନ୍ତ୍ରିକ ପ୍ରତିଷ୍ଠା) ପ୍ରବୀର କୁମାର ଏବଂ ଏନଟିପିସିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରକଳ୍ପ ପରିସରରେ ୫ଶହ ଚାରା ରୋପଣ କରାଯାଇଥିଲା। ପରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚାନ୍ଦ ଏନଟିପିସି ପତାକା ଉତ୍ତୋଳନ କରିଥିଲେ। ସାଗରୀକା ଲେଡିଜ୍ କ୍ଲବ ସଦସ୍ୟା, ସିଆଇଏସଏଫ କର୍ମଚାରୀ ଏବଂ ଥର୍ମାଲର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ସମାବେଶକୁ ସମ୍ବୋଧିତ କରି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ତାଳଚେର ଥର୍ମାଲ କର୍ମଚାରୀ ଓ ଶ୍ରମିକମାନଙ୍କ ସମର୍ପଣ ମନୋଭାବକୁ ପ୍ରଶଂଶା କରିଥିଲେ।

## କୋଇଲା ଟ୍ରେନ୍‌ର ୪ ବଗି ଲାଇନଚ୍ୟୁତ

କଣିହାଁ,୮ ।୧୧(ସମିସ): କଣିହାଁସ୍ଥିତ ଆମ୍ରପାଳ ଲେବୁଲ୍ କ୍ରସିଂଠାରେ ଶନିବାର ଏନଟିପିସି କୋଇଲା ବୋଝେଇ ଟ୍ରେନ୍‌ର ୪ ବଗି ଲାଇନ୍‌ଚ୍ୟୁତ ହୋଇଛି। ରାଜ୍ୟ ବାହାରୁ ଏନଟିପିସିକୁ ଏକ ମାଲବାହୀ ଟ୍ରେନ କୋଇଲା ନେଇ ଆସୁଥିବା ବେଳେ କୌଣସି କାରଣରୁ ଲେବୁଲ କ୍ରସିଂ ନିକଟରେ ଏହାର ୪ ବଗି ଲାଇନଚ୍ୟୁତ ହୋଇଥିଲା। ତେବେ ଏଥିରେ କୌଣସି ଜୀବନ ହାନି ହୋଇ ନ ଥିବା ଜଣାପଡ଼ିଛି। ଦୁର୍ଘଟଣା ଯୋଗୁଁ ଏନଟିପିସି ବୃହତ ତାପଜ ବିଦ୍ୟୁତ କେନ୍ଦ୍ରକୁ ତାଳଚେରରୁ କୋଇଲା ପରିବହନ ବନ୍ଦ ରହିଥିଲା। ସନ୍ଧ୍ୟାରେ ଏନଟିପିସି ତରଫରୁ ଲାଇନଚ୍ୟୁତ ବଗିଗୁଡ଼ିକୁ ଉଦ୍ଧାର କରାଯାଇ ଟ୍ରାକ କ୍ଲିୟର କରାଯାଇଥିବା ସୂଚନା ମିଳିଛି।



## ନାବାଳିକାଙ୍କୁ ଅସଦାଚରଣ; ଅଭିଯୁକ୍ତ ଗିରଫ

କଣିହାଁ,୮ ।୧୧(ସମିସ): କଣିହାଁ ବ୍ଲକ ତଥା ଏନଟିପିସି ଟାଉନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କଣିହାଁ ବ୍ଲକ ଚନ୍ଦ୍ରବିଲ ଗ୍ରାମର ସୁମିତ ବାରିକ (୨୦)। ସୁମିତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ମା' ଗତ ଅକ୍ଟୋବର ୧୯ ତାରିଖ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ନାବାଳିକାଙ୍କୁ ସୁମିତ ଅସଦାଚରଣ କରିଥିବା ପୁଲିସ ଜାଣିବାକୁ ପାଇଥିଲା।

## 'ବନ୍ଦେ ମାତରମ୍' ଗୀତ ନୁହେଁ ଏକ ମନ୍ତ୍ର



କିଶୋରନଗର,୮ ।୧୧(ସମିସ): ବନ୍ଦେ ମାତରମ ଗୀତ ରଚନାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଅନୁଯାୟୀ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ପୁରୁଷୋତ୍ତମ ସାହୁ, ଶୁଭଶ୍ରୀ ବିଶ୍ୱାଳ, ରୋଜାଲିନ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବନ୍ଦେ ମାତରମ ଏକ ଗୀତ ନୁହେଁ, ଏକ ମନ୍ତ୍ର ଓ ଭାରତୀୟ ସାଂସ୍କୃତିକ ବିପ୍ଳବରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ଅତିଥିମାନେ କହିଥିଲେ। ଛାତ୍ରଛାତ୍ରୀମାନେ ପ୍ରବନ୍ଧ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶୁଚିସ୍ମିତା ସାହୁ, ଅଙ୍କିତା ପ୍ରଧାନ, ବିଦ୍ୟୁସ୍ମିତା ବିଶ୍ୱାଳ, ଜିତେନ୍ଦ୍ର ସେଠୀ, ଦେବେନ୍ଦ୍ର ପାଣ୍ଡେ, ଶୀତେନ ପ୍ରଧାନ, ଶକ୍ତି ପ୍ରଧାନ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ତରଣୀସେନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ବୈଠକ

# ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ ଚେତାବନୀ

ଅନୁଗୋଳ,୮ ।୧୧(ସମିସ):



ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟ୍ରମା କେୟାର, ଆଇସିୟୁ କାର୍ଯ୍ୟକ୍ଷମ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫର୍ମକୁ ସ୍ଥାନାନ୍ତର କରି ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର, ଚିକିତ୍ସାଳୟ ସମ୍ମୁଖ ରାସ୍ତାରେ ଥିବା ଆମିଷ ବଜାର ସ୍ଥାନାନ୍ତର, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଟାଟା ପାୱାର ଶୋଷଣ ବନ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଦାବିରେ ଶନିବାର ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଶିକ୍ଷକପଡ଼ା ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଆବାହକ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ରମେଶ ସାହୁ, ତୀର୍ଥବାସୀ ଭୋଇ, ପଠାଣି ବରିହା, ମାନସ ପାଳ, ଦାମୋଦର ଦାସ, ତ୍ରିଲୋଚନ ଜେନା, ନିରୋଦ ପାଳ, ଅଶୋକ କୁମାର ପ୍ରଧାନ, ନେତ୍ରାନନ୍ଦ ସାମନ୍ତ, ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମାଧାନ ଓ ଟାଟା ପାୱାର ଶୋଷଣ ବିରୋଧରେ ଆନ୍ଦୋଳନ ପାଇଁ ମତବ୍ୟକ୍ତ କରିଥିଲେ। ଜିଲ୍ଲାର ନ୍ୟାଯ୍ୟ ଦାବି ପୂରଣ ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ ପାଇଁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## କେନ୍ଦ୍ରାପଡ଼ା ବାଲିଯାତ୍ରାରେ 'ମୋ ସ୍ୱପ୍ନର କେନ୍ଦ୍ରାପଡ଼ା' ଆଲୋଚନାଚକ୍ର

# 'ମେଡିକାଲ କଲେଜ ବ୍ୟତିରେକ କେନ୍ଦ୍ରାପଡ଼ାରେ ସ୍ୱାସ୍ଥ୍ୟ ଉନ୍ନତି ଅସମ୍ଭବ'




କେନ୍ଦ୍ରାପଡ଼ା,୮।୧୧(ସମିସ)

ଐତିହାସିକ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆୟୋଜିତ 'ମୋ ସ୍ୱପ୍ନର କେନ୍ଦ୍ରାପଡ଼ା' ଶୀର୍ଷକ ଆଲୋଚନାଚକ୍ରରେ ସର୍ବଦଳୀୟ ନେତା ଏକ ସ୍ୱରରେ କହିଥିଲେ, କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ସ୍ଥାପନା ବ୍ୟତିରେକ ଚିକିତ୍ସା କ୍ଷେତ୍ରର ମୂଳଗାମୀ ପରିବର୍ତ୍ତନ ସମ୍ଭବ ନୁହେଁ। ମହୋତ୍ସବ କମିଟି ସଭାପତି ପ୍ରଦୀପ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦକ ସଂଜୟ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ଅତିଥି ମତ ଦେଇଥିଲେ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ଅର୍ଥନୀତିର ସମନ୍ୱିତ ଉନ୍ନତି ବିନା କେନ୍ଦ୍ରାପଡ଼ା ଆଗେଇ ପାରିବନାହିଁ। ଜିଲ୍ଲାର ବିକାଶ ଏବେ ମଧ୍ୟ ରାଜ୍ୟରେ ୩୦ତମ ସ୍ଥାନରେ ଥିବାରୁ ଅତିଥିମାନେ ଦୁଃଖ ପ୍ରକାଶ କରିଥିଲେ। ମନ୍ତ୍ରୀପଦ ଥିବା ଜିଲ୍ଲା ଥିଲେ ମଧ୍ୟ ଆଜି କେନ୍ଦ୍ରାପଡାରେ ମନ୍ତ୍ରୀ ନାହାନ୍ତି। ଯାହାକୁ ଜିଲ୍ଲା ଉନ୍ନତିର ଅନ୍ୟତମ ବଡ଼ କାରଣ ବୋଲି ମତ ଦିଆଯାଇଥିଲା। ସମାଜସେବୀ ରଞ୍ଜନ ବେହେରା, ବିଜେପି ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସୁନାକର ବେହେରା, ବିଜୁ ଜନତା ଦଳ ଯୁବ ଜିଲ୍ଲା ସଭାପତି ରାଜେଶ ଦାସ, କଂଗ୍ରେସ ପ୍ରବକ୍ତା ଅମୀୟକୁମାର ପାଣ୍ଡବ, ବାର୍ କାଉନସିଲର ପ୍ରାକ୍ତନ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସାମ୍ମୁଖ୍ୟ ସଭାପତି ଅଜୟ କୁମାର ସାମଲ, ନିଶା ନିବାରଣ ସମିତି ସମ୍ପାଦକ ଆଦିକନ୍ଦ ରାଉଳ, ପ୍ରଫେସର ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ମତ ରଖିଥିଲେ। ମହେନ୍ଦ୍ର କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୀତବାସ ବେହେରା ଧନ୍ୟବାଦ ଦେଇଥିଲେ। ରାଜୁ କୁବେର, ମୃତ୍ୟୁଞ୍ଜୟ ସାହୁ, ସତ୍ୟବ୍ରତ ସିଂହ, ଧିରେନ୍ଦ୍ର ଦାସ, ଟୁଟୁ ଗେରୁ, ମନୋରଞ୍ଜନ ତ୍ରିପାଠୀ, ପୀତବାସ ଦାସ, ପଞ୍ଚାନନ ଗେରୁ, ଗୋଲକ ପରିଡା ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ସଂସ୍ଥା ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



## ପ୍ରିସୁଭ ତନୟା ଦାସଙ୍କୁ ଆଇବିଆର ଆଚିଭର ସମ୍ମାନ

କେନ୍ଦ୍ରାପଡ଼ା,୮।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରିସୁଭ ତନୟା ଦାସ ବାଲ୍ୟବସ୍ଥାରୁ ଅସାଧାରଣ ସ୍ମୃତି ଓ ଜ୍ଞାନ କ୍ଷମତା ଦେଖାଇ ଆଇବିଆର ଆଚିଭର ସମ୍ମାନ ଲାଭ କରିଛନ୍ତି। ମାତ୍ର ୨ ବର୍ଷ ୧ ମାସ ବୟସରେ ପ୍ରିସୁଭ ୨୭ ପ୍ରକାର ପ୍ରାଣୀ, ୧୬ ପ୍ରକାର ଫଳ ନାମ କହିବା ସହିତ ୧ରୁ ୨୦ ପର୍ଯ୍ୟନ୍ତ ଗଣନା କରିପାରୁଛନ୍ତି। ଏହାଛଡ଼ା ଭାରତର ୧୫ଟି ଜାତୀୟ ପ୍ରତୀକ, ୨୮ ଟି ରାଜ୍ୟର ରାଜଧାନୀ, ବର୍ଷର ୧୨ ମାସ, ପୃଥିବୀର ୭ଟି ଖଣ୍ଡ ଓ ଏ-ରୁ



ଜେଡ୍ ପର୍ଯ୍ୟନ୍ତ ୨୬ଟି ଶବ୍ଦ ସ୍ମରଣ କରିପାରିବା ସେ ତାଙ୍କ ବୟସ ପାଇଁ ଅତ୍ୟନ୍ତ ଚମତ୍କାର ଉପଲବ୍ଧି। ଏହି ସମସ୍ତ କୃତିତ୍ୱ ୪ ଅକ୍ଟୋବର ୨୦୨୫ରେ ଅଧିକୃତ ଭାବେ ସ୍ୱୀକୃତ ହୋଇ ତାଙ୍କୁ "ଆଇବିଆର ଆଚିଭର ମାନ୍ୟତା ଦିଆଯାଇଛି।

## ପୂର୍ବତନ ସରପଞ୍ଚ ଅଦ୍ୱୈତ ପ୍ରଧାନଙ୍କ ପରଲୋକ

ଗୋବିନ୍ଦପୁର, ୮।୧୧(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ପେତପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଦ୍ୱୈତ ପ୍ରଧାନ (୭୩)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ଆଳି ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଭାଇ, ପୁଅବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ମରଶରୀରକୁ ଗୋବିନ୍ଦପୁର, କୁଆଁଣିଆ, ପେତପଡ଼ା ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପ୍ରାକ୍ତନ ସରପଞ୍ଚ ଶିବପ୍ରସାଦ



ବେହେରା, କୁଆଁଣିଆ ସରପଞ୍ଚ ସୁବ୍ରତ ନାୟକ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଯୁବନେତା କେଦାରନାଥ ବେହେରା, ପୂର୍ବତନ ସରପଞ୍ଚ ସୁରେଶ ଜେନା, ନିଖିଳ ସାମଲ, ପ୍ରଦୀପ ଖିଲାର, ଜ୍ୟୋତିରଞ୍ଜନ ଭୂୟାଁ, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥଲେ। ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।


## ଦୀନବନ୍ଧୁ ସାହୁ ଆଇନ୍ କଲେଜରେ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,୮।୧୧(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ 'ଆଇନ, ନୈତିକତା ଓ ଆଧ୍ୟାତ୍ମିକତା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତର ସର୍ବୋଚ୍ଚ



ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି ମୁଖ୍ୟବକ୍ତା ଭାବେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ବଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମହାନ୍ତି କହିଲେ, ଜଣେ ସଫଳ ଆଇନଜୀବୀ ହେବା ଆଗରୁ ଜଣେ ଭଲ ମଣିଷ ହେବା ଅତ୍ୟାବଶ୍ୟକ। ଆଇନ, ନୈତିକତା ଓ ଆଧ୍ୟାତ୍ମିକତାର ସମନ୍ୱୟ ହେଉଛି ଏକ ସୁସ୍ଥ ସମାଜର ଭିତ୍ତି। ଆଇନ କେବଳ ନିୟମ ନୁହେଁ, ଏହା ଜୀବନଶୈଳୀ। ଯାହାକୁ ନୈତିକତା ଓ ମାନବୀୟ ମୂଲ୍ୟବୋଧ ସମୃଦ୍ଧ କରେ। ସେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆଇନର ପ୍ରାସଙ୍ଗିକତା, ପ୍ରୟୋଗ ଓ ସେଗୁଡିକର ଦୈନନ୍ଦିନ ଜୀବନ ଓ ସମାଜ ଉପରେ ପ୍ରଭାବ ବିଷୟରେ ସ୍ପଷ୍ଟ ବ୍ୟାଖ୍ୟା କରିଥିଲେ। ପାଠ ପ୍ରଣାଳୀ ସହିତ ସଂସ୍କାର ଓ ଜୀବନମୂଲ୍ୟ ଉପରେ ଛାତ୍ରମାନେ ସମାନ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ପରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନକୁ ସେ ଧୀରେ ଧୀରେ ସମାଧାନ କରିଥିଲେ ଓ ପ୍ରାକ୍ଟିକାଲ୍ ଆଇନ ଜ୍ଞାନ ଉପରେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୀବ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ କଳିଙ୍ଗ କେଶରୀ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଶ୍ରୀଧରପୁର ଗ୍ରାମରେ କାର୍ତ୍ତିକେଶ୍ୱରଙ୍କ ପୂଜା







ଡେରାବିଶ, ୮।୧୧(ସମିସ): ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମାରେ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଛି। ୯ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବା ପରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ମଣ୍ଡପ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ବଟଗୋସେଇଁ ପୀଠ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମଠ ଓ ଗୋପାଳଜୀଉ ମନ୍ଦିର ନିକଟ ମଧୁସାଗର ଘାଟରେ କାର୍ତ୍ତିକେଶ୍ୱରଙ୍କ ପୂଜା ହେଉଥିବାବେଳେ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ଭଜନ ସନ୍ଧ୍ୟା, ଘୋଡ଼ାନାଚ, ପାଲା ଆଦି ପରିବେଷଣ ହେଉଛି। ସେହିପରି ମୁକୁନ୍ଦପୁର ଗ୍ରାମରେ ପ୍ରାରମ୍ଭରେ ଓ ଗ୍ରାମଦେବତୀଙ୍କ ମନ୍ଦିର ନିଟକରେ ପ୍ରଭୁ କାର୍ତ୍ତିକେଶ୍ୱର ପୂଜା ପାଉଛନ୍ତି।

## ଜମ୍ବୁ ସାମୁଦ୍ରିକ ପୁଲିସ ପକ୍ଷରୁ ସାଇବର ଠକେଇ ସଚେତନତା

ମହାକାଳପଡ଼ା,୮।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ପୁଲିସ ପକ୍ଷରୁ ସାଇବର ଠକେଇ ସଚେତନତା ଶିବିର ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଗ୍ରାମାଞ୍ଚଳ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସାଇବର ଠକ ଅର୍ଥ ଲୁଟୁଥିବାରୁ ଲୋକଙ୍କୁ ସଚେତନ କରାଯିବା ପାଇଁ ସଭା, ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଚକୁଳିଆ ପଣ୍ଡା ମାଧ୍ୟମରେ ନାଟକ ପରିବେଷଣ କରାଯାଇଥିଲା। ଛପାଲିଗଡ଼ା ନିକଟ ପ୍ରଭାକରପୁରରେ ଆୟୋଜିତ ସଚେତନତା ସଭାରେ ମହାକାଳପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ସମାଜସେବୀ ଜଗା ଦଳେଇ ଅତିଥି ଭାବେ ଯୋଗ ଦେଇଥିବାବେଳେ ଖରିନାସୀରେ ଅନୁଷ୍ଠିତ ଶିବିରରେ ଆଇଆଇସି ଶ୍ରୀ ବିଶ୍ୱାଳଙ୍କ ସମେତ ଖରିନାସୀ ସରପଞ୍ଚ ବନୀତା ରାଉତ, ସମିତିସଭ୍ୟା ରୀତାବାଳା ରକ୍ଷିତ ଅତିଥି ଭାବେ ଯୋଗଦେଇଥିଲେ। ଲୁଣିମାଠିଆ ଖେଳ ପଡ଼ିଆରେ ଅନୁଷ୍ଠିତ ଶିବିରରେ ପେଟଛେଲା ସରପଞ୍ଚ ପ୍ରସନ୍ନ ବେହେରା, ରାମନଗର ସରପଞ୍ଚ ମିଳନ ଦେବନାଥ ଅତିଥି ଭାବେ ଯୋଗଦେଇଥିଲେ। ସାଇବର ଠକଙ୍କ ଦ୍ୱାରା ପ୍ରଲୋଭନଭିତ୍ତିକ ମେସେଜ ଆସିଲେ କୌଣସି ପ୍ରକାର ଡକୁମେଣ୍ଟ ନ ଦେଇ ତୁରନ୍ତ ପୁଲିସକୁ ସୂଚନା ଦେବା ଆବଶ୍ୟକ କିମ୍ବା ଜମାଖାତା ଥିବା ବ୍ୟାଙ୍କ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳ ପରାମର୍ଶ ଦେଇଥିଲେ। ଜମ୍ବୁ ସାମୁଦ୍ରିକ ପୁଲିସ ପକ୍ଷରୁ ସଦାଶିବ ମଲ୍ଲିକ, ରଶ୍ମିତା ଦାସ, ପୁରୁଷୋତ୍ତମ ସାହୁ, ନାବର ତିର୍କୀ, ତନୟ ବିଶ୍ୱାଳ, ପୀତବାସ ସେଠୀ, ସୌରଭ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁସ୍ଥ ହୋଇ ଘରକୁ ଫେରିଲେ ସାମ୍ବାଦିକ ଅରୁଣ

ଗରଦପୁର,୮।୧୧(ସମିସ): ଜୀବନ ମାନେ ଲଢେଇ। ଏହି ଲଢେଇରେ ଜିତି ଘରକୁ ଫେରିଲେ ସାମ୍ବାଦିକ ଅରୁଣ କୁମାର ମହାପାତ୍ର। ହୃଦ୍‌ରୋଗରେ ପୀଡ଼ିତ ହୋଇ ଓପନ ହାର୍ଟ ସର୍ଜରୀ ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କାର୍ଡିଓଲୋଜି ବିଶେଷଜ୍ଞ ଡ. ଚନ୍ଦନ



ରାୟମହାପାତ୍ର ଅରୁଣଙ୍କୁ ଦ୍ୱିତୀୟ ଜୀବନ ଦେଇଥିବା ସେ କହିଛନ୍ତି। ଡାକ୍ତର ଓ ଚିକିତ୍ସକ ଦଳ ଓ ଭଗବାନଙ୍କ କୃପାରେ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଛନ୍ତି। ସେ କହିଛନ୍ତି, ଜୀବନକୁ ଦ୍ୱିତୀୟଥର ଉପହାର ମିଳିଲା ଭଳି ଅନୁଭବ କରୁଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁମାନେ ସହଯୋଗର ହାତ ବଢ଼ାଇଥିଲେ, ସେମାନଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ସାମ୍ବାଦିକ ଭାଇ, ମିତ୍ର ଓ ବହୁ ଅଜଣା ଲୋକଙ୍କ ଆଶୀର୍ବାଦ ଓ ଭଲପାଇବା ମୋତେ ଆଜି ନୂଆ ଜୀବନ ଦେଇଛ ବୋଲି ଅରୁଣ ମହାପାତ୍ର କହିଛନ୍ତି।

## ମା' ବୁଢ଼ୀ ବାସୁଳାଇ ଯୁବକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ପଟ୍ଟାମୁଣ୍ଡାଇ,୮।୧୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୦ନମ୍ବର ୱାର୍ଡ ମଝିସାହି କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱରଙ୍କ ପୂଜା ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଛି। ଏ ଅବସରରେ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ସଭାପତି ଯୁଧିଷ୍ଠିର ମଲିକଙ୍କ ତତ୍ତ୍ୱାବଧାନ ଓ ସମ୍ପାଦକ ସଞ୍ଜୟ ମଲିକଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇଆସି ବନ୍ଦନା ପାତ୍ର ବିଶେଷ ଅତିଥି ଓ ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ପୂଜା କମିଟି ସହସମ୍ପାଦକ ଚିତ୍ତନଜିତ ମଲିକ, କୋଷାଧ୍ୟକ୍ଷ ମନୋଜ ମଲିକ ଓ ବରିଷ୍ଠ ସଭ୍ୟ ପ୍ରଦୀପ ମଲିକ, ଚିନ୍ମୟ ମଲିକ, ରବୀନ୍ଦ୍ର ମଲିକ, ରାଜକିଶୋର ମଲିକ, ମନୋଜ ମଲିକ, ଗୋବିନ୍ଦ ମଲିକ, ଓମ ମଲିକ, ରଞ୍ଜନ ମଲିକ, କାଳନ୍ଦୀ ମଲିକ, ରାନୁ ମଲିକ, ବିପିନ ମଲିକ, ପ୍ରକାଶ ମଲିକ, ରୁଦ୍ର ମଲିକ, ସୋମନାଥ ମଲିକ, ବିଶ୍ୱଜିତ ମଲିକ, ସନାତନ ମଲିକ, ସତ୍ୟ ମଲିକ, ଆଶିଷ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ

କେନ୍ଦ୍ରାପଡ଼ା,୮।୧୧(ସମିସ): ରାଷ୍ଟ୍ର ଗୀତ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏଅବସରରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ରଘୁରାମ ଆର.ଆୟର, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସାମୂହିକ ଭାବେ "ବନ୍ଦେ ମାତରମ୍' ଗାନ କରିଥିଲେ। ଜିଲ୍ଲାର ସମସ୍ତ ବିଡିଓ, ତହସିଲ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ବିଭାଗରେ ମଧ୍ୟ ଏହି ସାମୂହିକ ଗାନ ଆୟୋଜିତ ହୋଇଥିଲା। ପରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱଦେଶୀ ଶପଥ ପାଠ କରାଇଥିଲେ। ସ୍ୱଦେଶୀ ଉତ୍ପାଦ ବ୍ୟବହାର, ଦେଶୀ ପଣ୍ୟକୁ ପ୍ରାଥମିକତା, ଯୁବପିଢ଼ିଙ୍କୁ ସ୍ୱଦେଶୀ ଗ୍ରହଣରେ ପ୍ରେରିତ କରିବା ଓ ଆଗାମୀ ପିଢ଼ି ପାଇଁ ସ୍ୱଦେଶୀର ଗୁରୁତ୍ୱ ବିଷୟରେ ଗୁରୁତ୍ୱ ଦିଆଯାଇଥିଲା। 'ବନ୍ଦେ ମାତରମ' ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସହ ବିଭିନ୍ନ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ ମାଧ୍ୟମରେ ଅନୁସରଣ କରାଯାଇଥିଲା।

**ରାଜନଗର:** ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦାନ କରି ରାଷ୍ଟ୍ରୀୟ ଗୀତ "ବନ୍ଦେ ମାତରମ୍' ଗାନ କରିବା ସହିତ ୧୫୦ ବର୍ଷ ଐତିହ୍ୟକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୈକ୍ଷିକ କୋଷାଧ୍ୟକ୍ଷ ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ପ୍ରଶାସନିକ କୋଷାଧ୍ୟକ୍ଷ ଅଧ୍ୟାପକ ପ୍ରଣୟ ବେହେରା, ବ୍ୟୟଅଧୀକ୍ଷକ ଅଧ୍ୟାପକ ବାଣିଜ୍ୟ ବିଭାଗ ମୁଖ୍ୟ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଅରଡ଼ା ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା



ପଟ୍ଟାମୁଣ୍ଡାଇ,୮।୧୧(ସମିସ): ସ୍ଥାନୀୟ ଅରଡ଼ା ଗ୍ରାମରେ କାର୍ତ୍ତିକେଶ୍ୱରଙ୍କ ପୂଜା ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ପୂଜା କମିଟି ଉପଦେଷ୍ଟା ପ୍ରଦୀପ ମହାନ୍ତି, ରଶ୍ମିରଞ୍ଜନ ନାୟକ ଓ ସଭାପତି ଆଡଭୋକେଟ ମନୋଜ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଅଜିତ ନାୟକଙ୍କ ଅକାଳ ବିୟୋଗ ଘଟିଥିବାରୁ କାର୍ଯ୍ୟକ୍ରମ ଆରମ୍ଭରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ପୂଜା କମିଟି ସଦସ୍ୟ ନିରବ ପ୍ରାର୍ଥନା କରିବା ସହିତ ମହମବତୀ ଶୋଭାଯାତ୍ରା କରିଥିଲେ। ପୂଜା ଉତ୍ସବକୁ କୋଷାଧ୍ୟକ୍ଷ ସୁବ୍ରତ ଦାଶ, ବରିଷ୍ଠ ସଦସ୍ୟ ଅସିତ ମହାନ୍ତି, ଅଜିତ ଦାଶ, ହେମନ୍ତ ସେଠୀ, ଉମାକାନ୍ତ ରାଉତ, ଦୀପ୍ତିରଞ୍ଜନ ନାୟକ, ରମାକାନ୍ତ ରାଉତ, ଜ୍ୟୋତିରଞ୍ଜନ ମହାନ୍ତି, ଜ୍ୟୋତିରଞ୍ଜନ ଦାଶ, ଉମଙ୍ଗ ଦାଶ, ସାଇ ଅମରେଶ ଦାସ, ସିଦ୍ଧାର୍ଥ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ଶାରଦା ମହାନ୍ତି, ଗୌତମ ଦାଶ, ମହେନ୍ଦ୍ର ଦାଶ, ସୁବାସ ସାହୁ, ଉମେଶ ଦାସ, ବିଜୟ ନାୟକ ପ୍ରମୁଖ ସଂଯୋଜନା କରିଥିଲେ।

## ତୁଳସୀକ୍ଷେତ୍ର କଳାକାର ସଙ୍ଘ ବୈଠକ

ରାଜନଗର,୮।୧୧(ସମିସ): ବରଗାଁର ଆରାଧ୍ୟ ଦେବୀ ମା' ମାଟିଆ ମଙ୍ଗଳା ପୀଠରେ ରାଜନଗର ବ୍ଲକ୍‌ର ସମସ୍ତ କଳାକରଙ୍କୁ ନେଇ ତୁଳସୀକ୍ଷେତ୍ର କଳାକାର ସଂଘ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ବୈଠକ ଅନୁଷ୍ଠିତ ହୋଇଛି। କଳାକାର ନକୁଳ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ତୁଳସୀକ୍ଷେତ୍ର କଳାକାର ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି କେଦାର ସାମନ୍ତରା, କାର୍ଯ୍ୟକାରୀ ସମ୍ପାଦକ ଗଗନ ବିହାରୀ ସିଂ, ସମ୍ପାଦକ ବିଦୂଭୂଷଣ ତ୍ରିପାଠୀ ଓ କୋଷାଧ୍ୟକ୍ଷ ସତ୍ୟବ୍ରତ ପରିଡା, ସାଂସ୍କୃତିକ ସମ୍ପାଦକ ବାବାଜୀ ପଟ୍ଟନାୟକ ଯୋଗ ଦେଇଥିଲେ। ଆଗାମୀ ୨୧,୨୨,୨୩ ତାରିଖରେ ହେବାକୁ ଥିବା ତୁଳସୀକ୍ଷେତ୍ର ମହୋତ୍ସବକୁ ସଫଳ କରିବା ପାଇଁ ଆଲୋଚନା କରାଯାଇ ବିଭିନ୍ନ କଳାକାରଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ରାଜନଗର କର୍ମକର୍ତ୍ତାଙ୍କ ମଧ୍ୟରେ ନକୁଳ ଚରଣ ଦାସ, କୁଳମଣି ଦାସ, ତ୍ରିଲୋଚନ ଦାସ, କାହ୍ନୁଚରଣ ଚଣ୍ଡ, ତ୍ରିଲୋଚନ ରାଉତ, କାହ୍ନୁଚରଣ ଦାସ, ଅଲେଖ ଦାସ, ରାଜକିଶୋର ସାହୁ, ବିଜନ ଦାସ, ଚକ୍ରଧର ଦାସ ଅଂଶଗ୍ରହଣ କରି ମହୋତ୍ସବକୁ ସଫଳ କରିବା ପାଇଁ ଶପଥ ନେଇଥିଲେ।

## ଆଲୋକ ସ୍ୱାଇଁଙ୍କ ସଫଳ ଅସ୍ତ୍ରୋପଚାର

ମହାକାଳପଡ଼ା, ୮।୧୧(ସମିସ): ମହାକାଳପଡ଼ା ବ୍ଲକ୍ ରାଜଗଡ଼ ସ୍ୱାଇଁସାହିର ଆଲୋକ ସ୍ୱାଇଁ ମସ୍ତିଷ୍କାଘାତରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଫେରିବା ପରେ ସଂକ୍ରମଣ ହେବାରୁ ପୁନଃଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଅର୍ଥ ସ୍ୱାସ୍ଥ୍ୟବୀମା କାର୍ଡରୁ ଶେଷ ହୋଇଯାଇଥିଲା। ଏ ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ପାଇ ରାଜ୍ୟ ଯାଦବ ମହାସଭାର ଯୁବ ସମ୍ପାଦକ ଚିତ୍ତ ଦାସ ସହାୟତାର ହାତ ବଢ଼ାଇଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଲୋକଙ୍କ ଅସ୍ତ୍ରୋପଚାର ହୋଇଛି। ଶ୍ରୀ ଦାସ ହସ୍ପିଟାଲରେ ଆଲୋକଙ୍କୁ ଭେଟିଛନ୍ତି। ଆଲୋକ ସୁସ୍ଥ ହେଉଥିବା ସେ ସୂଚନା ଦେଇଛନ୍ତି।

## ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

ଡେରାବିଶ, ୮।୧୧(ସମିସ): ଚାନ୍ଦୋଳ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ମାଧବାନନ୍ଦ କର (୯୫)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ କର ଜଣେ ହୋମିଓପାଥି ଡାକ୍ତର ଭାବେ ଅଞ୍ଚଳର ଲୋକଙ୍କୁ ସେବା ପ୍ରଦାନ କରିଆସୁଥିଲେ। ଏଥିସହିତ ପବିତ୍ରପଡ଼ାସ୍ଥ ନଗମାନନ୍ଦ ସାରସ୍ୱତ ସଂଘର ଜଣେ ସଂଘସେବୀ ଥିଲେ।



ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାରସ୍ୱତ ସଂଘର ବରିଷ୍ଠ ସଂଘ ସେବୀ ସୁଧିର ମହାନ୍ତି, କବିସୂର୍ଯ୍ୟବ୍ରହ୍ମା ମଠ ସଦସ୍ୟ ରଘୁନାଥ ଦାସ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅନ୍ତର୍ଯ୍ୟାମୀ କର ମୁଖାଗ୍ନି ଦେଇଥିଲେ।

## ରାଜ୍ୟସ୍ତରୀୟ ସୁରଭି ପାଇଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ମନୋନୀତ

ରାଜନଗର,୮।୧୧(ସମିସ): ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ରାଜନଗର ବ୍ଲକ୍‌ର ୮ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ୩ ଜଣ +୨ ଛାତ୍ରୀ ରହିଛନ୍ତି। ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଗାୟିତ୍ରୀ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବକ୍ତୃତା ପ୍ରତିଯୋଗିତାରେ ଅଙ୍କିତା ରାଉତ ପ୍ରଥମ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ



ଜ୍ୟୋତିର୍ମୟୀ ଲେଙ୍କା ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଲାଭ କରିଥିଲେ। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ରତ୍ନାକର ନାୟକ, ପର୍ଶୁରାମ ନାଥ, ଅଭିଜିତ ଖୁଣ୍ଟିଆ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର +୨ ଛାତ୍ରୀ ଶୁଭଶ୍ରୀ ବେହେରା ସଂଗୀତରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟକୁ ମନୋନୀତ ହୋଇଥିବାବେଳେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ସୌମ୍ୟରଞ୍ଜନ ପ୍ରଧାନ ବକ୍ତୃତା, ମନୋରଞ୍ଜନ ମଣ୍ଡଳ ରଚନା ଲିଖନ, ଶୁଭଶ୍ରୀ ରାଉତ କୁଇଜ ଓ ନାଗାନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ତୃପ୍ତି ପ୍ରିୟଦର୍ଶନୀ ବାରିକ ମଡେଲ ଓରିଏନଟେସନରେ ସଫଳ ହୋଇଥିଲେ।

# ଡେରାବିଶ ସାଂସ୍କୃତିକ ସଂଗଠନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଡେରାବିଶ, ୮।୧୧(ସମିସ)

ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକପୁରରେ ଡେରାବିଶ ସାଂସ୍କୃତିକ ସଂଗଠନର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ ହୋଇଛି। ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ତଥା ସାଂସ୍କୃତିକ ସଂଗଠନର ବରିଷ୍ଠ ସଭ୍ୟ ପଣ୍ଡିତ ଶରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ସଂଗଠନ ଦ୍ୱାରା ଗତ ୧୩ ବର୍ଷ ଧରି ବ୍ଲକ୍ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ଦୁମୁକାହାଟସ୍ଥ ମିନି ଷ୍ଟାଡିୟମରେ ଡେରାବିଶ ମହୋତ୍ସବ ପାଳନ କରି ଡେରାବିଶର ଐତିହ୍ୟ, ସଂସ୍କୃତି ଓ ଡେରାବିଶ ବ୍ଲକ୍‌ର ଲୁକ୍କାୟିତ ପ୍ରତିଭାକୁ ସାରା ରାଜ୍ୟରେ ଉଦ୍‌ଭାଷିତ କରାଯାଇପାରୁଛି। ସଂଗଠନର ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ଏହାର ବିଭିନ୍ନ ବୈଠକ, ମହୋତ୍ସବ ପ୍ରସ୍ତୁତି ବୈଠକ ହେବା ନେଇ ସମସ୍ୟା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ସଂଗଠନର କର୍ମକର୍ତ୍ତା ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଆବେଦନ କରିଥିଲେ। ପୂର୍ବତନ ଜିଲ୍ଲାପାଳ ଅମ୍ରିତ ଋତୁରାଜ ସଂଗଠନର କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ୧୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହି ଅନୁଦାନରେ ସଂଗଠନ ଗୃହ ନିର୍ମାଣ କରାଯାଇଥିବାରୁ ଉପଦେଷ୍ଟା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସରୋଜ ସାହୁ, ସଚ୍ଚିଦାନନ୍ଦ ରଥ, ତ୍ରିଲୋଚନ ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ସରୋଜ ଦାସ, କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ, ସଭ୍ୟ ନିରଞ୍ଜନ କର ପ୍ରମୁଖ ଜିଲ୍ଲା ଓ ବ୍ଲକ୍ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ଅନୁପ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାହାଜାହାନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।





କାଶୀନାଥ ନନ୍ଦୀ



# ଶବ ଲୁଚିଛି

ଲୋକଟା ଶବ ହେଇ ଶୋଇ ଥିଲା । ଶବକୁ ଜାତୀୟ ପତାକାରେ ଢାଙ୍କି ଦିଆ ଯାଇଥିଲା । ଇହକାଳର ଶେଷ ସନ୍ତକ ତା' ଦେହକୁ ଜାତୀୟ ପତାକା ଲୁଚେଇ ଦେଇଥିଲା । ଯୋଗ ଏମିତି ସେଦିନ ସ୍ୱାଧୀନତା ଦିବସ ଥିଲା ।

ଲୋକଟା ମରି ଯାଇଛି ବୋଲି କାହା କାହା ଆଖିରୁ ଲୁହ ବହୁଥିଲା । କୋଉ ଆଖିର ଲୁହ ଲାଗୁଥିଲା ପାଣି, କୋଉ ଆଖିର ଲୁହ ଲାଗୁଲା ପ୍ଲାଷ୍ଟିକ ଲୁହ । ଶବକୁ ଶେଷ ଦର୍ଶନ କରିବାକୁ ଗମନା ଗମନ ଲାଗି ରହିଥିଲା । ଲୋକେ ଆସୁଥିଲେ । ପାଦରେ ଫୁଲ ଦେଉଥିଲେ । କିଏ କିଏ ଶବପାଦ-ଧୂଳି ନେଇ ମୁଣ୍ଡରେ ମାରୁଥିଲେ । ତାହା ସେମାନଙ୍କର ବୋଧହୁଏ ଅତି ପ୍ରବଣତା, ନ ହେଲେ ମିଛ ପ୍ରଦର୍ଶନ । ଏତିକି ପରେ ସେମାନଙ୍କ ଭିତରୁ କିଛି ରହୁଥିଲେ । କିଛି ଚାଲି ଯାଉଥିଲେ ।

ଶବ ଉଠିବାକୁ ବିଳମ୍ବ ହେଉଥିଲା । ବାସିମଡ଼ା ହେଇ ଶବ ଶଢୁଥିଲା । ତେବେ ମଡ଼ା ଗନ୍ଧକୁ ଜିତି ଯାଉଥିଲା ଅତର ଓ ଧୂପର ଗନ୍ଧ । ଅଳ୍ପ ଅଳ୍ପ ଗନ୍ଧକୁ ବେଶି ଗନ୍ଧ ଜିତି ଯାଉଥିଲା । ତେଣୁ ପବନରେ ସୁବାସ ଲାଗି ରହିଥିଲା । ପାର୍ଟି ଲୋକ, ସାଧାରଣ ଜନତା ଓ ଜ୍ଞାନ୍ତି କୁଟୁମ୍ବ ସମସ୍ତେ ଅପେକ୍ଷାରେ ଥିଲେ, ମନ୍ତ୍ରୀ ଆସିବେ । ମନ୍ତ୍ରୀ ଆସିଲେ ଆଗକୁ ଯାହା ହେବ ।

ଅନେକ ସମୟ ଏଇମିତି ରହି ରହି ବିତିଗଲା । ଅନେକ ସମୟ ଯାଇଥିବ, ହଠାତ୍ ଗୋଟେ ବଡ଼ ଗୁଞ୍ଜରଣ ସୃଷ୍ଟି ହେଲା ସମୂହରେ ଯେ 'ମନ୍ତ୍ରୀ ଆସୁଛନ୍ତି ।' ସେ ପୁରୁଣା ରାଜବାଟି ତଥା ଜିଲ୍ଲା ସମାବେଶ ପଡ଼ିଆରୁ ପତାକା ଉତ୍ତୋଳନ କଲାପରେ ସିଧା ଏଇଠିକୁ ଆସୁଛନ୍ତି । ହେଇ ଆସିଯିବେ । ସେ ଶେଷ ଦର୍ଶନ କରିବେ । ଫୁଲ ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବେ । ତା'ପରେ ଶବ ଶୋଭାଯାତ୍ରାରେ ବାହାରିବ । ଶବସତ୍କାର କରା ହେବ । ଶବକୁ ଜାତୀୟ ସମ୍ମାନ ଦିଆଯିବ ।

ଯାହାଙ୍କୁ ଅପେକ୍ଷା ସେ ଆସି ପହଞ୍ଚିବା ପହଞ୍ଚିବା ହେଉଛନ୍ତି, ତା' ଆଗରୁ ସେମାନେ ଦୁଇଜଣ ସମୂହଁ ଭିତରକୁ ପ୍ରବେଶ କଲେ । ସେମାନେ ମାଆଟିଏ, ପୁଅଟିଏ । ମାଆ ତ୍ରିରଙ୍ଗୀ ଜାତୀୟ ବେଶରେ । ପୁଅ ସାନଟେ, ସେ ସୁଭାସ ବୋଷଙ୍କ ବେଶରେ । କେତେ ଜଣଙ୍କ ଆଖିରେ ବିସ୍ମୟ ଓ ପ୍ରଶ୍ନ, ଏମାନେ କାହିଁକି ( ! ) ? ଯାହା ନ ହେବା କଥା ତା ହେବ ନାହିଁତ ? ସେଇ ବିସ୍ମୟ ଓ ପ୍ରଶ୍ନ ଭିତରେ ଲୁଚିଥାଇ କେତେ ଜଣ ଘାରି ହେଲେ । ତେବେ ସେଇ ମାଆ ପୁଅ ଭିତରକୁ ପ୍ରବେଶ କରି ଯାଇଥିଲେ । ଚାଲି ଚାଲି ସେମାନେ ଶବ ପାଖରେ ପହଞ୍ଚିଲେ । ସେଇ ଉଚ୍ଚତା ଉପରକୁ ଉଠିଗଲେ ଯେଉଁଠି ଶବ ରଖାଯାଇଥିଲା । ସମସ୍ତଙ୍କ ଆଖି ଏବେ ସେମାନଙ୍କ ଉପରେ । ମାଆର ଆଖି ଶବ ଉପରେ । ଜାତୀୟ ପତାକା ତଳେ ଲୁଚିଛି ଗୋଟେ ମଲାଦେହ । ପତାକାକୁ ଭେଦି ପାରୁ ନାହିଁ ଆଖି । ଆଖି ଦେଖି ପାରୁନାହିଁ ଗୋଟେ ଉଲଗ୍ନ ଦେହ । ଯେଉଁ ଦେହର ପ୍ରତିଟି ଅଂଶକୁ ସେଇ ମାଆଟି ଚିହ୍ନିଛି । ପ୍ରତିଟି ସ୍ପନ୍ଦନକୁ ସେ ଅନୁଭବ କରିଛି । ଜାଣିଛି ଜଣେ ମଣିଷର ମାୟାରୂପ କେମିତି ଭୟଙ୍କର । ଏବେ ସେଇ ମାଆ, ସେଇ ନାରୀ ଦେହରେ ନିଆଁ । ସେଇ ନିଆଁ ତା' ଆଖିରେ । ଯେମିତି ପୋଡ଼ି ଜାଳିଦେବ ଗୋଟେ ଦେହକୁ । ହେଲେ ସେ ପାରୁ ନାହିଁ । ତା' ଆଖି ଓ ସେଇ ଦେହ ମଝିରେ ଜାତୀୟ ପତାକା ରହିଛି । ଯାହା ମା' ଭାରତୀର ସନ୍ତକ, ସେଇ ଜାତୀୟ ପତାକା ଆଗରେ ମାଆଟିର ଆଖି ଟେକୁ ନାହିଁ । ଆଖି ନଇଁ ଯାଉଛି । ପତାକାକୁ ସମ୍ମାନ । ଶବକୁ ଘୃଣା । ମଝିରେ ଯେମିତି ରହିଯାଇଛି ସେଇ ମାଆ । ଭାବି ପାରୁ ନାହିଁ କ'ଣ ସେ କରିବ (?) ।

ଏତିକିବେଳେ ଯେଉଁ ସମୟକୁ ଅପେକ୍ଷା ଥିଲା ସେଇ ସମୟ ଆସିଗଲା । ମନ୍ତ୍ରୀ ପହଞ୍ଚିଛନ୍ତି, ସେଉଠୁ ଆରମ୍ଭ ସ୍ଲୋଗାନ । ଶବର ଜୟ ଜୟକାର । ପୁଣି ସ୍ଲୋଗାନ ପରେ ନିରବତା । ଆସ୍ତେ ଆସ୍ତେ ମନ୍ତ୍ରୀ ତାଙ୍କ ଦଳବଳ ନେଇ ପ୍ରବେଶ କରୁଛନ୍ତି, ଠିକ୍ ଏତିକି ବେଳେ ହାତ ଉଠେଇଲା ସ୍ତ୍ରୀ ଲୋକଟି । ଶବକୁ ଢାଙ୍କି ଥିବା ଜାତୀୟ ପତାକାକୁ ଜୋର କରି ମୁଠେଇ ଧରିଲା । ଏମିତି ଉଠେଇଲା, ଲାଗିବ ସେ ତା'ର ସମସ୍ତ ବଳ ସେଇଠି ଲଗେଇ ଦେଇଛି । ଘୃଣାରେ ନିଆଁ ଲାଗିଥିଲା । ସେ ଚିତ୍କାର କରି କହି ଉଠିଲା, "ତୁ ଏ ପତାକାର ଯୋଗ୍ୟ ନୁହଁ ପାପୀ... । ତୁ ନର୍ଦ୍ଦମାର ପୋକ । ନର୍ଦ୍ଦମାରେ ତୋ ସ୍ଥାନ... ।"

ଏକାବେଳେ ସମସ୍ତେ ସ୍ତବ୍ଧ ।

ଏବେ ସମସ୍ତଙ୍କ ଆଖି ସେଇ ମାଆଟି ଉପରେ ସ୍ଥିର । ସମସ୍ତେ ଦେଖୁଥିଲେ, ଗୋଟେ ନାରୀର ମୁହଁ । ଯେଉଁ ମୁହଁରେ କି ନିଆଁ ଲାଗି ଥିଲା । ଘୃଣା ଉପରେ ଦାଉ ଦାଉ ଜଳୁଥିଲା ନିଆଁ । ଏଥର ସେ ଥୁ ଥୁ କରି ତିନି ଲଣ୍ଡା ଛେପ ପକାଇଲା ଶବର ମୁହଁ ଉପରକୁ, ଯେମିତି ତ୍ରିବାର ସତ୍ୟକୁ ସେଇଠି ସେ ଓହ୍ଲେଇ ଦେଲା । ତାପରେ ସେ ତା' ବେନି ହାତରେ ଧରିଲା ପତାକା । ଊର୍ଦ୍ଧ୍ୱକୁ ଉଠାଇଲା । ତା' ହାତ ଯେମିତି ଖମ୍ବ ପରି ଟେକି ଧରିଥିଲା ପତାକାକୁ । ପବନ ସେଇ ପତାକାକୁ ଉଡ଼ାଇବାକୁ ଆରମ୍ଭ କଲା । କୁନି ସୁବାସ କ'ଣ ଭାବିଲା କେଜାଣି, ସେ ସାଲୁଟ କଲା ପତାକାକୁ ।

ସେଇଠି ବହୁ ଲୋକ, ଚାଲି ଆସୁଥିଲା ବହୁ ପାଦ, ସବୁ ରହିଗଲା । ରହିଗଲା ଦେଖୁଥିବା ସମସ୍ତ ଆଖି । ରହିଗଲା, ଶୁଣୁଥିବା ସବୁ କାନ । ରହିଗଲା କହୁଥିବା ଯେତେ ପାଟି । ସବୁ ମଣିଷ ଏବେ ତିନି ମାଙ୍କଡ଼ । ଦେଖି, ଦେଖୁ ନ ଥିଲେ । ଶୁଣି, ଶୁଣୁ ନ ଥିଲେ । ପାଟିଥାଇ କଥା କହୁ ନ ଥିଲେ । ସେମିତି ସ୍ଥିର । ସେମିତି ଅନ୍ଧ, ମୂକ, ବଧିର । ସେଇ ସ୍ଥିରତା ଉପରେ ପବନ ବହୁଥିଲା । ଜାତୀୟ ପତାକା ଫର୍ ଫର୍ ଉଡୁଥିଲା । ■

ରାଉରକେଲା
ମୋ : ୯୮୭୧୬୫୫୩୫୭

# ନୀରବତା

ଅକ୍ଷୟ ବେହେରା



ସେ ଏକ ଏମିତି ରଜ୍ଜୁ
ନିରନ୍ତର ଛନ୍ଦି ଦେଉଥାଏ
ମନ ସହ ମନ...

ତମେ କେଉଁଠି
ମୁଁ କେଉଁଠି
ଏକା ପରି ଲାଗୁ ନାହିଁ କି
ଦୁଇଟି ହୃଦୟ?

ଯାହାଯାହା ସଞ୍ଚି ନେଲେ
ଏ ଦୀର୍ଘ ଯାତ୍ରା ପଥରୁ
ସେ ସବୁ ନୁହେଁ କି ଆମ
ନୀରବ – ସମ୍ପଦ...

ଏବେ
ଯେବେ ଫେରୁଛି
ସେଇ ସବୁ ଚିଠିର
ନକଲ ପାଖକୁ
କିଏ ଲେଖିଛି ଏ ସବୁ
ନିଜେ ଲେଖି ନିଜେ ବିସ୍ମିତ ହୁଏ...

କେତେ ପରିଷ୍କାର ପରିଚ୍ଛନ୍ନ
ସେ ପଥ
ଦିନ ଦିନ ଏକ ଲୟ-
ସବୁ ନୀରାମୟ...

ଆତଙ୍କର ବଳୟରେ ଥାଇ
କେମିତି ସମ୍ଭବ?

ଏମିତି ଅସୁମାରୀ ସ୍ମୃତି ସମ୍ପଦ
ବ୍ୟାପିଛି ଦିଗ୍‌ବଳୟରୁ
ଦିଗ୍‌ବଳୟର ପଣତ ପରି
ମାଟିରୁ ଆକାଶ...

ଏବେ
ନୀରବତା
ନୀରବରେ
ନୀରବରେ
ନିରନ୍ତର
ତମ କଥା କହେ... ■

ଭୁବନେଶ୍ୱର - ୭୫୧୦୧୬
ମୋ: ୯୪୩୭୨୭ ୯ ୯୪୧

# ଭୂମିଲଗ୍ନା

ସେନାପତି ପ୍ରଦ୍ୟୁମ୍ନ କେଶରୀ



ଦେହ ମାଟି ହେଲେ ମହୁ ମହୁ ବାସେ ।

ଦୁଷ୍ଟାମି କଣ ମହୁଠୁ କମ୍ ମିଠା କି ?
ଅଧା ବାଟରେ ଖରା ଟିକେ ରହିଯାଏ
ହୃଦୟ କ୍ଷେତଆଡ଼େ ଚାହେଁ
ଶାଗୁଆ ଘାସ ଦେହରେ କାହାର ଚିହ୍ନା ଚିହ୍ନା ଛାଇ
ଖରାକୁ ଆଖିର ଇସାରାରେ ପାଖକୁ ଡାକେ ।

ବର୍ଷାରେ ତିନ୍ତି ବୁଡ଼ି
ଗାଲେଇ ପଡ଼ିଥିବା ପକ୍ଷୀ
ଖରାର ଆଲିଙ୍ଗନରେ
ଅଳସ ଭାଙ୍ଗି ଜୁଆନ୍ ପୃଥିବୀକୁ ଦେଖେ ।

ଦେହ ଦୋଳିରେ ଝୁଲୁ ଝୁଲୁ କେତେବେଳେ
ଢୁଳେଇ ପଡ଼େ ଥକିଲା ପବନ
ଶ୍ୟାମ ଶ୍ୟାମ ଲାଗୁଥିବା ଈଷତ୍ ଅନ୍ଧାର
ଛପି ଛପି ଆସି ଆଖି ବୁଜି ଧରେ ତ
ଲାଜରେ ଦମ୍ ଦମ୍ ହୁଏ ଗୋରୀ ଜହ୍ନ ।


ତୁମ ଦେହ ଗଛ ବଢ଼ି ବଢ଼ି ଯାଏ ଆକାଶ ଛୁଇଁବାକୁ
ଖସି ଖସି ଆସ ତୁମେ ମେଘ ପରି
ମୋ ଛାତିର ପାହାଡ଼କୁ ମୋତେ ଟିକେ ଶରଧାରେ
ଭିଡ଼ି ଧରି ତୁମ ଉଷ୍ମ ନିଃଶ୍ୱାସରେ ମିଶାଇ ଦେବାକୁ ।

ଯେଉଁଠି ମୁହାଣ, ସେଠି ସବୁବେଳେ
ମିଳନର ବାରମାସୀ ବସନ୍ତ

ସେ ଗୋଟେ ଏମିତି ଜାଗା
ଯେଉଁଠି ନଥାଏ ବ୍ୟର୍ଥତା,
ନଥାଏ ଭୟ କି ଶୂନ୍ୟତା
କ୍ଷୀର ପରି ଦିଶୁଥାଏ ନଈ ଜଳ
ମିଶ୍ରି ପାଣି ପରି ଲାଗେ ଖାର ସମୁଦ୍ର !

ଦେହ ମାଟି ହେଲେ ପାଲଟି ଯାଏ ଅମୃତ
ଭୂମିଲଗ୍ନା ହେଲେ
ଦେହର ଉପବନରେ ଲାଗିଯାଏ ମହୁମାଛିଙ୍କ ଭିଡ଼! ■

ଜଗନ୍ନାଥ କଲୋନୀ, ବାଲିକୁଦା
ପୋଷ୍ଟ: ଗୋପାଳପୁର
କଟକ: ୭୫୩୦୧୧
ମୋ : ୬୩୭୧୫୨୩୫୯୮



# ତତ୍ତ୍ୱ ଓ ଭାଷା

ଡକ୍ଟର ଦେବାଶିଷ ମହାପାତ୍ର



ଭାଷା ପାଇଁ ଭାରତ ବିଶ୍ୱବିଖ୍ୟାତ । ତତ୍ତ୍ୱ ପାଇଁ ବି । ବିଶେଷତଃ, ସାହିତ୍ୟତତ୍ତ୍ୱ । ଭାମହ, ଦଣ୍ଡୀ, ବାମନ, ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ, କୁନ୍ତକ, କ୍ଷେମେନ୍ଦ୍ର, ବିଶ୍ୱନାଥ କବିରାଜଙ୍କ ସମେତ ବହୁ ଆଚାର୍ଯ୍ୟ, ସାହିତ୍ୟତତ୍ତ୍ୱ ବ୍ୟାଖ୍ୟା କରି ଭାରତୀୟ ଭାଷା ଓ ସାହିତ୍ୟର ପ୍ରସାର କରିଛନ୍ତି । ଆଚାର୍ଯ୍ୟ ବାମନଙ୍କ ମତ, "ରୀତିରାତ୍ମା କାବ୍ୟସ୍ୟ" । କୁନ୍ତକ କହନ୍ତି,"ବକ୍ରୋକ୍ତନି କାବ୍ୟ ଜୀବିତମ୍" । ବିଶ୍ୱନାଥ କବିରାଜ ମତ ଦିଅନ୍ତି, "କାବ୍ୟଂ ରସାତ୍ମକଂ କାବ୍ୟଂ" । ଷଷ୍ଠ ଶତାବ୍ଦୀର ବାମନଙ୍କ 'କାବ୍ୟାଳଙ୍କାର' ସପ୍ତମ ଶତାବ୍ଦୀର ଦଣ୍ଡୀଙ୍କ 'କାବ୍ୟାଦର୍ଶ', ଅଷ୍ଟମ ଶତାବ୍ଦୀର ଆଚାର୍ଯ୍ୟ ବାମନଙ୍କ 'କାବ୍ୟାଳଙ୍କାର ସୂତ୍ର', ନବମ ଶତାବ୍ଦୀର ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଆମକୁ ତତ୍ତ୍ୱ ଓ ଭାଷା ମଧ୍ୟରେ ପରସ୍ପରର ସମ୍ପର୍କ କଥା କହେ । ସେହିଭଳି ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ', ମମ୍ମଟ ଭଟ୍ଟଙ୍କ 'କାବ୍ୟ ପ୍ରକାଶ', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଭାଷାର ଆବଶ୍ୟକତା କଥା ଆମକୁ ଅବଗତ କରାଏ । ଆମେ ସମୟର ତାଳେ ତାଳେ ଆଗକୁ ଅଗ୍ରସର ହେଉଛେ । ତେବେ ପାଶ୍ଚାତ୍ୟ ତତ୍ତ୍ୱ ଓ ପ୍ରାଚୀନତତ୍ତ୍ୱର ଭାଷା ଏବେ ବି ଭାଷାର ବ୍ୟବହାର ଓ ଭୂମିକା କଥା ଆମକୁ ସୂଚାଇ ଦିଏ । ଭାମହଙ୍କ 'କାବ୍ୟାଳଙ୍କାର', କ୍ଷେମେନ୍ଦ୍ରଙ୍କ 'ଔଚିତ୍ୟ', ବାମନଙ୍କ 'ରୀତି', କୁନ୍ତକଙ୍କ 'ବକ୍ରୋକ୍ତି', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନି' ଓ ବିଶ୍ୱନାଥ କବିରାଜଙ୍କ 'ରସ' ଆମକୁ ଭାଷାର ବୈଶିଷ୍ଟ୍ୟ କହେ । ତତ୍ତ୍ୱରେ ଭାଷାର ପ୍ରୟୋଗ ବାସ୍ତବିକ ବିସ୍ମୟକର । ଆମେ ତତ୍ତ୍ୱ ଓ ଭାଷା କ୍ରମରେ ଭାରତୀୟ ସାହିତ୍ୟ ତତ୍ତ୍ୱର ବ୍ୟାଖ୍ୟାକାର ଆଚାର୍ଯ୍ୟଗଣଙ୍କ ମଧ୍ୟରୁ କେତେ ଜଣଙ୍କର ଭାଷା ଓ ବୈଶିଷ୍ଟ୍ୟ କଥା ବିଚାର କରିବା ।

ଦ୍ୱାଦଶ ଶତାବ୍ଦୀର ଜଣେ ଜୈନାଚାର୍ଯ୍ୟ ଭାବେ ପ୍ରସିଦ୍ଧି ପାଇଥିବା ହେମଚନ୍ଦ୍ର 'କାବ୍ୟାନୁଶାସନ' ଗ୍ରନ୍ଥର ରଚୟିତା । ଅଭିନବଗୁପ୍ତ ଓ ମମ୍ମଟଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହେମଚନ୍ଦ୍ରଙ୍କ ଦୁଇ ପ୍ରମୁଖ ଶିଷ୍ୟ ରାମଚନ୍ଦ୍ର ଓ ଗୁଣଚନ୍ଦ୍ର 'ନାଟ୍ୟହର୍ଷଣ' ରଚନା କରିଥିଲେ । ହେମଚନ୍ଦ୍ର ସ୍ୱରଚିତ 'କାବ୍ୟାନୁଶାସନ'ର ଗୋଟିଏ ଟୀକା ମଧ୍ୟ ପ୍ରସ୍ତୁତ କରିଛନ୍ତି । ଭାରତୀୟ ସାହିତ୍ୟତତ୍ତ୍ୱର ଭାଷା ବିଚାର ଦିଗରେ ଏସବୁ ଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ମନେହୁଏ । ସପ୍ତମ ଶତାବ୍ଦୀର ଆଚାର୍ଯ୍ୟ ଦଣ୍ଡୀଙ୍କ 'କାବ୍ୟାଦର୍ଶ' ଏ ଦୃଷ୍ଟିରୁ ଆଉ ଏକ ଅନନ୍ୟ ଉଦାହରଣ । ଏଥିରେ ସମୁଦାୟ ଚାରିଟି ପରିଚ୍ଛେଦ ଓ ଛ' ଶହ ପଚାଶଟି ଶ୍ଳୋକ ଅଛି । ଗ୍ରନ୍ଥଟି କନ୍ନଡ଼ ଓ ସିଂହଳୀ ଭାଷାରେ ଲିଖିତ । ତିବ୍ବତୀୟ ଭାଷାରେ ବି ଏହାର ଅନୁବାଦ ଦେଖିବାକୁ ମିଳେ ଯାହାକି, ଭାଷା ଦୃଷ୍ଟିରୁ କାବ୍ୟାଦର୍ଶର ଲୋକପ୍ରିୟତା ଓ ଆବଶ୍ୟକତାର ପ୍ରମାଣ ଦିଏ । ଗୌଡ଼ୀ ଓ ବୈଦର୍ଭୀ ରୀତିର ଭିନ୍ନତାକୁ ସେ ଖୁବ୍ ସୁନ୍ଦର ଭାବରେ ପ୍ରକାଶ କରି ଭାଷା ଓ ତତ୍ତ୍ୱ ଉପରେ ଥିବା ତାଙ୍କ ଜ୍ଞାନର ଗଭୀରତା ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । କାବ୍ୟଲକ୍ଷଣ, କାବ୍ୟଭେଦ, ଗୁଣ, ଅର୍ଥାଳଙ୍କାର, ଯମଳାଙ୍କାର, ଦଶବିଧି କାବ୍ୟଦୋଷ ପ୍ରଭୃତି ଏହି କାବ୍ୟାଦର୍ଶରେ ସୂତ୍ର ଭାବରେ ବର୍ଣ୍ଣିତ ହୋଇଛି । ଆଳଙ୍କାରିକ ଦଣ୍ଡୀଙ୍କ ଭାଷା ପ୍ରୟୋଗ ଅତି ଚମତ୍କାର । ତ୍ରୟୋଦଶ ଶତାବ୍ଦୀର ଜଣେ ପ୍ରମୁଖ ଆଳଙ୍କାରିକ ଶାରଦାତନୟ । ତାଙ୍କର ଏକ ଉଲ୍ଲେଖନୀୟ ଅବଦାନ 'ଭାବପ୍ରକାଶ' । ଦଶଟି ଅଧ୍ୟାୟରେ ବିଭକ୍ତ ହୋଇଥିବା ଏହି ଗ୍ରନ୍ଥ 'ଭାବପ୍ରକାଶ'ରେ ଶବ୍ଦାର୍ଥ ସମ୍ବନ୍ଧ ବିଷୟରେ ଆଲୋଚନା ଦେଖିବାକୁ ମିଳେ, ଯାହାକି ଭାଷାର ପ୍ରୟୋଗ ବିଧି ବିଷୟରେ ସୂଚାଇବା ସହ ଭାଷା ଓ ଶବ୍ଦ କଥା କହିଥାଏ । ଅଷ୍ଟମ ଶତାବ୍ଦୀର ଅଳଙ୍କାର ପ୍ରସ୍ଥାନର ଜଣେ ଅଗ୍ରଗଣ୍ୟ ଆଚାର୍ଯ୍ୟ ଉଦ୍ଭଟ । ବିଖ୍ୟାତ ବିଦ୍ୱାନ ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ଉଦ୍ଭଟଙ୍କ ରଚିତ 'କାବ୍ୟାଳଙ୍କାର ସାର ସଂଗ୍ରହ' ଏକ ଅତି ଉପାଦେୟ ଗ୍ରନ୍ଥ । ଉଦ୍ଭଟ ଶବ୍ଦ ଭେଦରୁ ଅର୍ଥଭେଦ କଳ୍ପନା କରିଥିଲେ । ଶ୍ଳେଷାଳଙ୍କାରର ଦୁଇଟି ବିଭାଗ ଯଥା: 'ଶବ୍ଦଶ୍ଳେଷ' ଓ 'ଅର୍ଥଶ୍ଳେଷ' ବୋଲି ସେ ବିଭାଜନ କରିଥିଲେ ହେଁ ଏସବୁକୁ ସେ ଅର୍ଥାଳଙ୍କାର ଭାବରେ ପ୍ରାଧାନ ଦେଇଥିଲେ । ଅର୍ଥ ଉପରେ ବିଶେଷ ଗୁରୁତ୍ୱ ଦେଇ ଉଦ୍ଭଟ କରିଥିବା ଯୁକ୍ତିଯୁକ୍ତ ଆଲୋଚନା, ଭାଷା ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ଆଳଙ୍କାରିକ ମମ୍ମଟଙ୍କ 'କାବ୍ୟପ୍ରକାଶ' ଉପରେ ଟୀକା ଲେଖିବା ସହ ଅନେକ ଗ୍ରନ୍ଥର ରଚୟିତା ଭାବେ ଖ୍ୟାତ । ଦ୍ୱାଦଶ ଶତାବ୍ଦୀର ଆଲୋଚକ ରୂପ୍ୟକ 'ଅଳଙ୍କାର ସର୍ବସ୍ୱ' ଗ୍ରନ୍ଥ ପାଇଁ ବିଶେଷ ଭାବେ ପରିଚିତ ଓ ପ୍ରତିଷ୍ଠିତ । ଏହା ତାଙ୍କର ମୌଳିକ ଗ୍ରନ୍ଥ । ଏଥିରେ ସେ ୭୫ଟି ଅର୍ଥାଳାଙ୍କାର ଓ ୬ଟି ଶବ୍ଦାଳଙ୍କାରର ବିଶେଷ ବିଶ୍ଳେଷଣ କରିଛନ୍ତି ଯାହାକି ଭାଷା ଅନୁଶୀଳନ ଦୃଷ୍ଟିରୁ ଉଦାହରଣ ସ୍ଥାନୀୟ । ପଣ୍ଡିତ ଜଗନ୍ନାଥ ସପ୍ତଦଶ ଶତାବ୍ଦୀର ଜଣେ ସ୍ୱନାମଧନ୍ୟ କବି ଓ ସମାଲୋଚକ ଭାବେ ସୁପରିଚିତ ଆଳଙ୍କାରିକ ଓ ନୈୟାୟିକ ଭାବେ ମଧ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର 'ରସଗଙ୍ଗାଧର' ନାମକ ଗ୍ରନ୍ଥଟି ପାଣ୍ଡିତ୍ୟପୂର୍ଣ୍ଣ ରଚନା ଭାବେ ଆଲୋଚିତ ହୁଏ । ଭାଷାର ପ୍ରୟୋଗ ସହ ରସ ଓ ଅଳଙ୍କାର ବିଷୟରେ ତାଙ୍କର ବାଖ୍ୟା ଓ ସୈଦ୍ଧାନ୍ତିକ ବିଚାର ଆଲୋଚନା ବେଶ୍ ବୁଦ୍ଧି-ଦୀପ୍ତ । ବିଷୟ ବିଚାର ଆଲୋଚନାରେ ତାଙ୍କର ମୌଳିକତା, ନୂତନତା, ଭାଷା ପ୍ରୟୋଗରେ ବିବିଧତା ପଣ୍ଡିତରାଜ ଜଗନ୍ନାଥଙ୍କୁ ଭାରତୀୟ ସାହିତ୍ୟ ତତ୍ତ୍ୱରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ କରିପାରିଛି । 'ଏକାବଳୀ' ନାମକ ଅଳଙ୍କାର ଗ୍ରନ୍ଥର ପ୍ରଣୟନ କରି ପ୍ରତିଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଶତାବ୍ଦୀର ଅନନ୍ୟ ଆଳଙ୍କାରିକ ବିଦ୍ୟାଧର ତାଙ୍କର ଏହି ଗ୍ରନ୍ଥରେ ଧ୍ୱନିଭେଦ, ଶବ୍ଦାଳଙ୍କାର, ଅର୍ଥାଳଙ୍କାର, ଗୁଣ ଓ ରୀତି ବିଷୟରେ ବିଶେଷ ଦୃଷ୍ଟିପାତ କରିଛନ୍ତି ।


ଏକାଦଶ ଶତାବ୍ଦୀର ଆଲୋଚକ ଓ ଆଳଙ୍କାରିକ ଭାବେ ନିଜର ପ୍ରତିଷ୍ଠା ଲାଭ କରିଥିବା ଭୋଜରାଜ ସାହିତ୍ୟ ସିଦ୍ଧାନ୍ତ ସମୂହର ସଫଳ ସଂଗ୍ରାହକ ଭାବେ ମଧ ସୁପରିଚିତ । 'ସରସ୍ୱତୀ କଣ୍ଠାଭରଣ' ଗ୍ରନ୍ଥର ପାଞ୍ଚଟି ପରିଚ୍ଛେଦରେ ଭାଷାର ଅପୂର୍ବ ପ୍ରୟୋଗ କରିଛନ୍ତି । ଭାମହ, ବାମନ, ଦଣ୍ଡୀ, କୁନ୍ତକ, କ୍ଷେମେନ୍ଦ୍ର, ଆନନ୍ଦବର୍ଦ୍ଧନ, ବିଶ୍ୱନାଥ କବିରାଜ, ରୁଦ୍ରଟ, ମମ୍ମଟଙ୍କ ଅବଦାନ ଭଳି ଭୋଜରାଜଙ୍କ ଅବଦାନକୁ ମଧ ଅନସ୍ୱୀକାର୍ଯ୍ୟ ଓ ଅବିସ୍ମରଣୀୟ କୁହାଯାଏ । ତତ୍ତ୍ୱ ଓ ଭାଷାର ସଂପର୍କ ତଥା ସମନ୍ୱୟ, ଭାଷା ଆଲୋଚକଙ୍କୁ ଆଜି ବି ବିସ୍ମିତ କରେ । ଯଥାର୍ଥରେ ଆଳଙ୍କାରିକ ଭାମହ କହନ୍ତି, ବର୍ଣ୍ଣ ସମୁଦାୟ ହିଁ ଶବ୍ଦ । ଶବ୍ଦ ହିଁ କାବ୍ୟ । ଏଣୁ କବି ଶବ୍ଦ ବ୍ୟବହାର ପୂର୍ବରୁ ଶବ୍ଦର ଶୁଦ୍ଧତା, ଅଶୁଦ୍ଧତା ବିଷୟରେ ଧ୍ୟାନ ଦେବା । ■

ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ଏନ୍.ସି.ଇ.ଆର୍.ଟି, ଭୁବନେଶ୍ୱର-୨୨
ମୋ: ୬୩୭୨୦୮୨୬୯୦

# ପତ୍ରିକା ପରିଚୟ

## ବନଫୁଲ

### ସଂପାଦକ : ରତ୍ନାକର ନାୟକ



ରାଜନଗର
କେନ୍ଦ୍ରାପଡ଼ା -୨୫
ମୂଲ୍ୟ: ୨୦୦ ଟଙ୍କା

ରତ୍ନାକର ନାୟକଙ୍କ ସଂପାଦିତ 'ବନଫୁଲ'ର ଶାରଦୀୟ ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାର 'କଳାଜୟୀ କାହାଣୀ' ବିଭାଗରେ ବ୍ରହ୍ମାନନ୍ଦ ପଣ୍ଡାଙ୍କ 'ପାଗଳ' ଗପଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ସୁଷମା ପରିଜାଙ୍କ 'ଦଶ ମହାବିଦ୍ୟା'ରେ ଦଶ ମହାବିଦ୍ୟାଙ୍କ ସ୍ୱରୂପ ଓ ମାହାତ୍ମ୍ୟ ସଂପର୍କରେ ଆଲୋଚନା କରାଯାଇଛି । ସେଭଳି ଡକ୍ଟର ତ୍ରିନାଥ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗାୟତ୍ରୀ ଆର୍ଯ୍ୟ, ଭାଗୀରଥି ବେହେରା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ମାର୍ମିକ ହୋଇଛି । 'କବିତା ବିଭାଗ'ରେ ସଦାଶିବ ଦାଶ, ସୌଭାଗ୍ୟବନ୍ତ ମହାରଣା, ରବି ଶତପଥୀ, ସୁଶାନ୍ତ କୁମାର ନାୟକ, ଶିଶିର ନାୟକ, ସୁଧୀର ମେହେର, ମନୋଜ ମେହେର ପ୍ରମୁଖଙ୍କ କବିତା ଭାବଗର୍ଭକ ଓ ମନଛୁଆଁ ହୋଇଛି । ସେଭଳି ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଶରତ ଚନ୍ଦ୍ର ମହାପାତ୍ର, ଡକ୍ଟର ସୁସ୍ମିତା କୁମାରୀ ପାତ୍ର, ବିଜୟ ଲକ୍ଷ୍ମୀ ଦାଶଙ୍କ ପ୍ରବନ୍ଧ ଓ ଆଲୋଚନା ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । 'ବନଫୁଲ'ର ଏସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ବାଟୋଇ

### ସଂପାଦକ : ଶତ୍ରୁଘ୍ନ ତରାଇ




ରାଜନଗର
କେନ୍ଦ୍ରାପଡ଼ା - ୭୫୪୨୨୫
ମୂଲ୍ୟ: ୧୫୦ ଟଙ୍କା

ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ର ମହାପୂଜା ୨୦୨୫ ସଂଖ୍ୟାଟି ଆକର୍ଷଣୀୟ ହୋଇଛି । ଶତ୍ରୁଘ୍ନ ତରାଇଙ୍କ ସଂପାଦନାରେ ପ୍ରକାଶିତ 'ବାଟୋଇ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ, ଯୁବ ଲେଖକଙ୍କ ଲେଖାରେ ସମୃଦ୍ଧ ହୋଇଛି । 'ପ୍ରବନ୍ଧ ବିଭାଗ'ରେ ଆଶୁତୋଷ ପରିଡ଼ା, ଡକ୍ଟର ସର୍ବେଶ୍ୱର ସେଣ, ମନୋଜ ପଟ୍ଟନାୟକ, ଡକ୍ଟର ଭରତ ବେହେରା, ଡକ୍ଟର ବେଣୁଧର ପାଢ଼ୀ ପ୍ରମୁଖଙ୍କ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ପ୍ରବନ୍ଧ ପ୍ରକାଶ ପାଇଛି । ସେହିପରି ପରେଶ ପଟ୍ଟନାୟକ, ରବି ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ଗିରୀଶ ସାହୁ, ଅଧ୍ୟାପକ ରମେଶ ଦାସ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି । 'କବିତା ବିଭାଗ'ରେ ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ବଂଶୀଧର ଷଡ଼ଙ୍ଗୀ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ସୂର୍ଯ୍ୟ ମିଶ୍ର ପ୍ରମୁଖଙ୍କ କବିତାରେ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି । ସେହିପରି ସଂପାଦକୀୟଠାରୁ ଆରମ୍ଭ ଫିଚର, ସୃଜନ ଆଳାପ, ଅନୁଭବ ଓ ଅନୁଭୂତି, ପୁସ୍ତକ ସମୀକ୍ଷା ଆଦି ବିଭାଗର ଲେଖାଗୁଡ଼ିକ ମଧ ହୃଦୟସ୍ପର୍ଶୀ ହୋଇଛି । ■

## ଗୌରବ

### ସଂପାଦକ : ସଙ୍କର୍ଷଣ ଦାଶ



ଠାକୁର ସାହି, ପୋ: ବାଟିପଡ଼ା
କେନ୍ଦ୍ରାପଡ଼ା - ୭୫୪୨୧୮
ମୂଲ୍ୟ:୧୫୦ ଟଙ୍କା

ମୌଳିକ ଓ ଗବେଷଣାଧର୍ମୀ ସୃଜନର ସମାବେଶ 'ଗୌରବ'ର ପୂଜା ବିଶେଷାଙ୍କ ୨୦୨୫ ଆମର ହସ୍ତଗତ ହୋଇଛି । ସଙ୍କର୍ଷଣ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଥିବା 'ଗୌରବ'ର ଏହି ସଂଖ୍ୟାରେ 'କବିତା ଚିରନ୍ତନୀ'ରେ ରମାକାନ୍ତ ରଥଙ୍କ 'କାଞ୍ଚନ', କମଳାକାନ୍ତ ଲେଙ୍କାଙ୍କ 'ଯୋଗୀରେ ଯୋଗୀ', ଦୀପକ ମିଶ୍ରଙ୍କ 'ପାରି ହେବା' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । 'ଗଳ୍ପ କାଳଜୟୀ'ରେ ରାମଚନ୍ଦ୍ର ବେହେରାଙ୍କ 'ଦୁଇଟି ଉଦ୍ଭଟ ଚରିତ୍ର' ଗଳ୍ପଟି ମନଛୁଆଁ ହୋଇଛି । ପ୍ରବନ୍ଧ ବିଭାଗରେ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ, ଡ. ନଟବର ଶତପଥୀ, ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ମନନଶୀଳ ହୋଇଛି । ସେହିପରି ଫନୀ ମହାନ୍ତି, ଗିରିଜା କୁମାର ବଳିୟାରସିଂହ, ପ୍ରଦୀପ ବିଶ୍ୱାଳ, କ୍ଷୀରୋଦ ପରିଡ଼ା, ଧନଞ୍ଜୟ ସ୍ୱାଇଁ ପ୍ରମୁଖଙ୍କ କବିତା ମାର୍ମିକ ହୋଇଛି । ସେଭଳି ରଜନିକାନ୍ତ ମହାନ୍ତି, ପରେଶ ପଟ୍ଟନାୟକ, ସହଦେବ ସାହୁ, ନିବାରଣ ଜେନା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ଆଙ୍ଗିକ ଓ ଆତ୍ମିକ ଉଭୟ ଦୃଷ୍ଟିରୁ ଆକର୍ଷଣୀୟ ହୋଇଛି । 'ଗୌରବ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ତ୍ରିଶକ୍ତି

### ମୁଖ୍ୟ ସଂପାଦକ : ଆଶିଷ କୁମାର ଚନ୍ଦନ



ସାଂସ୍କୃତିକ ପରିଷଦ, ପାଟଣାଗଡ଼
ଜି: ବଲାଙ୍ଗିର

ସାରସ୍ୱତ ସଂକଳନ 'ତ୍ରିଶକ୍ତି' ମୁଖ୍ୟ ସଂପାଦକ ଆଶିଷ କୁମାର ଚନ୍ଦନ ଓ ସଂପାଦକ ଦିଲ୍ଲୀପ କୁମାର ମିଶ୍ରଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂକଳନରେ ଡ. ଗୋବର୍ଦ୍ଧନ ନାୟକ, ଡ. ସଦାବିହାରୀ ସାହୁ, ଶିବ ପ୍ରସାଦ ପଣ୍ଡା, ଭାବନୀ ଶଙ୍କର ପଟ୍ଟନାୟକ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ତଥ୍ୟଭିତ୍ତିକ ଓ ଉଚ୍ଚାଙ୍ଗ ହୋଇଛି । ସେହିପରି ମଳୟ ମିଶ୍ରଙ୍କ 'ଏବେ ବି ପୌରାଣିକ ଭୂମିକାରେ ଲୋକମାନେ', ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ 'ହୃଦୟ', ଆଶିଷ କୁମାର ଚନ୍ଦନଙ୍କ 'ପ୍ରତିତୀ: ଏକ ନାମହୀନ ସଂପର୍କ', ଯାଜ୍ଞସେନୀ ହୋତାଙ୍କ 'ଈଶ୍ୱରଙ୍କୁ ପ୍ରଶ୍ନଟିଏ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଭାଗୀରଥି ମିଶ୍ର, ପିନାକୀ ମିଶ୍ର, ଡକ୍ଟର ଶ୍ରୀଧରି ଧଳ, ଗଜାନନ ମିଶ୍ର, ଡ. ସଞ୍ଜୟ କୁମାର ମିଶ୍ର ପ୍ରମୁଖଙ୍କ କବିତାର ଭାବ, ଭାଷା ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି । 'ତ୍ରିଶକ୍ତି'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ପୁଲିସ ସୁରକ୍ଷା ମାଗିଲେ ପୀତବାସଙ୍କ ପତ୍ନୀ

ବ୍ରହ୍ମପୁର, ୮।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଣି ନୂଆ ମୋଡ଼ ଆସିଛି। ସପ୍ତାହେ ତଳେ ପୀତବାସଙ୍କ ପୁଅ ସୌରଭଙ୍କ ନିକଟକୁ ଆସିଥିବା ଦୁଇ ଦୁଇଥର ଧମକପୂର୍ଣ୍ଣ ଫୋନ୍ କଲକୁ ନେଇ ଆଜି ପୀତବାସଙ୍କ ପତ୍ନୀ ସୁସ୍ମିତା ଗଣମାଧ୍ୟମରେ ମୁହଁ ଖୋଲିବା ସହ ପୁଲିସ୍ ସୁରକ୍ଷା ମାଗିଛନ୍ତି। ପୁଲିସ ପକ୍ଷରୁ ମଧ୍ୟ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ



ଦିଆଯାଇଛି। ତାଙ୍କ ଘର ନିକଟରେ ଜଣେ ହାବିଲଦାର ଓ ୪ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ସୁସ୍ମିତା ଓ ତାଙ୍କ ପୁଅ ସୌରଭଙ୍କ ପାଇଁ ସ୍ୱତନ୍ତ୍ର ବ୍ୟକ୍ତିଗତ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ପୀତବାସଙ୍କ ପରିବାରକୁ ପୁଲିସ ସୁରକ୍ଷା ଯୋଗାଇ ଦିଆଯାଇଥିଲା। କିନ୍ତୁ ସୁରକ୍ଷାର ଆବଶ୍ୟକତା ନଥିବା ତାଙ୍କ ପରିବାର ପକ୍ଷରୁ ଦର୍ଶାଯିବାରୁ ସୁରକ୍ଷା ବ୍ୟବସ୍ଥା ହଟାଇ ଦିଆଯାଇଥିଲା।

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୁସ୍ମିତା କହିଥିଲେ ଯେ ତାଙ୍କର ଏକମାତ୍ର ପୁଅ ସୌରଭଙ୍କୁ ୨୭ ଓ ୨୮ ତାରିଖରେ ଦୁଇଟି ପୃଥକ୍ ପୃଥକ୍ ଫୋନ ନମ୍ବରରୁ ଧମକପୂର୍ଣ୍ଣ ଫୋନ କଲ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନାମ ନେଇ ଧମକ ଦେଇଥିଲା। ମାମଲା ପ୍ରତ୍ୟାହାର ନ କଲେ ମା'-ପୁଅଙ୍କୁ ହତ୍ୟା କରିବ ବୋଲି ଧମକାଇଥିଲା। ତେଣୁ ପୁଅ ଓ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ଗିରଫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରିବା ସହ ନିଜ ପରିବାରର ସୁରକ୍ଷା ପାଇଁ ସେ ଦାବି କରିଥିଲେ। ଧମକପୂର୍ଣ୍ଣ ଫୋନ୍ ନମ୍ବରରୁ ଗୋଟିକରେ ଭିକି ଓ ଅନ୍ୟଟିରେ ପରିମଳ ନାମ ଆସୁଥିବା ସେ

**■ ପୁଅ ଓ ମୋ' ଜୀବନ ପ୍ରତି ବିପଦ ରହିଛି: ସୁସ୍ମିତା**
**■ ଦିଅର-ଭାଉଜଙ୍କ କଥାରେ ନାହିଁ ତାଳମେଳ**

କହିଛନ୍ତି। ଏନେଇ ପୀତବାସଙ୍କ ପୁଅ ସୌରଭ ବୈଦ୍ୟନାଥପୁର ଥାନାରେ ଗତ ୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କହିଛନ୍ତି। ତେବେ ଏହି ଘଟଣାରେ ଉଭୟ ଫୋନ୍ ନମ୍ବରକୁ ଟ୍ରାକିଂ କରି ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ।

ବଡ଼କଥା ହେଲା, ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ପତ୍ନୀ ସୁସ୍ମିତା ଓ ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ବୟାନରେ ତାଳମେଳ ନଥିବା ଦେଖିବାକୁ ମିଳିଛି। ପ୍ରଥମେ ଦିଆଯାଇଥିବା ସୁରକ୍ଷା ବଳୟକୁ ହଟାଇ ଦିଆଯାଇଥିବା ବେଳେ ବର୍ତ୍ତମାନ ମଧ୍ୟ ସୁରକ୍ଷାର ଆବଶ୍ୟକତା ନଥିବା କହିଛନ୍ତି ପୂର୍ଣ୍ଣଚନ୍ଦ୍ର। କାରଣ ୨୭ ଓ ୨୮ ତାରିଖ ପରେ ସେଭଳି କିଛି ଘଟଣା ଘଟିନାହିଁ ଏବଂ ପୁଲିସ ସେ ଦିଗରେ କାର୍ଯ୍ୟ କରୁଥିବା ସେ ଦର୍ଶାଇ ସୁରକ୍ଷାର ଆବଶ୍ୟକତା ନଥିବା କହିଛନ୍ତି। କିନ୍ତୁ ଧମକପୂର୍ଣ୍ଣ ଫୋନ୍ କଲ ପରେ ଭୟଭୀତ ଥିବା ଓ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସୁରକ୍ଷା ଦାବି କରିଛନ୍ତି ସୁସ୍ମିତା।

ଗତ ୬ ତାରିଖରେ ଯେତେବେଳେ ଦୁଇ ଅଭିଯୁକ୍ତ ଚିଣ୍ଟୁ ପ୍ରଧାନ ଓ କୁରୁପତି ଭୂୟାଁ କ୍ରାଇମ୍ ସ୍ପଟରେ ସିନ ରିକ୍ରିଏସନ କରିବା ବେଳେ ଘଟଣାସ୍ଥଳରେ ଉପସ୍ଥିତ ପୂର୍ଣ୍ଣଚନ୍ଦ୍ର ଗଣମାଧ୍ୟମକୁ ଧମକପୂର୍ଣ୍ଣ ଫୋନ କଲ ସମ୍ପର୍କରେ ସୂଚନା ଦେଇ ନିଜର ପ୍ରତିକ୍ରିୟା ରଖିଥିଲେ। ତେବେ ବିକ୍ରମ ପଣ୍ଡାଙ୍କ ନାମ ସେ ନେଇ ନଥିଲେ। ତେବେ ଆଜି ହଠାତ ସାମ୍ବାଦିକ ସମ୍ମିଳନୀରେ ବିକ୍ରମଙ୍କ ନାମ ନିଆଯାଇଥିବାରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ, ଏସ୍‌ଡିଜେଏମଙ୍କ କୋର୍ଟରେ ବିକ୍ରମଙ୍କ ରିମାଣ୍ଡ ରିକଲ ପାଇଁ ହୋଇଥିବା ପିଟିସନ୍‌ର ଶୁକ୍ରବାର ଶୁଣାଣି ହୋଇ ରାୟ ୧୩ ତାରିଖକୁ ସଂରକ୍ଷିତ ରଖାଯାଇଛି। ଏଭଳି ପରିସ୍ଥିତିରେ ବିକ୍ରମଙ୍କ ନାମରେ ଧମକପୂର୍ଣ୍ଣ ଫୋନ କଲ ଓ ହତ୍ୟା ଧମକ ଅଭିଯୋଗ ପଛରେ କୋର୍ଟକୁ ବାଟବଣା କରିବା ଓ ପିଟିସନକୁ ଖାରଜ କରିବା ଭଳି ସୁଚିନ୍ତିତ ଷଡ଼ଯନ୍ତ୍ର ଥିବା ନେଇ ବିକ୍ରମଙ୍କ ଶୁଭେଚ୍ଛୁ ସନ୍ଦେହ କରିଛନ୍ତି।

# ସିଇଓଙ୍କ ନିକଟରେ ବିଜେଡିର ମାଳମାଳ ଅଭିଯୋଗ



ଭୁବନେଶ୍ୱର,୮।୧୧(ସମିସ): କ୍ଷମତାରେ ଅନ୍ଧ ପାଲଟି ଯାଇଥିବା ବିଜେପି ସରକାର, ନୂଆପଡ଼ା ଉପନିର୍ବାଚନରେ ଆଇନ ଭାଙ୍ଗିବାକୁ ପଛାଉ ନାହିଁ। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯାହାଫଳରେ ବିଜେପି ନିଜର ବେଆଇନ କାର୍ଯ୍ୟଧାରା ଜାରି ରଖିଛି। ଏପରିକି ଆଦର୍ଶ ଆଚରଣ ବିଧିକୁ ଉଲ୍ଲଘଂନ କରି ମନ୍ତ୍ରୀ

**■ ସଂରକ୍ଷିତ ଅଭୟାରଣ୍ୟ ଉପରେ ଉଡ଼ିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର**
**■ ନିର୍ବାଚନ ବେଳେ ମନ୍ତ୍ରୀ ଓ ବିଜେପି ନେତାଙ୍କ ନୂଆ ପ୍ରକଳ୍ପ ଘୋଷଣା**
**■ ମୁଖ୍ୟମନ୍ତ୍ରୀଙ୍କ ଷ୍ଟେଜ୍ ବନ୍ଧା ପାଇଁ ରାଜପଥକୁ ଅବରୋଧ କଲା ବିଜେପି**
**■ ମତଦାନ କେନ୍ଦ୍ର ଆଗରେ ଚାଲିଛି ବିଜେପିର ଦଳୀୟ କାର୍ଯ୍ୟାଳୟ**
**■ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରିଛନ୍ତି ପ୍ରାର୍ଥୀ ଜୟ ଢୋଲକିଆ**

ଓ ବିଜେପି ନେତା ନୂଆ ପ୍ରକଳ୍ପ ଘୋଷଣା କରୁଛନ୍ତି। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ବିଜେପି କୌଣସି ସୁଯୋଗ ହାତଛଡ଼ା କରୁନାହିଁ କିମ୍ବା ସରକାରୀ କଳର ଅପବ୍ୟବହାର ବନ୍ଦ କରୁନାହିଁ। ଏପରି ମାଳମାଳ ଅଭିଯୋଗ ଧରି ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ହାଜର ହୋଇ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ବିଜେଡି ଅଭିଯୋଗ କରିଛି ଯେ ନିର୍ବାଚନ ପ୍ରଚାର ପାଇଁ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିବେଶ ଓ ବିମାନ ପରିଚାଳନା ନିୟମକୁ ଉଲ୍ଲଂଘନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ଓ ଅଭୟାରଣ୍ୟ ସୁରକ୍ଷା ଆଇନକୁ ଉଲ୍ଲଘଂନ କରି ହେଲିକପ୍ଟରରେ ସୁନାବେଡ଼ା ସଂରକ୍ଷିତ ବନ୍ୟଜୀବ ଅଭୟାରଣ୍ୟ ଉପରେ ଉଡ଼ି ନିର୍ବାଚନ ପ୍ରଚାର କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ନୂଆପଡ଼ାର ଜାତୀୟ ରାଜପଥ ନଂ ୩୫୩କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଜାତୀୟ ରାଜପଥକୁ ବନ୍ଦ କରି ବିଜେପି ନେତାମାନଙ୍କ ପାଇଁ ମଞ୍ଚ ବନ୍ଧା ଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ବ୍ୟବସାୟରେ କ୍ଷତି ହୋଇଛି। ଜରୁରୀ ସେବା ବନ୍ଦ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ନିର୍ବାଚନୀ ଖର୍ଚ୍ଚ କଟକଣାକୁ ନ ମାନି ମାତ୍ରାଧିକ ବସ୍ ଓ ଟ୍ରକ ଭଡ଼ାରେ ଅଣାଯାଇଛି। ଏହା ବିରୋଧରେ ନିର୍ବାଚନ ଆୟୁକ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦଳ ଦାବି କରିଛି।

ବିଜେଡିର ଅନ୍ୟଏକ ଅଭିଯୋଗ ଅନୁଯାୟୀ, ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିବା ବେଳେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ବିଜେପି ନେତା ଅରିନ୍ଦମ ରାୟ କୋମନା ବ୍ଲକ୍ ଅଧୀନ ମଥିଆପାଦର ଗ୍ରାମରେ ନୂଆ ରାସ୍ତା ନିର୍ମାଣ ପ୍ରକଳ୍ପ ଘୋଷଣା କରିବା ସହ ତୁରନ୍ତ କାମ ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ନିୟମାବଳୀ ଅନୁଯାୟୀ ନିର୍ବାଚନ ସୂଚନା ଜାରି ହେବା ପରେ କୌଣସି ନୂଆ ଉନ୍ନୟନ କାମ ଘୋଷଣା କିମ୍ବା ଆରମ୍ଭ କରିବା ସଂପୂର୍ଣ୍ଣ ନିଷିଦ୍ଧ; ହେଲେ ମନ୍ତ୍ରୀ ଓ ବିଜେପି ନେତା ଏହି ନିୟମକୁ ଭାଙ୍ଗିଛନ୍ତି। ସେହିପରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିର୍ବାଚନ ପ୍ରଚାରରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛନ୍ତି। ବିଦ୍ୟୁତ ଖୁଣ୍ଟି, ସାଇନବୋର୍ଡ ଓ ଜାତୀୟ ରାଜପଥରେ ଅବୈଧ ଭାବରେ ଅଭିଯାନ ପୋଷ୍ଟର ଓ ବ୍ୟାନର ଲଗାଯାଉଛି। ପୂର୍ବରୁ ଏପରି ଅଭିଯୋଗ ହୋଇଥିଲେ ସୁଦ୍ଧା କିଛି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ।

ସେହିପରି ବିଜେପି ନେତା ଓ କର୍ମକର୍ତ୍ତାମାନେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମୋଙ୍ଗରାପାଲିର ୱାର୍ଡ ନଂ ୧୫ ଓ ୧୭ ସ୍ଥିତ ମତଦାନ ପାଇଁ ଉଦ୍ଦିଷ୍ଟ ବୁଥ୍ ନଂ ୭୪ ଓ ୭୬ ସମ୍ମୁଖରେ ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି। ଏହାଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ଏସବୁ ଦଳୀୟ କାର୍ଯ୍ୟାଳୟକୁ ଉଚ୍ଛେଦ ପାଇଁ ବିଜେଡି ଦାବି କରିଛି। ଏହି ପ୍ରତିନିଧିମଣ୍ଡଳୀରେ ଡ. ଲେନିନ ମହାନ୍ତି, ସୁଲତା ଦେଓ, ମିହିର ରାୟ, ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ, ଜ୍ୟୋସ୍ନାମୟୀ ପରିଡ଼ା ପ୍ରମୁଖ ସାମିଲ୍ ଥିଲେ।

## ବ୍ରହ୍ମପୁର ଜେଲକୁ ଫେରିଲେ ଶଙ୍କର ଓ ଅରବିନ୍ଦ

ବ୍ରହ୍ମପୁର,୮ ।୧୧(ସମିସ): ୫ଦିନିଆ ରିମାଣ୍ଡ ସରିବା ପରେ ପୁଲିସ ଏସଆଇ ଚାକିରି କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ଅରବିନ୍ଦ ଦାଶଙ୍କୁ ଶନିବାର କ୍ରାଇମବ୍ରାଞ୍ଚ କଟକରୁ ବ୍ରହ୍ମପୁର ଆଣିଛି। ଉଭୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରି ପରେ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଉଭୟଙ୍କୁ ୫ଦିନ ରିମାଣ୍ଡରେ ନେଇ କଟକରେ ଜେରା କରିବା ପରେ ଶନିବାର ବ୍ରହ୍ମପୁର କୋର୍ଟରେ ହାଜର କରିଛି। ପୂର୍ବରୁ ଅଭିଯୁକ୍ତ ମୁନା ମହାନ୍ତି, ପ୍ରିୟଦର୍ଶନୀ ସାମଲ ଓ ଲୋକନାଥ ସାହୁଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଜେରା କରିଥିଲା।

**AFFIDAVIT**

I, Prabhata Kumar Samal, about 62 years, Son of Late Chaitanya Charan Samal, At-Goutam Nagar, Bidyadharpur, Naya Bazar, Cuttack – 753004 having Adhaar No. 939815753292 and PAN No. ANMPS0042B declare by this affidavit No. 8978 dated 03.09.2025 that my name is "Prabhata Kumar Samal" and is not "Prabhat Kumar Samal" as wrongly mentioned in some documents. Hence my name is to be read as "Prabhata Kumar Samal" for all future purposes.

**AFFIDAVIT**

I, Suhel Ahmed Mohammed c/o Mir Sanawar Ali, Resident of Village- Nania Mohalla, Krushnanandapur, Po-Krishnanandapur, Dist-Jagatsinghapur, Odisha, declare by this affidavit No.2363 dtd 16.10.2025 that now onwards I shall be known as **MOHAMMED SUHEL AHMAD** for all future purposes.

**AFFIDAVIT**

I SUNAINA DASH, W/o PRABIR KUMAR HOTA, resident of At/Po- Sasahandi, Via- Borigumma, Ps.- Kotpad, DT.- Koraput-764 056, Odisha declare by this Affidavit No.1764, Dated- 30/10/2025, that now onwards I shall be known as **SUNEINA DASH** for all future purpose.

**AFFIDAVIT**

By virtue of an affidavit No.-1219, Dtd.10.10.2025 sworn before the Executive Magistrate, Bargarh, I, Jigyanasha Subhadarsini Sahu, D/o-Debashish Sahu, At Bandutikra, P/o: Bargarh, Dist: Bargarh, Odisha state that my name has been inadvertently spelt in my Aadhar card No. 3635 7016 5439 as Jingyasa Subhadarshini instead of Jigyanasha Subhadarsini Sahu, but both the names are one and same . Henceforth, I will be known as **Jigyanasha Subhadarsini Sahu** for all future purposes

**ହଜିଛି**

ମୁଁ ମାନଗୋବିନ୍ଦ ସାହୁ, ପିତା-ସୁବଳ ସାହୁ, ସ୍ଥାୟୀ ଠିକଣା-ଭଣ୍ଡାରିକୁଦା, ରାୟବିଧାର, ପୁରୀ, ପିନ୍-୭୫୨୦୧୧ ଏହା ଜଣାଇବାକୁ ଚାହେଁ ଯେ, ଗତ ତା ୦୨.୦୯.୨୦୨୫ ଦିନ ବାଇକ ଯୋଗେ ମୁଁ ପୁରୀ କୋର୍ଟରୁ ବାହାରି ରାୟ ବିଧାର ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି । ହଜିଯାଇଥିବା ଦସ୍ତାବେଜର ବିବରଣୀ: ସୁବଳ ସାହୁ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୪୮ (ତାରିଖ: ୦୬.୦୬.୨୦୦୮) ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜକୁ ଖୋଜି ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ମାନଗୋବିନ୍ଦ ସାହୁ, ମୋବାଇଲ୍ ନଂ. ୮୨୪୯୩୩୩୧୫୬ କିମ୍ବା ଆଡଭୋକେଟ୍ ରାଜିବ ଲୋଚନ ଦାସ, ମୋବାଇଲ୍ ନଂ. ୯୭୭୭୪୫୨୨୪୪ ରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

By virtue of an affidavit no-6074 sworn before the Executive Magistrate, Champua on dtd-06/11/2025, I Mohammad Daud, S/o- Late Abdul Kayum, resident of At- Muslim Basti, Po/Ps- Champua, Dist- Keonjhar, Odisha. My Aadhar Card Bearing No: 7914 0977 8741 & my son's Passport No- L5752113. I have changed my name from **Mohammed Daud** (old name) to **Mohammad Daud** (new name). Henceforth both name **Mohammed Daud** and **Mohammad Daud** is one & same person he will be known as **Mohammad Daud** for all future purposes.

**Mohammad Daud**

**NOTICE**

I, Sadashiba Dhal age-48, S/o-Bharat Dhal of Resident At-Gouribelda, Po-Kasida, Ps-Jaleswar, Dist-Balasore, Odisha-756034. Declared by Affidavit Before P.K Mishra (O.R.S) in the Court of Executive Magistrate, Balasore, Affidavit Sl No:- 11564,Date-04/11/2025 ,That my Minor Daughter **SUSMITA DHAL** (Old Name) but by assumed Minor daughter name **SMITARANI DHAL** (New Name ). Hence I declared my minor daughter **SUSMITA DHAL** (Old Name) and **SMITARANI DHAL** (New Name) the same and one person for all future purpose.

Sadashiba Dhal

# ଗାଡ଼ିଆପଡ଼ା ଘାଟିରେ ବୁଲୁଛି ବାଘ



## ଅଳ୍ପକେ ବର୍ତ୍ତିଲେ ବାଇକ୍ ଚାଳକ

ଫିରିଙ୍ଗିଆ, ୮।୧୧(ସମିସ): କନ୍ଧମାଳ ଜିଲ୍ଲା ବୌଦ୍ଧ ସୀମାନ୍ତ ଗାଡିଆପଡ଼ା ଘାଟି ଅଞ୍ଚଳରେ ଏକ କଲରାପତରିଆ ବାଘ ଦେଖିବାକୁ ମିଳିଛି। ବାଘ ହାବୁଡ଼ରୁ ଜଣେ ବାଇକ୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ଗାଡ଼ିଆପଡ଼ା ବୌଦ୍ଧ ସୀମାନ୍ତରେ ଗତକାଲି ଅପରାହ୍ଣରେ ଏକ କଲରାପତରିଆ ବାଘ ରାସ୍ତା ପାର କରିବା ସମୟର ଜଣେ ବାଇକ ଆରୋହୀ ଯାଉଥିଲେ। ଏହି ଦୃଶ୍ୟକୁ ଫୁଲବାଣୀ ପଟରୁ ଯାଉଥିବା ଜଣେ କାର୍ ଚାଳକ ଭିଡିଓ କରିଥିଲେ। ତାହା ଏବେ ଭାଇରାଲ ହେବାରେ ଲାଗିଛି। ଆସନ୍ତାକାଲି ଉକ୍ତ ଅଞ୍ଚଳକୁ ଯାଇ ବାଘର ପଦ ନମୁନା ଦେଖିବୁ ଏବଂ ଏନେଇ ଲୋକଙ୍କୁ ସଚେତନ କରାଯିବା ସହିତ ବାଘର ଗତିବିଧି ଉପରେ ନଜର ରଖିବୁ ବୋଲି ଫୁଲବାଣୀ ବନାଞ୍ଚଳ ଅଧିକାରୀ ଆଶାଲତା ଦିଗାଲ କହିଛନ୍ତି।

## ମହମ୍ମଦ ଜୁନେଦ ବିଜେଡି ରାଜ୍ୟ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୮।୧୧(ସମିସ): ବିଜୁ ଜନତା ଦଳର ସମ୍ପାଦକ ଭାବେ ନୂଆପଡ଼ା ଖରିଆର ରୋଡ୍ ଟାଉନର ମହମ୍ମଦ ଜୁନେଦଙ୍କୁ ନୂଆ ନିଯୁକ୍ତି ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୭ତାରିଖ ଜୁନେଦ ବିଧିବଦ୍ଧ ବାବରେ ବିଜେଡିରେ ସାମିଲ ହୋଇଥିଲେ।

# ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୧୧(ସମିସ):ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତ ଓ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଆୟୋଜିତ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଅବସରରେ ଯୋଗଦେଇଥିବା ଯୁବ ପ୍ରତିନିଧିମାନେ ଲିଙ୍ଗରାଜ ମନ୍ଦିର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ରାଜଭବନ ଏବଂ ସି.ଆର୍.ପି.ଏଫ୍ ଗ୍ରୁପ୍ ସେଣ୍ଟର ଆଦି ସ୍ଥାନ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ୫ଟି ରାଜ୍ୟର ୨୦୦ ଯୁବକ ଯୁବତୀ ଅଂଶ ଗ୍ରହଣ କରିଛନ୍ତି। ମାଇଁ ଭାରତର ଅଧିକାରୀ ନିଖିଲ କୋକୁଲା, ରମେଶ ଭୁଲିଆ, ପ୍ରସନ୍ନ ମେହେର, ଶୁଭେନ୍ଦ୍ର ନାଥ ସାହୁ ଏବଂ କୁଳମଣି ମଲ୍ଲିକଙ୍କ ନେତୃତ୍ୱରେ ଯୁବ ପ୍ରତିନିଧିମାନେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ସିଆର୍‌ପିଏଫ୍‌ର ଡିଆଇଜି. ଭାରତ ଭୂଷଣ ସେଠୀ, ଡେପୁଟି କମାଣ୍ଡାଣ୍ଟ ନରେଶ କୁମାର ପ୍ରମୁଖ ବରିଷ୍ଠ ଅଧିକାରୀଙ୍କ ସହ ସୌଜନମୂଳକ ସାକ୍ଷାତ କରିଥିଲେ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦଳାଚକଟା ପାଇଁ...

ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ ଜିଲ୍ଲା ପୁଲିସ ମେସିନାରୀର ମୁଖ୍ୟ ହେଉଛନ୍ତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ। ରଥଯାତ୍ରା ପରିଚାଳନାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ତେବେ ଉପରୋକ୍ତ ଅଘଟଣ ପରେ ତାଙ୍କୁ ପୁରୀ ଜିଲ୍ଲାକୁ ଅନ୍ୟତ୍ର ବଦଳି କରାଯାଇ ସାରିଛି। ଏତଦ୍ ବ୍ୟତୀତ ଯେଉଁ ୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରାଯାଇଛି, ସେମାନେ ନିଜ ଦାୟିତ୍ୱରେ କେଉଁ ପ୍ରକାର ଅବହେଳା କରିଥିଲେ ସେନେଇ ଉଲ୍ଲେଖ କରାଯାଇଛି।

ଗତ ରଥଯାତ୍ରା ସମୟରେ ପୁଲିସ ପକ୍ଷରୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ନେଇ ବଡ଼ ବଡ଼ କଥା କୁହାଯାଇଥିଲେ ହେଁ, ଏହାର ପୋଲ ଖୋଲିଛି ଉପରୋକ୍ତ ରିପୋର୍ଟ। ଆଇସିସିସିକୁ ସେତେବେଳେ ମୁଖ୍ୟତଃ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଜରୁରୀକାଳୀନ ସ୍ଥିତି ଏବଂ ଭିଆଇପି ଗସ୍ତ ସମୟରେ ସହଯୋଗ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଏହି ଏଆଇ ଭିତ୍ତିକ ସର୍ଭେଲାନ୍ସ ସିଷ୍ଟମର ଯେତେବେଳେ ସର୍ବାଧିକ ଆବଶ୍ୟକତା ଥିଲା, ତାହା ସେତେବେଳେ ସଠିକ୍ ଭାବେ କାର୍ଯ୍ୟ କରିନଥିଲା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଟେଣ୍ଡର ଅନୁଯାୟୀ ମୁକ୍ତାକାଶ ରଙ୍ଗମଞ୍ଚ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇନଥିବା ବେଳେ ଅନ୍ୟ କେତେକ ସ୍ଥାନରୁ ସିସିଟିଭି କ୍ୟାମେରାରୁ ଫିଡ୍ ଆସିନଥିଲା। ସେହିପରି ଅନେକ ସ୍ଥାନରେ ସିସିଟିଭି କ୍ୟାମେରା ସଠିକ୍ ଭାବରେ କାମ କରିନଥିବା ବେଳେ ଯାତ୍ରୀଙ୍କୁ ସୂଚନା ପାଇଁ ଲଗାଯାଇଥିବା ଏଲଇଡି ପ୍ୟାନେଲ ମଧ୍ୟ କାମରେ ଆସିନଥିଲା। ସେହିପରି ଆଇସିସିସି ଅଧୀନରେ ଡ୍ରୋନର ଉପଯୋଗ କରାଯାଇନଥିବା ବେଳେ କ୍ୟାମେରା ଯୋଗାଇଥିବା ଭେଣ୍ଡର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ଫିଡ୍ ପ୍ରଦାନରେ ବିଫଳ ହୋଇଥିଲା। ମୋଟାମୋଟି ଭାବେ ସୁରୁଖୁରୁର ରଥଯାତ୍ରା ପରିଚାଳନାରେ ସିସିଟିଭି କ୍ୟାମେରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଏହି ବ୍ୟବସ୍ଥା ଏକପ୍ରକାର ଫେଲ୍ ମାରିଥିବା ରିପୋର୍ଟରେ କୁହାଯାଇଛି। ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି) ଦାୟିତ୍ୱରେ ଥିବା କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କୁ ରେଡ ଫ୍ଲାଗଭୁକ୍ତ କରିବା ପାଇଁ ଅନୁ ଗର୍ଗଙ୍କ କମିଟି ସୁପାରିସ କରିଛି। ସେହିପରି ରଥଯାତ୍ରା ସମୟରେ ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଘୋର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ଯେ ଶରଧାବାଲିରେ ଘଟିଥିବା ଏହି ଅଘଟଣ ପାଇଁ ମୋଟ ୩ ଜଣଙ୍କର ଜୀବନ ଯାଇଥିଲା। ଦଳାଚକଟା ଘଟିବା ଦିନ ହିଁ ରାଜ୍ୟ ସରକାର ତତ୍କାଳୀନ ଜିଲ୍ଲାପାଳ ସିର୍ଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ୍ ଅଗ୍ରୱାଲଙ୍କୁ ବଦଳି କରିଥିଲେ।

### ବାଲ୍‌କୋନୀ ଭୁଶୁଡ଼ି...

ସୂଚନାନୁସାରେ, ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖରେ ରହିଥିବା ପ୍ରାଚୀ ଏନକ୍ଲେଭ୍‌ର ଜି-୫ ଫ୍ଲାଟ୍ ବାଲକୋନୀଟି ଆଜି ସନ୍ଧ୍ୟାରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଏହି କୋଠାଟି ପୁରାତନ ହୋଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ହେଉନଥିବାରୁ କାନ୍ଥ ଓ ବାଲ୍‌କୋନୀରେ ଦୀର୍ଘ ଦିନ ହେବ ଫାଟ ସୃଷ୍ଟି ହୋଇଥିଲା। ଏହି ଫ୍ଲାଟ୍‌ର ତଳେ ଏକ ପରିବାର ଆଜବେଷ୍ଟସ୍ ଘରେ ରହୁଥିଲେ। ବାଲକୋନୀ ଭୁଶୁଡ଼ିବା ପରେ ବଡ଼ବଡ଼ ଖଣ୍ଡଗୁଡ଼ିକ ଆଜବେଷ୍ଟସ୍ ଉପରେ ପଡ଼ିଥିଲା। ଘର ଭିତରେ ପରିବାରର ୩ଜଣ ସଦସ୍ୟ ଥିବା ବେଳେ ଅନ୍ୟ ୪ ଜଣ ସଦସ୍ୟ ଘର ବାରଣ୍ଡାରେ ବସିଥିଲେ।

ବାଲକୋନୀ ଭୁଶୁଡ଼ିବା ପରେ ଭଙ୍ଗା ସିମେଣ୍ଟ୍ ଓ ରଡ୍ ଖଣ୍ଡ ଭିତରେ ବାପା ଅବଦୁଲ୍, ମା' ରେହେମାତୁନ୍ ଓ ପୁଅ ରିହାନ୍ ଚାପି ହୋଇ ରହିଯାଇଥିଲେ। ଅନ୍ୟ ସଦସ୍ୟମାନେ ବାରଣ୍ଡାରେ ବସିଥିବା ହେତୁ ସେମାନଙ୍କ ଉପରେ ସିମେଣ୍ଟ୍ ଓ ରଡ୍ ଖଣ୍ଡ ମାଡ଼ ହୋଇଥିଲା। ଘଟଣାସ୍ଥଳରେ ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଲୋକ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ୨ଟି ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କଟର୍ ମେସିନ୍ ଓ ଅନ୍ୟାନ୍ୟ ତଳେଇ ଭଙ୍ଗା ଉପକରଣ ସାହାଯ୍ୟରେ ଆଜବେଷ୍ଟସ୍ ଘରକୁ ଭଙ୍ଗା ଯାଇ ପ୍ରଥମେ ୩ଜଣଙ୍କୁ ଉଦ୍ଧାର କରାଯାଇ ଏସସିବି ମେଡିକାଲ୍ ପଠାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପଟେ ଆମ୍ବୁଲାନ୍ସ ଡକାଯାଇ ଅନ୍ୟ ଗୁରୁତରଙ୍କୁ ଏସ୍‌ସିବି ପଠାଯାଇଥିଲା। ଏ ସମ୍ପର୍କରେ ରେସ୍କ୍ୟୁ ଟିମ୍‌ର ମୁଖ୍ୟ ତଥା ଫାୟାର୍ ଅଫିସର୍ ସଞ୍ଜୀବ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଫ୍ଲାଟ୍‌ଟି ସର୍ବପୁରାତନ ହୋଇଥିବା ବେଳେ ତାହାର ରକ୍ଷଣାବେକ୍ଷଣ ଆଦୌ କରାଯାଉନଥିଲା। ଉଭୟ କାନ୍ଥ, ବାଲକୋନୀ ଓ ଝରକା ଦିନକୁ ଦିନ ଦୁର୍ବଳ ହୋଇଯାଇଥିଲା। କାନ୍ଥ ଏବଂ ବାଲ୍‌କୋନୀ ମଝିରେ ବଡ଼ବଡ଼ ଫାଟ ସୃଷ୍ଟି ହୋଇଥିଲା। ଫ୍ଲାଟ୍‌ର ମାଲିକଙ୍କ ବେପରୁଆ ମନୋଭାବ ଯୋଗୁଁ ଏତେବଡ଼ ଦୁର୍ଘଟଣା ଘଟିଛି ବୋଲି ସେ କହିଛନ୍ତି।

ସ୍ଥାନୀୟ ବାସିନ୍ଦା ସୂର୍ଯ୍ୟକାନ୍ତ ହାଲଦାର୍ କହିଛନ୍ତି ଯେ ଯିଏ କେହିବି ଦୁର୍ଘଟଣା ଘଟିଥିବା ଫ୍ଲାଟ୍‌ଟିକୁ ଦେଖିବ, ସେ ଏହା ସର୍ବପୁରାତନ ବୋଲି ଜାଣିପାରିବ। ଆଦୌ ରକ୍ଷଣବେକ୍ଷଣା ହେଉନଥିବା କାରଣରୁ ଏଭଳି ଦୁର୍ଘଟଣା ଘଟିଲା। ଫ୍ଲାଟ୍ ମାଲିକ ଏଥିପାଇଁ ଦାୟୀ ବୋଲି ସେ ସିଧାସଳଖ ମତ ରଖିଛନ୍ତି। ଏନକ୍ଲେଭ୍ ମାଲିକଙ୍କୁ ବାରମ୍ବାର ଏହି ବିପଦସଂକୁଳ ଫ୍ଲାଟ୍‌ର ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ସେ ଏ ଦିଗରେ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ଉଠିଛି। ଅନ୍ୟପଟେ, ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

### ଡିସେମ୍ବର ୧ରୁ...

ଅଧିବେଶନ ଫଳପ୍ରଦ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ସୂଚନା ପରେ କଂଗ୍ରେସ ପକ୍ଷରୁ ଜୟରାମ ରମେଶ କେତେକ ପ୍ରଶ୍ନ ଉଠାଇଛନ୍ତି। ସଂସଦ କାହିଁକି ବିଳମ୍ବରେ ଡକାଯାଉଛି ଏବଂ ଏହାର କାର୍ଯ୍ୟଦିବସ ଏତେ କମ୍ କାହିଁକି? ସେ କହିଛନ୍ତି ଯେ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ସରକାରଙ୍କର କିଛି କାର୍ଯ୍ୟକ୍ରମ ନାହିଁ ଓ ଅନୁମୋଦନ ପାଇଁ ବିଲ୍ ନାହିଁ।ପୁଣି ସରକାର କୌଣସି ପ୍ରସଙ୍ଗରେ ବିତର୍କ କରିବାକୁ ଚାହାନ୍ତି ନାହିଁ। ତୃଣମୂଳ କଂଗ୍ରେସ ନେତା ଡି. ଓବରଏନ ମଧ୍ୟ କହିଛନ୍ତି ଯେ ଯାହା ଜଣାପଡୁଛି ସରକାର ବିତର୍କ କରିବାକୁ ଡରୁଛନ୍ତି।

ସୂଚନାଯୋଗ୍ୟ ଯେ ଅତୀତରେ ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ଡିସେମ୍ବର ୨୫ ପୂର୍ବରୁ ଶେଷ ହେବାର ପରମ୍ପରା ରହିଆସିଛି। ଗତ ବର୍ଷ ମଧ୍ୟ ଶୀତକାଳୀନ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୨୦ରେ ଶେଷ ହୋଇଥିଲା। ତେବେ ସେ ଯାହା ହେଉନା କାହିଁକି ସଂକ୍ଷିପ୍ତ ହେଉ ପଛେ ଏହି ଅଧିବେଶନ ସରଗରମ ହେବ। ନିର୍ବାଚନ କମିସନ ୧୨ଟି ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ କରିଥିବା ବେଳେ ବିରୋଧୀ ଦଳର ଏହାର ତୀବ୍ର ବିରୋଧ କରୁଛନ୍ତି। ପୂର୍ବ ଅଧିବେଶନ ଭଳି ଏହି ଅଧିବେଶନରେ ମଧ୍ୟ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ପୁଣି ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହି ଅଧିବେଶନ ହେଉଥିବାରୁ ଏହା ସଂସଦକୁ ସରଗରମ କରି ରଖିବ।

ଗତ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ମୌସୁମୀ ଅଧିବେଶନ ବସିଥିଲା। ପ୍ରଥମ ଦିନରେ ହିଁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଇସ୍ତଫା ଦେଇଥିଲେ। ଏହାପରେ ପୂରା ଅଧିବେଶନ ।।ରେ ବିହାରରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍)କୁ ନେଇ ହଙ୍ଗାମା ହୋଇଥିଲା। ମୌସୁମୀ ଅଧିବେଶନରେ ମୋଟ୍ ଉପରେ ୨୧ଟି ବୈଠକ ବସିଥିଲା। ଲୋକସଭାରେ ୧୨୦ ଘଣ୍ଟା ଚର୍ଚ୍ଚାର ସମୟ ନିର୍ଦ୍ଧାରିତ କରାଯାଇଥିଲା। କିନ୍ତୁ ମାତ୍ର ୩୭ ଘଣ୍ଟାର କାର୍ଯ୍ୟ ହୋଇଥିଲା। ସେହିପରି ରାଜ୍ୟସଭାରେ ମାତ୍ର ୪୧ ଘଣ୍ଟା ଚର୍ଚ୍ଚା ହୋଇଥିଲା। ଲୋକସଭା ଓ ରାଜ୍ୟସଭାରେ ମୋଟ୍ ଉପରେ ୨୭ଟି ବିଲ୍ ପାସ୍ ହୋଇଥିଲା।

### ଏଣିକି ସ୍ୱୟଂଚାଳିତ...

ବାଲାନ୍ସ ଆପେ ଆପେ ନୂଆ ନିଯୁକ୍ତିଦାତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ ଅତିବେଶିରେ ଦୁଇରୁ ପାଞ୍ଚ ଦିନ ଲାଗିବ।

ପୂର୍ବରୁ ଚାକିରି ବଦଳାଇବା ସମୟରେ ଫର୍ମ-୧୩ ପୂରଣ କରିବାକୁ ପଡୁଥିଲା। ଏହା ପରେ ପୁରୁଣା ଏବଂ ନୂଆ ନିଯୁକ୍ତିଦାତାଙ୍କ ଯାଞ୍ଚ କରିବାକୁ ହେଉଥିଲା। ଏହି ପ୍ରକ୍ରିୟା ପାଇଁ ମାସେରୁ ଦୁଇ ମାସ ଲାଗୁଥିଲା। ଅନେକ ଥର ଦାବି ମଧ୍ୟ ଖାରଜ ହୋଇଯାଇଥାଏ। ସୁଧ ହାରରେ ମଧ୍ୟ କ୍ଷତି ହେଉଥିଲା। ଇପିଏଫଓ ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ଲକ୍ଷାଧିକ ଦାବି ପଡ଼ି ରହୁଥିଲା। ନୂଆ ନିୟମରେ ଏହି ସମସ୍ୟାରୁ ମୁକ୍ତି ମିଳିବ। ଏବେ କର୍ମଚାରୀ ନୂଆ ଚାକିରିରେ ସାମିଲ ହେଲେ ନିଯୁକ୍ତିଦାତା ୟୁଏଏନ ଲିଙ୍କ୍ କରାଇବେ। ଇପିଏଫଓ ପୋର୍ଟାଲରେ ଆଧାର ଏବଂ କେୱାଇସି ଦ୍ୱାରା ଅଟୋ-ଭେରିଫିକେସନ ହେବ। ପୁରୁଣା ପିଏଫ୍ ବାଲାନ୍ସ ସିଧାସଳଖ ଭାବେ ନୂଆ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ କୌଣସି କାଗଜପତ୍ର ଦେବାକୁ ପଡ଼ିବ ନାହିଁ। ତିନିରୁ ୫ ଦିନ ମଧ୍ୟରେ କାମ ଶେଷ ହୋଇଯିବ। ତେବେ ଏଥିପାଇଁ ୟୁଏଏନ ସକ୍ରିୟ ଏବଂ ଆଧାର ଲିଙ୍କ୍ ଥିବା ଜରୁରୀ।

ଏହି ନୂଆ ପ୍ରୟାସ ଦ୍ୱାରା କର୍ମଚାରୀଙ୍କୁ ୫ଟି ପ୍ରମୁଖ ଲାଭ ମିଳିବ। କର୍ମଚାରୀଙ୍କ ସମୟ ବଞ୍ଚିବ। କାଗଜପତ୍ରର ଝିନ୍ଝଟ୍ ଅପଲୋଡରୁ ମୁକ୍ତି ମିଳିବ ଏବଂ ସବୁକିଛି ସ୍ୱୟଂକ୍ରିୟ ଭାବେ ହୋଇଯିବ। ସୁଧ ଧାରାବାହିକ ଭାବେ ଜାରି ରହିବ। ଏଥିରେ କୌଣସି କ୍ଷତି ହେବ ନାହିଁ। ଅବସର ସମୟରେ ସବୁ ଅର୍ଥ ଗୋଟିଏ ସ୍ଥାନରେ ମିଳିବ। ଘରୋଇ ଚାକିରିଆଙ୍କ ପାଇଁ ଚାକିରି ବଦଳାଇବା ସହଜ ହୋଇଯିବ। ଇପିଏଫଓ ପକ୍ଷରୁ କୁହାଯାଇଛି ଯେ ଏହି ସ୍ୱୟଂଚାଳିତ ପ୍ରକ୍ରିୟା ଦ୍ୱାରା ୧୦ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟଙ୍କୁ ଲାଭ ମିଳିବ। ୟୁଏଏନକୁ ଆଧାର ଲିଙ୍କ ନେଇ ହେଉଥିବା ଠକେଇ ମଧ୍ୟ ବନ୍ଦ ହୋଇଯିବ। ଏଥିପାଇଁ ୟୁଏଏନ ନମ୍ବରକୁ ସକ୍ରିୟ କରିବା ପାଇଁ କର୍ମଚାରୀଙ୍କୁ ନିବେଦନ କରାଯାଇଛି।

# କେବେ ପୂରଣ ହେବ ବ୍ରାହ୍ମଣୀ ବ୍ଲକ୍ ଗଠନ ଦାବି

ପଟ୍ଟାମୁଣ୍ଡାଇ, ୮।୧୧(ସମିସ): ସମ୍ପ୍ରତି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ବ୍ରାହ୍ମଣୀ ବ୍ଲକ ଗଠନ ପାଇଁ ବ୍ରାହ୍ମଣୀ ବ୍ଲକ ଗଣ ସଂଗ୍ରାମ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ ନୂତନ ବ୍ରାହ୍ମଣୀ ବ୍ଲକ ଗଠନ କେବେ ହେବ, ସେନେଇ ଧୋୟାଞ୍ଚଳ ବାସୀ ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା ଓ ବ୍ଲକ ପୁନର୍ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ନୂତନ ବ୍ରାହ୍ମଣୀ ବ୍ଲକ ଗଠନ ପାଇଁ ବ୍ରାହ୍ମଣୀ ବ୍ଲକ ଗଣ ସଂଗ୍ରାମ ସମିତି ପକ୍ଷରୁ ଏକ ସ୍ମାରକପତ୍ର ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ପ୍ରଦାନ କରାଯାଇଛି। ବ୍ରାହ୍ମଣୀ ବ୍ଲକ ଗଣସଂଗ୍ରାମ ସମିତି ଆବାହକ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଡ. ଚକ୍ରଧର ଦାଶ, ଅଶୋକ ମଲ୍ଲିକ, ଦିଲ୍ଲୀପ ବିଶ୍ୱାଳ, ଧନେଶ୍ୱର ପ୍ରଧାନ, ରଜତ ବାରିକ, ପ୍ରସନ୍ନ ପାଢ଼ୀ, ଆଦିକନ୍ଦ ଦାସ, ଅରୋଶିଷ ରାଉତ, ସତ୍ୟସୁନ୍ଦର ରାୟ ପ୍ରମୁଖ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ତାଙ୍କ ଭୁବନେଶ୍ୱରସ୍ଥ ବାସଭବନରେ ଭେଟି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ୭ଟି ପଞ୍ଚାୟତ ଓ ଆଳି ବ୍ଲକର ୧୧ଟି ପଞ୍ଚାୟତ, ପଟ୍ଟାମୁଣ୍ଡାଇ ତହସିଲର ୨ଟି ଆର୍ଆଇ ସର୍କଲ ଓ ଆଳି ତହସିଲର ୫ଟି ଆର୍ଆଇ ସର୍କଲକୁ ନେଇ ନୂତନ ବ୍ଲକ ଓ ତହସିଲ ଗଠନ ଦାବି କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ନୂତନ ବ୍ରାହ୍ମଣୀ ବ୍ଲକ ଗଠନ ଦାବିର ବିଚାର କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

## କଳିଙ୍ଗ ବାଲିଯାତ୍ରାର ପଞ୍ଚମ ସନ୍ଧ୍ୟା

# ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, ପାଇକ ଆଖଡ଼ା ମନ ମୋହିଲା






ପାରାଦୀପ, ୮।୧୧(ସମିସ)

ପାରାଦୀପ ସମୁଦ୍ର ବେଳାଭୂମିରେ ଆୟୋଜିତ କଳିଙ୍ଗ ବଳିଯାତ୍ରାର ଆଜି ଥିଲା ପଞ୍ଚମ ସନ୍ଧ୍ୟା। ଆଜି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଞ୍ଚରେ ଓଡ଼ିଶୀ, ସମ୍ବଲପୁରୀ, ଝାରସୁଗୁଡ଼ାର ୱେଷ୍ଟର୍ଣ୍ଣ ନୃତ୍ୟ, କଟକ ସାଲେପୁରର କ୍ରିଏଟିଭ ଡ୍ୟାନ୍ସ, ଖୋର୍ଦ୍ଧାର ପାଇକ ଆଖଡା ଓ ଗଞ୍ଜାମର କଣ୍ଢେଇ ନାଚ ଦର୍ଶକଙ୍କ ମନ ମୋହିଥିଲା। ସାଂସ୍କୃତିକ ସଭାରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପାରାଦୀପ ଫସଫେଟ୍ ଲିମିଟେଡ୍‌ର ମୁଖ୍ୟ ସାଧାରଣ ପରିଚାଳକ ସୁମିତ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ଇଫ୍‌କୋର ମାନବ ସମ୍ବଳ ବିଭାଗ ମୁଖ୍ୟ ବିଜୟ କୁମାର ପରିଡ଼ା, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଏଏମ୍/ଏନ୍ଏସ୍ ରାଜସ୍ୱ ଓ ମାନବ ସମ୍ବଳ ମୁଖ୍ୟ ଡ. ଦେବବ୍ରତ ଦାଶ ଯୋଗଦେଇ ପ୍ରଶାସନ କଳିଙ୍ଗ ବଳିଯାତ୍ରା ସମସ୍ତ ଓଡ଼ିଆ ପରିବାରଙ୍କୁ ଏକାଠି କରିବାକୁ ସୁଯୋଗ ଦେଉଥିବାରୁ ପ୍ରଶଂସା କରିଥିଲେ। ଆଜି ପଞ୍ଚମ ଦିନରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା।

# ଟେଲିଟୋଲ ବାଲିଯାତ୍ରା ମହୋତ୍ସବ



ତିର୍ତ୍ତୋଲ, ୮।୧୧(ସମିସ): ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଟେଲିଟୋଲ ବାଲିଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟା ସାଂସ୍କୃତିକ ସଭା ମହୋତ୍ସବ କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସର୍ଖେଲ ଯୋଗଦେଇ ଏହି ବାଲିଯାତ୍ରାରେ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଦୁଇଟି ଜିଲ୍ଲାର ସମାଗମ ହୋଇଥିବାରୁ ଜିଲ୍ଲା ପ୍ରଶାସନ ଏହି ବାଲିଯାତ୍ରାକୁ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ମୁଖ୍ୟବକ୍ତା ରଘୁନାଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର ଯୋଗଦେଇ ଏହି ମାଟି ଐତିହ୍ୟ ମାଟି ବୋଲି କହିଥିଲେ। ସମ୍ମାନିତ ଅତିଥି ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲ୍ଲା ପରିଷଦ ସଭ୍ୟା ରାନାରାଣୀ ମଲ୍ଲିକ, ମହିଳା ନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ରବୀନ୍ଦ୍ର ରାଉଳ, ସଂଗଠକ ଅନ୍ତର୍ଯ୍ୟାମୀ ରାଉତ, ସମାଜସେବୀ ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଚାରଣ କରିବା ସହ ସାରଳା ଦାସ ଓ ସାରଳା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରକାଶ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବିମଳ ମହାପାତ୍ର, ଅରବିନ୍ଦ ହୋତା, ଚିତ୍ତରଞ୍ଜନ ରଥ, ସୁବ୍ରତ ଦାଶ ସହଯୋଗ କରିଥିଲେ। ବିଶ୍ୱଜିତ୍ ଦାସ ଧନ୍ୟବାଦ୍ ଦେଇଥିଲେ।

# ତିର୍ତ୍ତୋଲ କୁମାର ଉତ୍ସବ ସମିତିର ବାର୍ଷିକ ଉତ୍ସବ

ତିର୍ତ୍ତୋଲ, ୮।୧୧(ସମିସ): ତିର୍ତ୍ତୋଲ ଜୟ ପ୍ରକାଶ ମଇଦାନରେ ତିନିଦିନ ଧରି ଚାଲିଥିବା ତିର୍ତ୍ତୋଲ କୁମାର ଉତ୍ସବ ସମିତିର ୫୨ତମ ବାର୍ଷିକୋତ୍ସବ ଓ ଗଣକବି ବୈଷ୍ଣବ ପାଣି ଜୟନ୍ତୀ ସମାରୋହ ଉଦଯାପିତ ହୋଇଯାଇଛି। ସମିତି ସଭାପତି ବିମଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପିତ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଓଡ଼ିଆ



ସଂସ୍କୃତି ଓ ପରମ୍ପରା ଗାଁରେ ରହିଛି। କିନ୍ତୁ ଗାଁ ପୁଅ ବାହାରେ ରହି ଗାଁ ଓ ମା'କୁ ଭୁଲିଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ପୂର୍ବତନ ସାଂସଦ ଡଃ ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା ପାରାଦୀପର ପୂର୍ବତନ ବିଧାୟକ ଇଂ ସମ୍ବିତ ରାଉତରାୟ, ସମ୍ମାନିତ ଅତିଥି ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇ, ପାରାଦୀପର ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସର୍ଖେଲ, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ, ସମାଜସେବୀ ଲୋରା ମହାପାତ୍ର ପ୍ରମୁଖ ଯୋଗଦେଇ ଗଣକବି ବୈଷ୍ଣବ ପାଣି ଓ କୁମାର ପୂର୍ଣ୍ଣିମା ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଭ୍ୟ ପ୍ରଦୀପ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଅନୀଲ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଅବସରରେ ସମାଜସେବୀ ସ୍ୱର୍ଗତ ନିତ୍ୟାନନ୍ଦ ଜେନାଙ୍କ ପତ୍ନୀ ପ୍ରମିଳା ଜେନାଙ୍କୁ ଶ୍ରେଷ୍ଠ ମାତା ଭାବେ ମାତେଶ୍ୱରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ଉପସଭାପତି ଜେନାମଣି ଅନୀଲ ରାୟ, ସହସମ୍ପାଦକ ଧୀରେନ୍ଦ୍ର ଦାସ, କୋଷାଧ୍ୟକ୍ଷ ନବକୁମାର ମହାପାତ୍ର, ପ୍ରଯୋଜକ ପ୍ରଶାନ୍ତ ମହାନ୍ତି, ସମୀକ୍ଷକ ମନୋଜ ରାୟ, ନରେଶ ମହାପାତ୍ରଙ୍କ ସମେତ ସମିତିର କର୍ମକର୍ତ୍ତା ପରିଚାଳନା କରିଥିଲେ। ରାତିରେ ସାମାଜିକ ନାଟକ ଚାବୁଲା ସାରଙ୍କ ନିର୍ଦ୍ଦେଶନାରେ 'ଆସିଛି ଏକା ଯିବି ମୁଁ ଏକା' ନାଟକ ସମିତିର କଳାକାରଙ୍କ ପକ୍ଷରୁ ମଞ୍ଚସ୍ଥ କରାଯାଇଥିଲା।

# ଏଏମ୍/ ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ପ୍ରତିଷ୍ଠା ହୋଇଛି 'ଦକ୍ଷ ଏକାଡ଼େମୀ'

ପାରାଦୀପ, ୮।୧୧(ସମିସ): ସ୍ଥାନୀୟଯୁବପିଢ଼ିଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଗୁରୁକୁଳ ଫାଉଣ୍ଡେସନର ସହଯୋଗରେ ଜଗତସିଂହପୁର ଜିଲ୍ଲାର ପାରାଦୀପଗଡ଼ରେ 'ଦକ୍ଷ ଏକାଡେମୀ' ପ୍ରତିଷ୍ଠା କରାଯାଇଛି। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଏହି କୋଚିଂ ସେଣ୍ଟରକୁ ଉଦ୍‌ଘାଟନ କରାଯାଇଛି। ଆଇଏଏସ୍, ଓଏଏସ୍, ବ୍ୟାଙ୍କିଙ୍ଗ୍, ରେଳବାଇ, ପ୍ରତିରକ୍ଷା, ଓଏସଏସସି, ଓଏସଏସଏସସି, ଓପିଏସସି, କ୍ଲର୍କ, ଶିକ୍ଷକ, ସଚିବାଳୟ ଓ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀଙ୍କୁ ମାଗଣା, ଉଚ୍ଚମାନର କୋଚିଂ ପ୍ରଦାନ କରିବା ଏଏମ୍ /ଏନ୍ଏସ୍ ଇଣ୍ଡିଆର ପ୍ରମୁଖ ସିଏସ୍‌ଆର୍ ପଦକ୍ଷେପ 'ଦକ୍ଷ' ଅଧୀନରେ ପ୍ରତିଷ୍ଠିତ ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ। ସ୍ମାର୍ଟ ଶ୍ରେଣୀ ଗୃହ, କ୍ୟାରିୟର କାଉନସେଲିଂ, ଡିଜିଟାଲ୍ ଲାଇବ୍ରେରୀ, ୱାଇଫାଇ ସହିତ



କମ୍ପ୍ୟୁଟର ଲ୍ୟାବ୍ ଓ ଅଭିଜ୍ଞ ଅଧ୍ୟାପକଙ୍କୁ ନେଇ ପ୍ରତିଷ୍ଠା ହୋଇଥିବା ଦକ୍ଷ ଏକାଡେମୀ ଛାତ୍ରଛାତ୍ରୀଙ୍କୁ ରୋଜଗାରକ୍ଷମ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସଫ୍ଟସ୍କିଲ୍ ପ୍ରଶିକ୍ଷଣ, ସାକ୍ଷାତକାର ନିମନ୍ତେ ପ୍ରସ୍ତୁତି ଓ ବ୍ୟକ୍ତିତ୍ୱ ବିକାଶ ଅଧିବେଶନ ଆୟୋଜନ କରିବ।

ଉଦ୍‌ଘାଟନୀ ଉତ୍ସବରେ ପାରାଦୀପଗଡ଼ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ଏଏମ୍/ଏନଏସ ଇଣ୍ଡିଆର ପାରାଦୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁଏସଆର ରାଜୁ, ଏଏମ୍/ଏନଏସ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଗୁରୁକୁଳ ଏକାଡେମୀର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ସୁରଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ୟୁଏସ୍‌ଆର୍ ରାଜୁ କହିଛନ୍ତି, ଏଏମ୍/ଏନ୍ଏସ୍ ଇଣ୍ଡିଆ ସର୍ବଦା ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଇଆସିଛି। ବିଭିନ୍ନ କ୍ୟାରିୟରଭିତ୍ତିକ ପଦକ୍ଷେପ ମାଧ୍ୟମରେ କମ୍ପାନୀ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍କର୍ଷତା ହାସଲ କରିବା ପାଇଁ ଆବଶ୍ୟକ ଜ୍ଞାନ ଓ ଦକ୍ଷତା ସହିତ ସଜ୍ଜିତ କରିବାକୁ ଲକ୍ଷ୍ୟ ରଖିଛୁ। ଏଏମ୍/ଏନଏସ୍ ଇଣ୍ଡିଆ ସ୍ଥାନୀୟ ଯୁବପିଢ଼ିଙ୍କ ମଧ୍ୟରେ ଏକାଡେମିକ୍ ଉତ୍କର୍ଷତା ବୃଦ୍ଧି କରିବା ଓ ଉଜ୍ଜଳ ଭବିଷ୍ୟତର ସ୍ୱପ୍ନକୁ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

# ଟେଲିଟୋଲ ବାଲିଯାତ୍ରାରେ ଭାଗବତ ଟୁଙ୍ଗି



ତିର୍ତ୍ତୋଲ, ୮।୧୧(ସମିସ): ତିର୍ତ୍ତୋଲ ନିକଟ ଗୋପିଆକୁଦ ମହାନଦୀ ବେଳାଭୂମିରେ ଚାଲିଥିବା ଟେଲିଟୋଲ ବାଲିଯାତ୍ରାରେ ପ୍ରତିବର୍ଷ ପରି ଏବର୍ଷ ମଧ ରାମାୟଣି ପଣ୍ଡିତ ଅଭୟ ଦାଶଙ୍କ ପରିଚାଳନାରେ ଭାଗବତ ଟୁଙ୍ଗି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଏହି ଟୁଙ୍ଗିର ଉଦ୍‌ଘାଟନ କରିଥିଲେ। ବାଲିଯାତ୍ରା ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାର ଅତିଥି ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସର୍ଖେଲ ଏହି ଭାଗବତ ଟୁଙ୍ଗି ପରିଦର୍ଶନ କରି ପ୍ରଶଂସା କରିଥିଲେ। ଆଧ୍ୟାତ୍ମିକ ଓ ଭକ୍ତି ଭାବ ଜନସାଧାରଣ ମଧ୍ୟରେ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାଲିଯାତ୍ରାରେ ଏହି ଭାଗବତ ଟୁଙ୍ଗି ପ୍ରତିଷ୍ଠା କରି ଭାଗବତର ବାଣୀ ପ୍ରଚାର ପ୍ରସାର କରିଥା'ନ୍ତି ବୋଲି ପଣ୍ଡିତ ଅଭୟ ଦାଶ ପ୍ରକାଶ କରିଛନ୍ତି।

# ୱାଦା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କୁଜଙ୍ଗ, ୮।୧୧(ସମିସ): ନାରାୟଣ ବୀରବର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟରେ ବ୍ରାଉନସୁଗର ବିରୋଧରେ ସଚେତନତା ଓ ଜନମତ ସୃଷ୍ଟି କରିଆସିଥିବା ୱାର ଏଗେନଷ୍ଟ ଡ୍ରଗ୍‌ସ (ୱାଦା) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ୍ରଗ୍‌ସ ଭଳି ଏକ ଅବୈଧ ନିଶାଦ୍ରବ୍ୟକୁ ସମାଜରୁ ଦୂର କରିବାରେ ଛାତ୍ରଛାତ୍ରୀଙ୍କ ଭୂମିକାକୁ ନେଇ ବିଦ୍ୟାଳୟ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଡା. ବନପ୍ରଭା ପରିଡ଼ା ସଭାପତିତ୍ୱ କରିଥିବାବେଳେ ୱାଦାର ରାଜ୍ୟ ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ଅଭିଯାନରେ ସାମିଲ ହୋଇ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଦେବାରେ ଛାତ୍ରଛାତ୍ରୀ ନିଜକୁ ସୈନିକ ଭାବେ ଲଢିବାକୁ ଆହ୍ୱାନ ଦେଇଥିଲେ। ଆଇନଜୀବୀ ସୁକାନ୍ତ ମାଝୀ, ୱାଦାର ଜିଲ୍ଲା ଯୁବ ସଂଯୋଜକ ଲିପୁ ଦାସ ଓ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବାଣିଜ୍ୟ ଅଧ୍ୟାପକ ଡଃ କିଶୋର କୁମାର ଜେନା, ପ୍ରଦୀପ୍ତ ସାମଲ, ପ୍ରକାଶ ଚୌଧୁରୀ, ସୌଦାମିନୀ କର, ସୁଷମା ମହାପାତ୍ର, କୁସୁମ ମାଝୀ, ପବିତ୍ର ପରିଡ଼ା, ବିଜୟ ସେଠୀ ଓ ସୁବାସ ପଣ୍ଡା ପ୍ରମୁଖ ସହଯୋଗ କରିଥଲେ।

# ନକଲି ପ୍ରମାଣପତ୍ର ଦେଇ ଚାକିରି କରିଥିବା ଅଧ୍ୟାପକ ବହିଷ୍କୃତ

ବାଲିକୁଦା, ୮।୧୧(ସମିସ): ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ବାଲିକୁଦା କଲେଜ ବାଣିଜ୍ୟ ବିଭାଗ ଅଧ୍ୟାପକଙ୍କୁ ବହିଷ୍କୃତ କରାଯାଇଛି। ୪୮ ବର୍ଷ ବୟସରେ ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି କରିଥିଲେ ବାଣିଜ୍ୟ ବିଭାଗ ଅଧ୍ୟାପକ ବସନ୍ତ ମହାନ୍ତି। ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରଥମେ ସସ୍‌ପେଣ୍ଡ କରିଥିବାବେଳେ ଏବେ ବହିଷ୍କୃତ କରିଛନ୍ତି। ସେ ୭ ବର୍ଷ ଧରି କଲେଜ ପରିଚାଳନା କମିଟି ଅଧୀନରେ ଶିକ୍ଷାଦାନ କରୁଥିଲେ। ସେ ସଠିକ୍ ଭାବେ ପଢ଼ାଇ ପାରୁ ନ ଥିବା ଛାତ୍ରଛାତ୍ରୀ ଅଧ୍ୟକ୍ଷ ଓ ଉପଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏପରିକି ଅନ୍ୟ ଜଣେ ଅଧ୍ୟାପକଙ୍କ ସହ ମନୋମାଳିନ୍ୟ ଏଭଳି ପରିସ୍ଥିତି ସୃଷ୍ଟି କରିଥିଲା। ଶେଷରେ ଉଭୟଙ୍କୁ ଚାକିରି ହରାଇବାକୁ ପଡ଼ିଛି। ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ ହୋଇ ଏ ସଂକ୍ରାନ୍ତରେ ତଦନ୍ତ ରିପୋର୍ଟ ପ୍ରଦାନ ପରେ ଜଣାପଡ଼ିଛି ଯେ ଶ୍ରୀ ମହାନ୍ତି ଅନର୍ସ ନ ଥାଇ ଥାର୍ଡ଼ ଡିଭିଜନରେ ଗ୍ରାଜୁଏସନ ପାସ କରିଥିଲେ। ଏହାର ୨୧ ବର୍ଷ ପରେ ଜାଲ୍ ସାର୍ଟିଫିକେଟ ଯୋଗାଡ଼ କରି ଚାକିରି ହାତେଇବାରେ ସଫଳ ହୋଇଥିଲେ। ନକଲି ପିଜି ସାର୍ଟିଫିକେଟରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଦର୍ଶାଇଥିଲେ। ଚାକିରି ପାଇଁ ସରକାର ୪୨ ବର୍ଷ ବୟସ ସୀମା ଧାର୍ଯ୍ୟ କରିଥିବାବେଳେ ବସନ୍ତ କିଭଳି ଏହି ଚାକିରି ୪୭ ବର୍ଷ ବୟସରେ ପାଇଲେ ତାହା ଆଶ୍ଚର୍ଯ୍ୟର ବିଷୟ। କୌଣସି ବିଜ୍ଞାପନ ନଥାଇ ସେ ଏହି ପଦବୀରେ ରହିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ତଦନ୍ତ କରିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଏହି ଅଧ୍ୟାପକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାରିଥର ଚିଠି ଆସିଥିଲା। ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ ଉପଜିଲ୍ଲାପାଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚାକିରିରୁ ସସପେଣ୍ଡ କରିଥିଲେ ଓ ଦିନକ ପରେ ବରଖାସ୍ତ କରିଛନ୍ତି।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ




ଜଗତସିଂହପୁର, ୮।୧୧(ସମିସ): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ଯୋଗଦେଇ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଚାଷକୁ ଅଧିକ ପ୍ରୋତ୍ସାହିତ କରିବା ସହିତ ଚାଷୀ ଭାଇଭଉଣୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡଃ ଦ୍ୱାରିକା ମୋହନ ଦାସ (କୃଷି ଯନ୍ତ୍ରୀ) ଓ ବୈଜ୍ଞାନିକ ସସ୍ମିତା ପୁରୋହିତ (ଗୋଷ୍ଠୀ ବିଜ୍ଞାନ) ଯୋଗଦେଇ କୃଷି ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ଶ୍ରୀଅନ୍ନ ଚାଷର ପ୍ରସାର ଓ ଖାଦ୍ୟର ଉପକାରିତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିରିଡ଼ି ବ୍ଲକ କୃଷି ଅଧିକାରୀ ପ୍ରସନ୍ନା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ଯୋଗଦେଇ ସରକାରଙ୍କ ପକ୍ଷରୁ ଶ୍ରୀଅନ୍ନ ଅଭିଯାନ ପାଇଁ ଯୋଗାଇ ଦିଆଯାଇଥିବା ସମସ୍ତ କାର୍ଯ୍ୟଶୈଳୀ ବାବଦରେ ଚାଷୀ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅବଗତ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଖାଦ୍ୟ ଷ୍ଟଲ୍ ପକାଇ ପୁଷ୍ଟି ଶସ୍ୟରେ ତିଆରି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରଦର୍ଶନ କରିଥିଲେ। କୃଷି ବିଭାଗ ପକ୍ଷରୁ ପୁଷ୍ଟି ଶସ୍ୟର ବିଭିନ୍ନ କିସମର ବିହନ ଓ ସଦ୍ୟ କଟା ଶସ୍ୟର ପ୍ରଦର୍ଶନ କରାଯାଇଥିଲା। କୁଜଙ୍ଗ, ବିରିଡ଼ି ଓ ଜଗତସିଂହପୁର ବ୍ଲକର ଶତାଧିକ ଚାଷୀ ଭାଇଭଉଣୀ, ମହିଳା ସ୍ୱୟଂଗୋଷ୍ଠୀ ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଏ ଅବସରରେ ଶିଶୁ କଳାକାରଙ୍କ ଦ୍ୱାରା ମାଣ୍ଡିଆ ଗୀତ ଉପରେ ନୃତ୍ୟ ପ୍ରଦର୍ଶନ ହୋଇଥିବାବେଳେ କୃଷକ, ଏସ୍‌ଏଚ୍‌ଜି, ଏଫ୍‌ଏ, ଓ ଏଫ୍‌ପିଓଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା କୃଷି କାର୍ଯ୍ୟାଳୟର ଯୋଜନା ଅଧିକାରୀ ନିହାରିକା ଦାସ ଓ ସରୋଜ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମପ୍ରାଣାଙ୍କ ପରଲୋକ

ତିର୍ତ୍ତୋଲ, ୮।୧୧(ସମିସ): ଅବସରପ୍ରାପ୍ତ ଶିକ୍ଷକ ତଥା ଦଶମାଣକୂଳ ସରସ୍ୱତୀ ଶିଶୁମନ୍ଦିରର ପୂର୍ବତନ ସମ୍ପାଦକ ତ୍ରିଲୋଚନ ଆଚାର୍ଯ୍ୟଙ୍କ ପତ୍ନୀ ଗୀତା ଆଚାର୍ଯ୍ୟଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି କୋଳର ପଞ୍ଚାୟତର ତାରଟୋଲ ଗ୍ରାମସ୍ଥ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।



# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ ଶିବିର

ଆଳି, ୮।୧୧(ସମିସ): ଆଳି ବ୍ଲକ ଅନ୍ତର୍ଗତ ନିଆଳସ୍ଥ ସହଦେବ ଦାସ ବାଳିକା ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ ଶିବିର ତଥା ଭାରତ ସ୍କାଉଟ ଓ ଗାଇଡ କ୍ୟାମ୍ପର ୭୫ତମ ପ୍ରତିଷ୍ଠା ଦିବସ ଜିଲ୍ଲା କମିଶନର ସ୍କାଉଟ ପୀତବାସ ପଣ୍ଡାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଜିଲ୍ଲା ପରିଚାଳନା କମିଶନର ସ୍କାଉଟ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକରୁ ୩୭ ବିଦ୍ୟାଳୟର ୬୫୧ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ସ୍କାଉଟ ସ୍ମିତା ପ୍ରତିଭା ସାହୁ, ଜିଲ୍ଲା କମିଶନର ଗାଇଡ୍ ଜୟନ୍ତୀ ଦେଇ, ଜିଲ୍ଲା ପରିଚାଳନା କମିଶନର ଗାଇଡ୍ ଅନ୍ନପୂର୍ଣ୍ଣା ତୁଳି, ଜିଲ୍ଲା ଟ୍ରେନିଂ କମିଶନର ସ୍କାଉଟ ସରୋଜକାନ୍ତ ବିଶ୍ୱାଳ, ଜିଲ୍ଲା ଟ୍ରେନିଂ କମିଶନର ଗାଇଡ୍ ହରପ୍ରିୟା କର, ଜିଲ୍ଲା ସଂଯୋଜକ ଗାଲେଖ ଭୂୟାଁ, ଜିଲ୍ଲା ସହସମ୍ପାଦକ ଜ୍ୟୋତିକାନ୍ତ ନାୟକ, ମିନତୀ ବଳ ପ୍ରମୁଖ ଯୋଗ ଦେଇଥିଲେ। ଆଗନ୍ତୁକ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗ ତୃତୀୟ ସୋପାନରେ ଥିଓରୀ ଓ ପ୍ରାକ୍ଟିକାଲରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। ସେମାନେ ଆଗାମୀ ନଭେମ୍ବରରେ ରାଜ୍ୟସ୍ତରୀୟ କର୍ମଶାଳାରେ ଭାଗ ନେବେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା




କେନ୍ଦ୍ରାପଡ଼ା, ୮।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ନୂଆ ବସ୍‌ଷ୍ଟାଣ୍ଡରେ ଆୟୋଜିତ ହୋଇଛି। ଜୟଶ୍ରୀ ପତିଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଏସବିଆଇ ପାରାଦୀପ ସର୍କଲର ରିଜିଓନାଲ ମ୍ୟାନେଜର ବିଜୟ ବେହେରା ଓ କେନ୍ଦ୍ରାପଡ଼ା ମୁଖ୍ୟ ଶାଖା ମ୍ୟାନେଜର କଳ୍ପଜ୍ୟୋତି ଭଟ୍ଟାଚାର୍ଯ୍ୟ ଯୋଗଦେଇ ୟୁପିଆଇ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସୁରକ୍ଷା ବିଷୟରେ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଏସପି ସରୋଜ ସାହୁ, କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ଯୋଗଦେଇଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଏକ ସାଇବର ସଚେତନତା ରାଲି ବାହାରି ସହର ପରିକ୍ରମା କରି ନୂଆ ବସଷ୍ଟାଣ୍ଡରେ ପହଞ୍ଚିଥିଲା। ଏହି ରାଲିରେ ବିଭିନ୍ନ ମହାବିଦ୍ୟାଳୟ, ସ୍କୁଲର ଛାତ୍ରଛାତ୍ରୀ ଓ ଘୋଡ଼ାନାଚ କଳାକାର ଯୋଗଦେଇଥିଲେ। ସାଇବର ସଚେତନତାକୁ ସରଳ ଓ ଆକର୍ଷଣୀୟ କରିବା ପାଇଁ ହାସ୍ୟ କଳାକାର ପ୍ରଜ୍ଞା ଓ ଶଙ୍କର ସାମିଲ ଥିଲେ। କେନ୍ଦ୍ରାପଡ଼ା ଟାଉନ ଥାନା ଅଧିକାରୀ ଦିଲ୍ଲୀପ ସାହୁ ଓ ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ କମ୍ପାନୀରେ ନିଯୁକ୍ତି ଓ ଠିକା କାମକୁ ନେଇ ବଢ଼ିଲା ବିବାଦ

# ନିଯୁକ୍ତି ଓ କାମ ପାଇଁ ୟୁନିଅନ ବାଜି ନ କରିବାକୁ ଚେତାବନୀ

ପାରାଦୀପ, ୮।୧୧ (ସମିସ)



ଢିଙ୍କିଆରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପରେ ଜମି ହରାଇଥିଲେ ଶହ ଶହ ପରିବାର। ଏମାନଙ୍କ ପାଇଁ ଜେଏସଡବ୍ଲ୍ୟୁ କର୍ତ୍ତୃପକ୍ଷ ଏଯାଏ କୌଣସି ନିଯୁକ୍ତି ସୁଯୋଗ ସୃଷ୍ଟି କରି ନ ଥିବା ନେଇ ଅଭିଯୋଗ ହେଉଛି। ଯେତେବେଳେ ପ୍ରଶାସନ କମ୍ପାନୀକୁ ଆଣିଲା ସେ ସମୟରେ କମ୍ପାନୀ ଓ ପ୍ରଶାସନ ଜମି ହରାଇଥିବା ପରିବାର ସଦସ୍ୟଙ୍କୁ ଠିକା କାମ ସହ ନିଯୁକ୍ତି ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏବେ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପୂରଣ କରିନାହିଁ। ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ବଦଳରେ ୟୁନିଅନ ଜରିଆରେ କାମ ଓ ନିଯୁକ୍ତି ଦିଆଯାଉଛି। ଯାହାକୁ ଗ୍ରାମବାସୀ ବିରୋଧ କରିବା ସହିତ କମ୍ପାନୀ ନିକଟରେ ଥିବା ଏକ ନିର୍ଦ୍ଦିଷ୍ଟ ଶ୍ରମିକ ୟୁନିଅନକୁ ବନ୍ଦ କରିଛନ୍ତି। ଆଜି ଅପରାହ୍ନରେ ଏକ ବିଶାଳ ରାଲିରେ ଶହ ଶହ ମହିଳା ଓ ପୁରୁଷ ସାମିଲ ହୋଇ ଉକ୍ତ ୟୁନିଅନ ଘରେ ଥିବା ଚେୟାର ଓ ଟେବୁଲକୁ କାଢ଼ି ଦେଇଛନ୍ତି। ସେଠାରେ ୟୁନିଅନ କରି ଅସାମାଜିକ ଯୁବକଙ୍କୁ ପ୍ରଶ୍ରୟ ନ ଦେବାକୁ ସରକାରୀ ଜାଗାରେ ଘର କରିଥିବା ଘର ମାଲିକଙ୍କୁ ଚେତାବନୀ ଦେଇଛନ୍ତି।

ସେମାନଙ୍କ ଦାବି ଅନୁସାରେ, କମ୍ପାନୀକୁ ଆମେ ଜମି ଦେଇଛୁ। ଏଠାରେ ପ୍ରକଳ୍ପ ହେଲେ ଆମ ପିଲା ନିଯୁକ୍ତି ଓ ଆତ୍ମନିଯୁକ୍ତି ପାଇବେ। କମ୍ପାନୀ ଆରମ୍ଭ ପୂର୍ବରୁ ଶ୍ରମିକ ୟୁନିଅନ କରି ଆତଙ୍କ ସୃଷ୍ଟି କରୁଛି। ଜମି ଅଧିଗ୍ରହଣ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ଏବେ ମାନୁନାହିଁ। ଏହାର ଘୋର ବିରୋଧ କରାଯିବ। ଏଥିସହିତ କମ୍ପାନୀରେ କାମ କରୁଥିବା ବିଭିନ୍ନ ଠିକା ସଂସ୍ଥାଠାରୁ ୟୁନିଅନ ମାଧ୍ୟମରେ ଲକ୍ଷାଧିକ ଟଙ୍କାର ବଟି ଆଦାୟ କରାଯାଇଛି। ଆମ ପିଲାଙ୍କ ନିଯୁକ୍ତି କଥା କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କଲେ, ସେମାନେ ରାକେଶ ପଟ୍ଟନାୟକଙ୍କୁ ଦେଖାକରି ତାଙ୍କ ୟୁନିଅନରେ ସାମିଲ ହେବାକୁ କହୁଛନ୍ତି। ଆମେ କମ୍ପାନୀ ସପକ୍ଷରେ ରହି ଆମର ଭାତ ହାଣ୍ଡି ଭଳି ଜମି କମ୍ପାନୀକୁ ଟେକି ଦେଇଥିଲୁ କ'ଣ ୟୁନିଅନ ଜରିଆରେ ଚାକିରି କରିବୁ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଆମେ ଏଠାରେ ୟୁନିଅନ ଘର କି ୟୁନିଅନ କରାଇ ଦେବୁନାହିଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। କମ୍ପାନୀ ଆମ ଜମି ନେଇଛି, ଆମ ପିଲାଙ୍କୁ ସିଧାସଳଖ ଚାକିରି ଦେବ। କମ୍ପାନୀରେ ଆମ ପିଲା ଠିକା କାମ କରିବେ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହାକୁ କମ୍ପାନୀ ପାଳନ କରୁ। ନଚେତ ଭିନ୍ନ ପରିସ୍ଥିତି ସୃଷ୍ଟି ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ରାଲିରେ ଢିଙ୍କିଆ, ନୂଆଗାଁ, ଗୋବିନ୍ଦପୁର, ମାହାଳ, ବାୟାନାଳକନ୍ଦା, ନୋଳିଆସାହି, ଗଡ଼କୁଜଙ୍ଗ ପ୍ରଭୃତି ଗ୍ରାମର ଶହ ଶହ ଲୋକେ ସାମିଲ ହୋଇଥିଲେ।

# ମୃତ ସହକର୍ମୀଙ୍କ ପରିବାରକୁ ସହାୟତା




କାମାକ୍ଷାନଗର, ୮ ।୧୧(ସମିସ): ଦୁର୍ଘଟଣାରେ ମୃତ୍ୟୁ ପରେ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କଲେ କାର୍ଯ୍ୟ କରୁଥିବା ସଂସ୍ଥାର ସହକର୍ମୀ । କାମାକ୍ଷାନଗର ଡାକଘରେ ମୃତ ସହକର୍ମୀଙ୍କ କୁନି ପୁଅ ନାଁରେ ୪୨ ହଜାର ଟଙ୍କା ଫିକ୍ସଡ ଡିପୋଜିଟ କରିଛନ୍ତି ସାଥୀ କର୍ମଚାରୀ । ସୂଚନା ଅନୁସାରେ କଙ୍କଡାହାଡ଼ ଥାନା ଖଜୁରିଆ ଗ୍ରାମର ବୁବୁନା ବାରିକ ତାଳଚେରସ୍ଥିତ କେକେସିଏଲ୍ ନାମକ ସଂସ୍ଥାରେ ଅପରେଟର ଭାବେ କାର୍ଯ୍ୟ କରୁଥିଲେ । କିଛିମାସ ପୂର୍ବେ ଡ୍ୟୁଟି ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ସଡ଼କ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିଲା । ସେତେବେଳେ ତାଙ୍କ ଶୁଦ୍ଧିକ୍ରିୟା ପାଇଁ କେକେସିଏଲ୍‌ର ସାଥୀ କର୍ମଚାରୀମାନେ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ଶନିବାର ସଂସ୍ଥାର ଗ୍ରେଡର ଅପରେଟର ଦୀପ୍ତୀଶ ପଟ୍ଟନାୟକ ଓ ଅନ୍ୟ ସହକର୍ମୀମାନେ ଆଦାୟ କରିଥିବା ୪୨ ହଜାର ଟଙ୍କା ବୁବୁନାଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଉକ୍ତ ଟଙ୍କାକୁ ଡାକଘରେ ତାଙ୍କ ପୁଅ ନାମରେ ଏକ ଖାତା ଖୋଲି ଜମା କରିଛନ୍ତି । ବୁବୁନାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ କୁନିପୁଅ ଅତ୍ୟନ୍ତ ଦୁର୍ବିସହ ଜୀବନ ବିତାଉଥିବା ବେଳେ ସହକର୍ମୀମାନେ ବଦାନ୍ୟତା ଦେଖାଇ ଆର୍ଥିକ ସହାୟତା କରିଥିବାରୁ ଏହାକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଗଁଦିଆରେ ଚକଡ଼ା ପୋକ ଆତଙ୍କ; ଚିନ୍ତାରେ ଚାଷୀ

ଗଁଦିଆ, ୮ ।୧୧(ସମିସ)



ଗଁଦିଆ ବ୍ଲକ ବିଧାରପୁର ଅଞ୍ଚଳରେ ଏବେ ଧାନ କ୍ଷେତରେ ଚକଡ଼ା ପୋକ ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଆଉ କିଛିଦିନ ମଧ୍ୟରେ ଧାନ ଅମଳ ହେବାକୁ ଥିବାବେଳେ ଚକଡ଼ା ପୋକ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି । ଧାନରେ ଏବେ ଥୋଡ଼ ଧରୁଥିବା ବେଳେ ପୋକ ଯୋଗୁଁ ଗଛ ଶୁଖିଲା ପଡ଼ି

**୧୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମି କ୍ଷତିଗ୍ରସ୍ତ**

ନଷ୍ଟ ହୋଇଯାଉଛି । ଏଭଳି ସ୍ଥିତିରେ ଚାଷୀମାନେ ସ୍ଥାନୀୟ ଦୋକାନରୁ ଔଷଧ ଆଣି ତାକୁ ପ୍ରୟୋଗ କରୁଥିଲେ ମଧ୍ୟ କିଛି ଫଳ ମିଳୁ ନ ଥିବାର କହିଛନ୍ତି । ଏହି ଅଞ୍ଚଳର ଏକର ଏକର ଜମିରେ ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ କରିସାରିଲେଣି । ତେବେ କୃଷି ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ କୃଷି ଅଧିକାରୀ କହିଛନ୍ତି, ବିଧାରପୁର ସମେତେ କାବେରା ଓ ସନ୍ଥପୁର ପଞ୍ଚାୟତରେ ମଧ୍ୟ ଚକଡ଼ା ପୋକ ୧୦ ହେକ୍ଟରରୁ ଅଧିକ ଜମିର ଫସଲ ନଷ୍ଟ କରିଥିବା ସରକାରଙ୍କୁ ରିପୋର୍ଟ ଦିଆଯାଇଛି । ପଞ୍ଚାୟତକୁ ୟୁନିଟ ଭାବେ ଗ୍ରହଣ କରିବା ନିୟମ ଥିବାବେଳେ ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଥିଲେ ଚାଷୀ କ୍ଷତିପୂରଣ ପାଇବେ । ତେବେ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି । ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଡିସେମ୍ବର ୧ରୁ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ




ଢେଙ୍କାନାଳ, ୮ ।୧୧(ସମିସ): ସଦର ବ୍ଲକ ବଣସିଂହ ଓ ଚାଉଳିଆ ପଞ୍ଚାୟତ ବଡ଼ ନାଗେନାସ୍ଥିତ ବାବା ନାଗନାଥେଶ୍ୱର ମହାଦେବଙ୍କ ବିଜେସ୍ଥଳୀରେ ୪ର୍ଥ ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବ । ଏ ନେଇ ଶନିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଅନୁଷ୍ଠାନର ସଭାପତି ସୁଦାମ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା । ଉତ୍ସବରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି । ନୃତ୍ୟ, ସଙ୍ଗୀତ, ଭଜନ ଓ ଅନ୍ୟାନ୍ୟ ଚିତ୍ତାକର୍ଷକ କାର୍ଯ୍ୟକ୍ରମ କରାଯିବ । ଅପରାହ୍ନ ୩ଟାରେ ଉତ୍ତରାୟଣୀ ଗଙ୍ଗା ଭାବରେ ବ୍ରାହ୍ମଣୀ ନଦୀ ବନ୍ଦନା କାର୍ଯ୍ୟକ୍ରମ ଓ ସନ୍ଧ୍ୟା ୬ଟାରେ ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାସହ ମୀନାବଜାର ଓ ଦୋଳି ସହ ଖାଦ୍ୟମେଳା ଆଦି ଆୟୋଜନ କରାଯିବାକୁ ସ୍ଥିର ହୋଇଛି । ଅନୁଷ୍ଠାନ ଉପଦେଷ୍ଟା ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ଉପଦେଷ୍ଟା ଜୟନ୍ତ ହୋତା, ଡ. ଶାନ୍ତିଭୂଷଣ ପଣ୍ଡା ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ । ବିକାଶ କୁମାର ରଥ, ସବ୍ୟସାଚୀ ପାଣି, ନିତ୍ୟାନନ୍ଦ ସାହୁ, ଗୋପାଳ ଚନ୍ଦ୍ର ଦାଶ, ଜଟାଧାରୀ ବେହେରା, ଗଗନ ମହାନ୍ତି, ପ୍ରତାପ ନାଏକ, ସର୍ବେଶ୍ୱର ବ୍ରହ୍ମ, ରସାନନ୍ଦ ମହାଳିକ, ସୁଶାନ୍ତ ସାହୁ, ସାରଙ୍ଗଧର ମଲ୍ଲିକ, ରାମଚନ୍ଦ୍ର ବେହେରା, ବିଶ୍ୱନାଥ ସାହୁ ଓ ପବିତ୍ର ରାଏ ପ୍ରମୁଖ ଉପସ୍ଥିତ ରହି ନିଜ ମତ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ବ୍ରହ୍ମଣୀ ନଦୀରେ ଶୁଭଖମ୍ବ ସ୍ଥାପନ କରାଯାଇଥିଲା ।

# ବସ-କୋଇଲା ବୋଝେଇ ଟ୍ରକ ଧକ୍କା; ୪ ଗୁରୁତର



ପରଜଙ୍ଗ, ୮ ।୧୧(ସମିସ): ୧୪୯ ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଝରଣବାହାଲ ଗ୍ରାମ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଓଏସ୍ଆର୍‌ଟିସି ବସ ଓ କୋଇଲା ବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ବସ୍‌ରେ ଯାତ୍ରା କରୁଥିବା ଦେବରାଣୀ ଦୋରା, ସୁଜାତା ଦୋରା, ରାଜେଶ୍ୱରୀ ଦୋରା ଓ ଟ୍ରକ ଚାଳକ ରାଜେଶ ପଟେଲ । ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ନେଇ ବସ ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ବେଳେ ଝରଣବାହାଲ ଛକ ନିକଟରେ ସମ୍ମୁଖରୁ ଆସୁଥିବା ଟ୍ରକ ସହ ଧକ୍କା ହୋଇଥିଲା । ପରଜଙ୍ଗ ଥାନା ଓ ଦଦରାଘାଟି ଫାଣ୍ଡି ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଜଣଙ୍କ ଅବସ୍ଥାରେ ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଟ୍ରକ ଚାଳକଙ୍କ ଆଖି ଲାଗି ଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି ।

## ଆମ୍ବପଲାଶ ଗ୍ରାମ ଡକାୟତି ଘଟଣାରେ ୩ ଗିରଫ

ପରଜଙ୍ଗ, ୮ ।୧୧(ସମିସ): ପରଜଙ୍ଗ ଥାନା ଆମ୍ବପଲାଶ ଗ୍ରାମରେ ସୋମବାର ସନ୍ଧ୍ୟା ସମୟରେ ସଶସ୍ତ୍ର ଡକାୟତି ଘଟଣାରେ ପୁଲିସ ତିନିଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପରଜଙ୍ଗ ଥାନା କଲଦା ଗ୍ରାମର ବିଷ୍ଣୁ ସାହୁ, ଆମ୍ବପଲାଶ ଗ୍ରାମର ମଣ୍ଟୁ ସାହୁ ଏବଂ ତାଳଚେର ଅଞ୍ଚଳର ଡୁଡୁଲ ନାଏକ । ଶନିବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ୮ ଜଣରୁ ଉର୍ଦ୍ଧ୍ୱ ମୁଖାପିନ୍ଧା ଦୁର୍ବୃତ୍ତ ସୋମବାର ସନ୍ଧ୍ୟାରେ ଆମ୍ବପଲାଶ ଗ୍ରାମର ରମେଶ ଚନ୍ଦ୍ର ମହାପାତ୍ର ଓ ଗଗନ ମହାପାତ୍ରଙ୍କ ଘରେ ପଶି ଫାଙ୍କା ଗୁଳିଚାଳନା କରି ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ସହ ୫ ଭରି ସୁନା ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ସିସିଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତଙ୍କୁ ଧରିବାକୁ ପୁଲିସ ଉଦ୍ୟମ ଜାରି ରଖିଥିଲା ।

## ପୋଖରୀରେ ବୁଡ଼ି ଦୁଇଭାଇ ମୃତ

ଗଁଦିଆ, ୮ ।୧୧(ସମିସ): ନିହଲପ୍ରସାଦ ଥାନା ଜେନା ସାହିରେ ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇଙ୍କ ମୃତ୍ୟୁ ହୋଇଛି । ମୃତକ ଦ୍ୱୟ ହେଲେ ସାହିର ଅଭୟ କୁମାର ଦାସଙ୍କ ପୁଅ ଓମପ୍ରକାଶ ଦାସ (୧୩) ଓ ଶକ୍ତିପ୍ରସାଦ ଦାସ (୧୦) । ଅଭୟ ଗାଁ ନିକଟ ବିଲରେ କାମ କରୁଥିଲେ । ତାଙ୍କ ଦୁଇପୁଅ ଓମପ୍ରକାଶ ଓ ଶକ୍ତିପ୍ରସାଦ ତାଙ୍କ ପାଇଁ ଭାତ ନେଇ ବିଲକୁ ଯାଇଥିଲେ । ଅଭୟଙ୍କୁ ଭାତ ଦେଇ ଘରକୁ ଫେରିବା ବାଟରେ ଏକ ପୋଖରୀକୁ ଡଙ୍ଗା ଆଣିବାକୁ ଯାଇଥିଲେ । ତେବେ ଅସାବଧାନତା ଯୋଗୁଁ ଉଭୟ ବୁଡ଼ିଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ସେମନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜି ଖୋଜି କରିଥିଲେ । ପରେ ଗୁରୁତର ଅବସ୍ଥାରେ ଦୁଇଜଣଙ୍କୁ ପୋଖରୀରୁ ଉଦ୍ଧାର କରି ନିକଟସ୍ଥ ବଡ଼ଚଣା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ମନ୍ଦିର ସଫେଇ ଓ ହନୁମାନ ଚାଳିଶା ପାଠ

ଢେଙ୍କାନାଳ, ୮ ।୧୧(ସମିସ): ଗଁଦିଆ ବ୍ଲକ ଅନ୍ନପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ତ୍ରିନାଥଜୀଉ ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ସଭ୍ୟସଭ୍ୟାଙ୍କୁ ନେଇ ମନ୍ଦିର ସଫେଇ କାର୍ଯ୍ୟକ୍ରମ ସହ ସାମୂହିକ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂକୀର୍ତ୍ତନ ମଣ୍ଡଳୀର ସଭାନେତ୍ରୀ ଜ୍ୟୋତିରେଖା ମହାପାତ୍ର ଓ ସମ୍ପାଦିକା ମେନକା ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଗ୍ରାମର ହନୁମାନ ଓ ଶିବ ମନ୍ଦିର ଚତୁଃପାର୍ଶ୍ୱ ସଫେଇ ପରେ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏଥିରେ କୀର୍ତ୍ତନ ମଣ୍ଡଳୀର ସଭ୍ୟା ଶକୁନ୍ତଳା ଧୀର, ପୁଷ୍ପଲତା ସାହୁ, ପାର୍ବତୀ ଦାଶ, ସରୋଜିନୀ ଦାଶ, ସୁପ୍ରଭା ଦାଶ, ସସ୍ମିତା କର, କମଳିନୀ ଧୀର, ସନ୍ଧ୍ୟାରାଣୀ ଧୀର, ସତ୍ୟଭାମା ଦାସ, ଜେମା ପରିଡ଼ା, ସୁଷମା ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ । ସଭ୍ୟ ନିରଞ୍ଜନ ସାହୁ, ଗୟାଧର ସାହୁ ତଥା ସଂକୀର୍ତ୍ତନ ଗୁରୁ ପ୍ରଶାନ୍ତ ସିଂହଦେଓ ଉପସ୍ଥିତ ଥିଲେ ।

# ଚିଉଲପୁର ଡିଏଭି ଗୁରୁକୁଳରେ ବିଜ୍ଞାନ ପ୍ରଦର୍ଶନୀ

ଗଁଦିଆ, ୮ ।୧୧(ସମିସ): ଗଁଦିଆ ବ୍ଲକ ଚିଉଲପୁର ଡିଏଭି ଗୁରୁକୁଳ ପବ୍ଲିକ ସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ସୌମ୍ୟପ୍ରକାଶ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା




ଅଧ୍ୟକ୍ଷା ସୁପ୍ରିୟା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ବିଚାରକ ତଥା ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶ, ବିଜ୍ଞାନ ଶିକ୍ଷକ ଅଭୟ କୁମାର ଶତପଥୀ ଯୋଗଦେଇ ବିଜ୍ଞାନର ଉପକାରିତା ମାନବସମ୍ବଳ ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ୪ଟି ବର୍ଗରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ନର୍ସରୀରେ ବିଷ୍ଣୁପ୍ରିୟା ସେନାପତି ପ୍ରଥମ, ଶ୍ରେୟା ସନ୍ୟା ସ୍ୱାଇଁ ଦ୍ୱିତୀୟ, ତ୍ରେୟାଂଶ ବରାଳ ତୃତୀୟ, ଏଲକେଜିରେ ଦିବ୍ୟାଂଶୁ ପ୍ରସାଦ ଧୀର ପ୍ରଥମ, ଆଧିକ୍ୟା ସାମନ୍ତ ଦ୍ୱିତୀୟ, ଦୃଷ୍ଟି ପ୍ରିୟଦର୍ଶିନୀ ବାରିକ ଓ ସୌମ୍ୟରଞ୍ଜନ ମଲ୍ଲିକ ଯୁଗ୍ମ ତୃତୀୟ, ୟୁକେଜିରେ ସୂର୍ଯ୍ୟନାରାୟଣ ସାହୁ ପ୍ରଥମ, ସାଇସତ୍ୟମ ଜେନା ଓ ସାକିବ ବେହେରା ଯୁଗ୍ମ ଦ୍ୱିତୀୟ, ସିଦ୍ଧିକ୍ଷା ଦଳେଇ ତୃତୀୟ, ପ୍ରଥମ ଶ୍ରେଣୀରେ ପ୍ରତ୍ୟୁଷ କୁମାର ସାହୁ ପ୍ରଥମ, ଅଭିଜିତ ସାମନ୍ତ ଦ୍ୱିତୀୟ, ଗଣେଶ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷା ସୁପ୍ରିୟା ରଥ କହିଛନ୍ତି । ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତି ପ୍ରିୟଦର୍ଶିନୀ ସାହୁ, ପୂର୍ଣ୍ଣିମା ମଲ୍ଲିକ, ଚୁମୁକି ସେନାପତି, ଶୁଭ ସୁଲଗ୍ନା ବାରିକ ସହଯୋଗ କରିଥିଲେ ।

# ହିନ୍ଦୋଳ କଲ୍ୟାଣ ସଂଗଠନର ଚାରାରୋପଣ

ଖଜୁରିଆକଟା, ୮ ।୧୧(ସମିସ): ହିନ୍ଦୋଳ କଲ୍ୟାଣ ସଂଗଠନ ପକ୍ଷରୁ ଶନିବାର ଓଡ଼ାପଡ଼ା ବ୍ଲକ ବଦାଲୁସ୍ଥିତ ଲକ୍ଷ୍ମୀପ୍ରିୟା ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କୁ ନେଇ ପରିବେଶ ସୁରକ୍ଷା ସଚେତନତା ପଦଯାତ୍ରା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷକ ଯୁଗଳ କିଶୋର ସାହୁଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି । ସଂଗଠନର ଆଜୀବନ ସଭ୍ୟ ରତିକାନ୍ତ ଗଡ଼ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀଧର ମିଶ୍ର, ମୁଖ୍ୟବକ୍ତା ଭାବେ ପରିବେଶବିତ ଅମ୍ବିକା ଶତପଥୀ, ସମ୍ମାନିତ ବକ୍ତା ଭାବେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ସଂଗଠନର ଆଜୀବନ ସଭ୍ୟ ପ୍ରହ୍ଲାଦ ସାମଲ, ସୁନୀଲ ବାରିକ, ରବିନ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଅନ୍ୟୂନ ୧୦ଟି ଚାରା ରୋପଣ କରି ଯତ୍ନ ନେବାକୁ ଆହ୍ୱାନ କରିଥିଲେ । ଶିକ୍ଷକ ସନ୍ତୋଷ ମହାପାତ୍ର, ରଶ୍ମିବାଳା ଦେହୁରୀ, ପର୍ଶୁରାମ ସାହୁ, କର୍ମଚାରୀ କୀର୍ତ୍ତନ ମହାଖୁଡ଼ ସହଯୋଗ କରିଥିଲେ । ଆଜୀବନ ସଭ୍ୟ ଅକ୍ଷୟ କୁମାର ପାଳ, ଶଙ୍କର୍ଷଣ ପାଳ କାର୍ଯକ୍ରମ ପରିଚାଳନା କରିଥିଲେ ।




# ନିଖୋଜ ଛାତ୍ର ସାଲେପୁରରୁ ଉଦ୍ଧାର

ଢେଙ୍କାନାଳ, ୮ ।୧୧(ସମିସ): ସଦର ଥାନା ଅଙ୍କରାନ୍ତିପୁର ଆବାସ ଗୃହରୁ ନିଖୋଜ ହୋଇଥିବା ଦଶମ ଶ୍ରେଣୀ ଛାତ୍ରଙ୍କୁ ଦୀର୍ଘ ୧୫ ଦିନ ପରେ ପୁଲିସ ସାଲେପୁର ଅଞ୍ଚଳରୁ ଉଦ୍ଧାର କରିଛି । ଉଦ୍ଧାର ଛାତ୍ର ହେଲେ ବାଲିମି ଥାନା ପୋଥାଲୁ ଗ୍ରାମର ଲୁଲୁ ମହାପାତ୍ର ଓ ପ୍ରତିଭା ମହାରଣାଙ୍କ ପୁଅ ସୁମିତ ମହାପାତ୍ର । ସୁମିତ ଓଡ଼ାପଡ଼ାସ୍ଥିତ ଆଦର୍ଶ ସ୍କୁଲରେ ପାଠ ପଢ଼ନ୍ତି । ସେ ଅଙ୍କରାନ୍ତିପୁର ଆବାସରେ ରହି ସ୍କୁଲ ଯିବାଆସିବା କରନ୍ତି । କିନ୍ତୁ ଗତ ଅକ୍ଟୋବର ୨୪ରେ ସୁମିତ ଆବାସ ଗୃହରୁ ବାହାରିଥିଲେ ମଧ୍ୟ ସ୍କୁଲ ଯାଇ ନ ଥିଲେ । ପରେ ସ୍କୁଲ କର୍ତ୍ତୃପକ୍ଷ ସୁମିତ ସ୍କୁଲ କିମ୍ବା ଆବାସ ଗୃହରେ ନ ଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକ ସମ୍ପର୍କୀୟଙ୍କ ଘରେ ଥିବା ସନ୍ଦେହ କରି ଖୋଜାଖୋଜି କରିଥିଲେ ମଧ୍ୟ ସୁମିତଙ୍କ ପତ୍ତା ମିଳି ନ ଥିଲା । ଏ ନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଥିଲା । ଶନିବାର ସୁମିତଙ୍କ ମା'ଙ୍କ ପାଖକୁ ଏକ ଫୋନ ଆସିଥିଲା । ସାଲେପୁର ଅଞ୍ଚଳର ଜଣେ ବ୍ୟକ୍ତି ସୁମିତଙ୍କ ସମ୍ପର୍କରେ ଜାଣିବାକୁ ପାଇ ମା'ଙ୍କ ପାଖକୁ ଭିଡିଓ କଲ୍‌ରେ କଥାବାର୍ତ୍ତା କରାଇଥିଲେ । ପରେ ପରିବାର ଲୋକ ଓ ପୁଲିସ ସାଲେପୁର ଥାନାରେ ପହଞ୍ଚି ସୁମିତଙ୍କୁ ଉଦ୍ଧାର କରିଥିଲେ ।



# ସାଇ ସତସଙ୍ଗର ବାର୍ଷିକୋତ୍ସବ

ଢେଙ୍କାନାଳ, ୮ ।୧୧(ସମିସ): ସାଇ ସତସଙ୍ଗ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ୩ଦିନ ବ୍ୟାପୀ ହେବାକୁ ଥିବା ବାର୍ଷିକ ଉତ୍ସବ ଉଦଘାଟିତ ହୋଇଛି । ପ୍ରଥମ ଦିନ ସାଇବାବାଙ୍କ ବିଶାଳ ଶୋଭାଯାତ୍ରା ସୌଦାମିନୀ ସ୍କୁଲ ଠାରୁ ବାହାରି ଶ୍ରୀରାମ ମଣ୍ଡପ ଅଭିମୁଖେ ଯାଇଥିଲା । ଶିରିଡ଼ିର ପୂଜକ ସାଇବାବାଙ୍କ ପୂଜା ଓ ଆଳତି କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ପୁରୀର ଘଣ୍ଟୁଆମାନେ ସୁନ୍ଦର ଘଣ୍ଟ ବାଦନ କରିଥିଲେ । ଏଥିସହ କଟକର ପ୍ରସିଦ୍ଧ ସିଂଘବାଜା ଦଳ ଯୋଗଦେଇଥିଲେ । ଲଉଡ଼ିଆମାନେ ଲଉଡ଼ି ବାଡ଼ି ଖେଳ ପ୍ରଦର୍ଶନ କରିଥିଲେ । ସୁସଜ୍ଜିତ ବିମାନରେ ସାଇବାବାଙ୍କ ମୂର୍ତ୍ତିକୁ ବଜାର ପରିକ୍ରମା କରାଯାଇଥିଲା । ବାବାଙ୍କ ବିମାନ, ପାଦୁକା ମୁଖ୍ୟ ଆକର୍ଷଣ ଥିଲା । ଏଥିରେ ଶହ ଶହ ଭକ୍ତ ସାମିଲ ହୋଇଥିଲେ । ଶୋଭାଯାତ୍ରା ଶ୍ରୀରାମ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ରବିବାର ସାଇ ସତ୍ୟନାରାୟଣ ବ୍ରତ ପୂଜା ଓ ସୋମବାର ସାଇ ସତଚରିତ ପାରାୟଣ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ଶିବପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି ।



# ୧୮ରୁ ସପ୍ତମ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ, ୮ ।୧୧(ସମିସ)




ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସପ୍ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ । ଏ ନେଇ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ୧୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏଥିରେ ୧୨ ଦଳ ଅଂଶଗ୍ରହଣ କରିବେ । ସେଥିମଧ୍ୟରୁ ରାଜ୍ୟର ୪ ଟିମ ରହିଥିବା ବେଳେ ୮ଟି ଟିମ ରାଜ୍ୟ ବାହାରୁ ଭାଗନେବେ । ଅଂଶଗ୍ରହଣ କରିବାକୁ ଥିବା ଟିମ୍‌ଗୁଡ଼ିକ ହେଲେ ଇନକମଟାକ୍ସ ଚେନ୍ନଇ, ପଞ୍ଜାବ ପୁଲିସ, ଏମଓ୍ୱାଇଜେଏଫସି ମୁମ୍ବଇ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ରାଜସ୍ଥାନ ୟୁନାଇଟେଡ, ଆସାମ ରାଇଫଲ, ଡାଇମଣ୍ଡ ହରବୋର କୋଲକାତା, ସନରାଇଜ କ୍ଲବ କଟକ, ଏଆଇଏଫଏଫ ଏକାଡେମୀ । ଚଳିତବର୍ଷ ଏମିତି ଟିମ ଅଛନ୍ତି ଯେଉଁମାନେ ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ଖେଳିନାହାନ୍ତି । ପ୍ରଥମ ଥର ଟୁର୍ଣ୍ଣାମେଣ୍ଟର ନାମ ସହିଦ ବାଜି ରାଉତଙ୍କ ନାମରେ ନାମିତ କରାଯାଇଥିବା ଜିଲ୍ଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ନଳିନୀ କୁମାର ଦାସ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ଅଭିଜିତ ମିଶ୍ର, ମନୋଜ କୁମାର ଦାସ, ରଞ୍ଜନ କୁମାର ସାହୁ, ସତ୍ୟରଞ୍ଜନ ଭୂୟାଁ, ସୁନୀଲ କୁମାର ପଣ୍ଡା, ପ୍ରତାପ କୁମାର ମହାନ୍ତି, ଶିବ ପ୍ରସାଦ ଦାସ, ବିଭୁପ୍ରସାଦ ପଟ୍ଟନାୟକ, ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସରୋଜ କୁମାର ପାଢ଼ୀ, ସୁଶାନ୍ତ କୁମାର ପାଣି, ବାବୁଲି ସାହୁ, ଶ୍ୟାମ ମହାପାତ୍ର, ପ୍ରଭାତ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ପିଏମଶ୍ରୀ ସ୍କୁଲ୍ ସମୂହର ମଡେଲ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଢେଙ୍କାନାଳ, ୮ ।୧୧(ସମିସ): ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ପିଏମଶ୍ରୀ ଯୋଜନା ଅଧୀନରେ ଜିଲ୍ଲାର ପ୍ରଥମ ୧୩ଟି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମୂହର ଜିଲ୍ଲାସ୍ତରୀୟ ମଡେଲ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ, ବ୍ରହ୍ମୋତ୍ରୀ ବିଶ୍ୱାଳ, ଗନ୍ଦିଆ ବିଇଓ ତଥା ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମିନତି ଦେହୁରୀ, ପରଜଙ୍ଗ ବିଇଓ ପ୍ରିୟଦର୍ଶିନୀ ନାୟକ, ହିନ୍ଦୋଳ ବିଇଓ ହରିହର ଦେହୁରୀ, କଙ୍କଡ଼ାହାଡ଼ ବିଇଓ ସାଗର ଟୁଡୁ ପ୍ରମୁଖ ଯୋଗଦେଇଥିଲେ । ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କ ମଧ୍ୟରେ ଗଠନମୂଳକ ରାଜନୀତିରେ ସ୍ପୃହା ଆସିବ ଏବଂ ସେମାନେ ଆଗାମୀ ଦିନରେ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆଗେଇ ଆସିବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପାତ୍ର ମତବ୍ୟକ୍ତ କରିଥିଲେ । ବିଚାରକ ଭାବେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଅଟଳ ବିହାରୀ ଦାଶ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ଆଶିଷ କୁମାର ଜେନା, ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଗୋକୁଳାନନ୍ଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇଥିଲେ ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୦୦ ● ପାଉଣ୍ଡ ୧୧୫.୭୮
- ୟୁରୋ ୧୦୧.୫୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୧୧,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୨୧୬.୦୦
- ନିଫ୍ଟି ୨୫,୪୯୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ନୂଆ ନିୟମ

# ମତ୍ସ୍ୟଜୀବୀଙ୍କୁ ମିଳିବ କ୍ୟୁଆର୍ କୋଡ୍ ବିଶିଷ୍ଟ ଆଧାର



ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି): ସାମୁଦ୍ରିକ ସମ୍ବଳର ଉତ୍ତମ ବ୍ୟବହାର ଏବଂ ମତ୍ସ୍ୟଜୀବୀଙ୍କୁ ସହାୟତା ଲାଗି କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଦେଶର ସ୍ୱତନ୍ତ୍ର ଆର୍ଥିକ ଜୋନ୍ (ଇଇଜେଡ୍)ରେ ଆସୁଥିବା ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ନୂଆ ନିୟମ ଜାରି କରାଯାଇଛି। ଏବେ ମତ୍ସ୍ୟଜୀବୀଙ୍କୁ କ୍ୟୁଆର କୋଡ ଥିବା ଆଧାର କାର୍ଡ କିମ୍ବା ଫିସର ଆଇଡି ପ୍ରଦାନ କରାଯିବ। ଏହା ଦ୍ୱାରା ସୁରକ୍ଷା ଏଜେନ୍ସିକୁ ପର୍ଯ୍ୟବେକ୍ଷଣ କରିବାରେ ମଧ୍ୟ ସହାୟତା ମିଳିବ। ମତ୍ସ୍ୟଜୀବୀ, ସମବାୟ ସମିତି ଏବଂ କ୍ଷୁଦ୍ର ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଏହି ନୂଆ ନିୟମ ଆଣିଛନ୍ତି। ଭାରତୀୟ ଜଳସୀମାରୁ ମାଛ ଧରିବା ପାଇଁ ବିଦେଶୀ ଜାହାଜଗୁଡ଼ିକୁ ରୋକିବା ମଧ୍ୟ ଏହାର ଉଦ୍ଦେଶ୍ୟ। ଏବେ କୌଣସି ବିଦେଶୀ ଜାହାଜ ଭାରତୀୟ ସାମୁଦ୍ରିକ ସୀମାରେ ମାଛ ମାରିପାରିବ ନାହିଁ। ଏହି ପଦକ୍ଷେପ ଦ୍ୱାରା କ୍ଷୁଦ୍ର ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସୁରକ୍ଷା ହେବ। ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ମତ୍ସ୍ୟଜୀବୀ ସମବାୟ ସମିତି ଏବଂ ମାଛ ଚାଷୀ ଉତ୍ପାଦକ ସଂଗଠନ (ଏଫଏଫପିଓଏସ)କୁ ପ୍ରାଧାନ୍ୟ ଦିଆଯିବ। ଏହି ସଂଗଠନ ଉନ୍ନତ ଜ୍ଞାନକୌଶଳ ଥିବା ଡଙ୍ଗା ବ୍ୟବହାର କରିପାରିବ।

ସରକାର 'ମଦର-ଚାଇଲ୍ଡ ଭେସଲ'ର ନିୟମ ଆଣିଛନ୍ତି। ଏହା ମାଧ୍ୟମରେ ସମୁଦ୍ରରେ ମାଛ ଦେବାନେବା ହୋଇପାରିବ। ଏହା ଆଣ୍ଡାମାନ-ନିକୋବର ଏବଂ ଲାକ୍ଷାଦ୍ୱୀପ ଭଳି ଦ୍ୱୀପ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଏହି କ୍ଷେତ୍ର ଭାରତର ଇଇଜେଡ୍‌ର ୪୯ ପ୍ରତିଶତ। ଏହା ସହିତ କେନ୍ଦ୍ର ପରିବେଶକୁ ଦୃଷ୍ଟିରେ ରଖି ଏଲ୍‌ଇଡି ଲାଇଟରେ ମାଛ ଧରିବା, ପେୟର ଟ୍ରଲିଂ ଏବଂ ବୁଲ୍ ଟ୍ରଲିଂ ଭଳି ବିଷାକ୍ତ ବ୍ୟବସ୍ଥା ଉପରେ କଟକଣା ଲଗାଇ ଦେଇଛନ୍ତି। ଏହା ସହିତ ରାଜ୍ୟମାନଙ୍କ ସହ ମିଶି ମତ୍ସ୍ୟ ସମ୍ପଦର ପରିଚାଳନା ନେଇ ଯୋଜନା ପ୍ରସ୍ତୁତ ମଧ୍ୟ କରାଯିବ।

ଏବେ ମତ୍ସ୍ୟଜୀବୀଙ୍କୁ 'ଆକ୍ସେସ ପାସ୍' ମଧ୍ୟ ପ୍ରଦାନ କରାଯିବ। ଇଇଜେଡ୍‌ରେ ମାଛ ଧରିବା ପାଇଁ ବଡ଼ ଏବଂ ମୋଟର ଚାଳିତ ଜାହାଜଗୁଡ଼ିକ ଏହି ପାସ୍ ନେବାକୁ ହେବ। ଅନ୍‌ଲାଇନରେ 'ରିୟଲକ୍ରାଫ୍ଟ' ପୋର୍ଟାଲରୁ ମାଗଣାରେ ଏହି ପାସ୍ ଜାରି କରାଯିବ। ଏହା ସହିତ ଗଭୀର ସମୁଦ୍ରକୁ ଯାଉଥିବା ସବୁ ଜାହାଜରେ ଟ୍ରାନ୍ସପୋଣ୍ଡର ଲଗାଇବା ବାଧ୍ୟତାମୂଳକ କରାଯାଇଛି। ସେହିପରି ରିୟଲକ୍ରାଫ୍ଟ ପୋର୍ଟାଲକୁ ଏମ୍‌ପିଇଡିଏ ଏବଂ ଇଆଇସି ସହ ଯୋଡ଼ା ଯାଉଛି। ଏହା ଦ୍ୱାରା ମାଛ ମରା ଏବଂ ସ୍ୱାସ୍ଥ୍ୟ ପ୍ରମାଣପତ୍ର ଜାରି କରାଯିବ। ଫଳରେ ଭାରତୀୟ ସାମୁଦ୍ରିକ ସମ୍ପଦର ରପ୍ତାନୀକୁ ପ୍ରୋତ୍ସାହନ ମିଳିବ।

ମତ୍ସ୍ୟଜୀବୀଙ୍କ ପ୍ରଶିକ୍ଷଣ, ଅନ୍ତର୍ଜାତୀୟ ଗସ୍ତ, ପ୍ରକ୍ରିୟାକରଣ, ମାର୍କେଟିଂ ଏବଂ ବ୍ରିଡିଂରେ ସରକାର ମଧ୍ୟ ସହାୟତା ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା (ପିଏମଏମଏସୱାଇ), ଫିସ୍ ଆଣ୍ଡ ଆକ୍ୱାକଲ୍‌ଚର ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ ଫଣ୍ଡ (ଏଫଆଇଡିଏଫ) ଅଧୀନରେ ଋଣ ସୁବିଧା ପ୍ରଦାନ କରାଯିବ।

## ଭବିଷ୍ୟନିଧି ଜୋନାଲ ଇନ୍‌ଡୋର ମିଟ୍ ଉଦ୍‌ଘାଟିତ




ଭୁବନେଶ୍ୱର, ୮।୧୧ (ସମିସ): ଇପିଏଫଓ ଦ୍ୱାରା ଶନିବାର 'ଜୋନାଲ ଇଣ୍ଡୋର ଟୁର୍ଣ୍ଣାମେଣ୍ଟ' ଉଦ୍‌ଘାଟିତ ହୋଇଯାଇଛି। ବିଜୁ ପଟ୍ଟନାୟକ ମଲ୍ଟି ପର୍ପୋଜ ଇନ୍‌ଡୋର ହଲ୍‌ରେ ଆୟୋଜିତ ଏହି ତିନି ଦିନିଆ ଆଞ୍ଚଳିକ କ୍ରୀଡ଼ା କାର୍ଯ୍ୟକ୍ରମରେ ପୂର୍ବ ଜୋନ୍‌ରୁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ଏନ୍‌ଇଆର କ୍ଷେତ୍ରର ୧୦୦ରୁ ଅଧିକ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ଏଥିରେ ସାମିଲ ରାଜ୍ୟର ଟିମ୍ ଗୁଡିକୁ ସର୍ବଭାରତୀୟ ସ୍ତରରେ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ହେବ। ଏହି କ୍ରୀଡ଼ାରେ ଟେବୁଲ ଟେନିସ, ବ୍ୟାଡମିଣ୍ଟନ, କ୍ୟାରମ ଏବଂ ଚେସ୍ ସାମିଲ ରହିଛି। ଓଡ଼ିଶା ଏହି କ୍ରୀଡ଼ା ପ୍ରତିଯୋଗିତା (୨୦୨୫-୨୬)ର ଆୟୋଜନ କରୁଛି। ଆଞ୍ଚଳିକ ପିଏଫ କମିଶନର ବିଜୟ କୁମାର ପ୍ରସାଦ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରିଜିଓନାଲ ପିଏଫ କମିଶନର ରାଜର୍ଷି ଚକମା ସ୍ୱାଗତ ଅଭିଭାଷଣରେ ସାମାଜିକ ଜୀବନରେ କ୍ରୀଡ଼ାର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟ ଆଞ୍ଚଳିକ ପିଏଫ କମିଶନର ଏସକେ ପାଢୀ, ସୁରଜିତ କୁମାର, ଦାଶରଥି ନାଗ, ଅବେଶ ମିଶ୍ରା ଏବଂ ମୌସୁମୀଲତା ପାଢୀ ନିଜର ମତ ରଖିଥିବାବେଳେ ଏନଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ବାଲିଯାତ୍ରାରେ ସୌର ଶକ୍ତି ସମ୍ପର୍କରେ ସଚେତନ କରୁଛି ଟିପିସିଓଡିଏଲ୍

ଭୁବନେଶ୍ୱର, ୮।୧୧ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ବାଲିଯାତ୍ରାରେ




ସୌର ଶକ୍ତି ସଚେତନତ ଶିବିର ସ୍ଥାପନ କରିଛି। ଏଠାରେ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଲି' ଯୋଜନାର ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍‌ଏ) ମଡେଲ୍‌କୁ ଷ୍ଟଲରେ ପ୍ରଦର୍ଶନ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଉପଭୋକ୍ତାମାନେ କିଭଳି ସହଜରେ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରିପାରିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ଏହି କ୍ୟାମ୍ପରେ, କମ୍ପାନୀର ପ୍ରତିନିଧିମାନେ ହଜାର ହଜାର ପରିଦର୍ଶକଙ୍କ ସୌର ଶକ୍ତି ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇସୋଲାର ସିଷ୍ଟମ୍ ସ୍ଥାପନ ବିଷୟରେ ମାର୍ଗଦର୍ଶନ କରୁଛନ୍ତି। ପରିଦର୍ଶକମାନେ ସିଧାସଳଖ କ୍ୟାମ୍ପରେ ଆବେଦନ କରି କିମ୍ବା ଅନଲାଇନରେ ପଞ୍ଜୀକରଣ କରି ୟୁଏଲ୍‌ଏ ଯୋଜନା ଅଧୀନରେ ଲାଭ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, 'ଜନସାଧାରଣଙ୍କ ସହିତ ଯୋଡି ହୋଇ ସ୍ୱଚ୍ଛ ଏବଂ ସୁଲଭ ଶକ୍ତିର ପ୍ରସାର କରିବାକୁ ବାଲିଯାତ୍ରା ଏକ ବଡ ପ୍ଲାଟଫର୍ମ। ଏହି ପଦକ୍ଷେପ ମାଧ୍ୟମରେ, ଆମେ ପିଏମ୍‌ସୂର୍ଯ୍ୟ ଘର-ୟୁଏଲ୍‌ଏ ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ଗ୍ରହଣ କରିବା ପାଇଁ ଉପଭୋକ୍ତାଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ଦ୍ୱାରା ସେମାନେ ଏକ ସବୁଜ ଏବଂ ଶକ୍ତି-ସୁରକ୍ଷିତ ଓଡ଼ିଶା ଗଠନରେ ସହଭାଗୀ ହୋଇପାରିବେ'।

## ବିଏସ୍‌ଇ ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କଲା ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ

ଭୁବନେଶ୍ୱର, ୮।୧୧ (ସମିସ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସ ଏହାର ୟୁନିଟ୍ ଲିଙ୍କ୍ ବୀମା ଯୋଜନା (ୟୁଏଲଆଇପି) ପାଇଁ ଏକ ନୂତନ ପାଣ୍ଠି 'ବିଏସଇ ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ କରିଛି। ଏହି ଫଣ୍ଡ ଗ୍ରାହକମାନଙ୍କୁ ଭାରତର ଅର୍ଥନୈତିକ ଅଭିବୃଦ୍ଧି କାହାଣୀରେ ଅଂଶଗ୍ରହଣ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହା ମୌଳିକ ଭାବରେ ଶକ୍ତିଶାଳୀ, କିନ୍ତୁ ବର୍ତ୍ତମାନ ଏହାର ପ୍ରକୃତ ସମ୍ଭାବନାଠାରୁ କମ୍ ମୂଲ୍ୟ ପ୍ରଦାନ କରୁଥିବା ଷ୍ଟକ୍ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏହା ନିବେଶ ନିମନ୍ତେ ଗ୍ରାହକଙ୍କ ପାଇଁ ଖୋଲା ରହିଛି। ବିଏସଇ ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସକୁ ପ୍ରତିଫଳିତ କରିବ। ଏଥିରେ ୫୦ଟି କମ୍ପାନୀ ସାମିଲ ଅଛନ୍ତି। ଯେଉଁମାନେ ମୂଲ୍ୟ-ଆଧାରିତ ନିବେଶ ପାରାମିଟର ଯେପରିକି ଆୟ, ବୁକ ମୂଲ୍ୟ ଏବଂ ମୂଲ୍ୟ ତୁଳନାରେ ବିକ୍ରୟ ଉପରେ ଚୟନ କରାଯାଇଛି। ଏହି ସୂଚକାଙ୍କ ପାଣ୍ଠି ଏକ ବ୍ୟବସ୍ଥିତ, ନିୟମ-ଆଧାରିତ ନିବେଶ ପ୍ରକ୍ରିୟା ଅନୁସରଣ କରେ ଏବଂ ବୃହତ, ମଧ୍ୟମ ଏବଂ କ୍ଷୁଦ୍ର-କ୍ୟାପ୍ ସେଗମେଣ୍ଟରେ ବିକଶିତ ମୂଲ୍ୟ ସୁଯୋଗ ସହିତ ସମନ୍ୱିତ ରହିବା ନିଶ୍ଚିତ କରିବା ପାଇଁ ତ୍ରୈମାସିକ ଭାବରେ ପୁନଃଗଠିତ ହୁଏ।

## ତେଜସ୍ ମାର୍କ-୧ଏର ୧୧୩ ଇଞ୍ଜିନ୍ ପାଇଁ ହାଲ୍-ଆମେରିକା ମଧ୍ୟରେ ୮,୮୭୦ କୋଟିର ଚୁକ୍ତି

ନୂଆଦିଲ୍ଲୀ,୮।୧୧(ଏଜେନ୍ସି): ଆମେରିକା ୧୧୩ଟି ତେଜସ ମାର୍କ-୧ଏ ଇଞ୍ଜିନ ଭାରତକୁ ଦେବେ। ଏ ନେଇ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ) ଓ ଆମେରିକାର ଜେନେରାଲ ଇଲେକଟ୍ରିକ୍ (ଜିଇ) କମ୍ପାନୀ ମଧ୍ୟରେ ଏକ ବିଲିଅନ ଡଲାର ଅର୍ଥାତ ୮,୮୭୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁସାରେ ଜିଇ ୨୦୨୭ରୁ ୨୦୩୨ ମଧ୍ୟରେ ୧୧୩ଟି ଜେଟ୍ ଇଞ୍ଜିନ ଦେବ। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ହାଲ୍ ଏ ନେଇ ସୂଚନା ଦେଇଛି। ଏହି ଇଞ୍ଜିନଗୁଡିକ ତେଜସ୍ ଫାଇଟର ଜେଟ୍ (୯୭ ମାର୍କ-୧ଏ ଲାଇଟ କମ୍ବାଟ ଏୟାରକ୍ରାଫ୍ଟ)ରେ ଲଗାଯିବ। ପୂର୍ବରୁ ସେପ୍ଟେମ୍ବର ୨୫ରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ହାଲ ସହ ଏକ ୬୨,୩୭୦ କୋଟି ଟଙ୍କାର ଚୁକ୍ତିରେ ସ୍ୱାକ୍ଷର କରିଥିଲା।

● ବାଲିଯାତ୍ରାରେ ଭାରତ ମସଲା ଗ୍ରାହକଙ୍କୁ ସୁନିଶ୍ଚିତ ଆକର୍ଷଣୀୟ ଉପହାର

## ବିଜେତାଙ୍କୁ ମାଇକ୍ରୋଓଭାନ ଦେଲେ ଏଡିଏମ୍ ଶିବ ଟପ୍ପୋ




କଟକ,୮।୧୧ (ସମିସ): ଭାରତ ମସଲା ପକ୍ଷରୁ ଆୟୋଜିତ ଦ୍ୱିତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାଙ୍କୁ କଟକ ଏଡିଏମ୍ ଶିବ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ ପ୍ରଦାନ କରିଛନ୍ତି। ଏହି ପ୍ରଥମ ବିଜେତା ଜଣକ ହେଉଛନ୍ତି ୪୨ ମୌଜା କଟକର ବିଭୁପ୍ରସାଦ ରାଉତରାୟ। ସେହିପରି ୨ୟ ବିଜେତା ଗଡିରାଉତ ପାଟଣା କଟକର ସୁଧୀର କୁମାର ପରିଡ଼ାଙ୍କୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସୋମପୁର ଜଗତସିଂପୁରର ସସ୍ମିତା ମଲ୍ଲିକଙ୍କୁ ବାଉଲ୍ ସେଟ୍, ସାନ୍ତ୍ୱନା ମୂଳକ ବିଜେତା ସିଡିଏ ୧୧ ନଂ କଟକର ପ୍ରତ୍ୟୁଷ ବେହେରାଙ୍କୁ ଫ୍ରାୟାଙ୍ଗ ପାନ୍ ପ୍ରଦାନ କରିଥିଲେ। ସୂଚନା ଥାଉକି ଚଳିତ ବର୍ଷ ବାଲିଯାତ୍ରାରେ ଭାରତ ମସଲା ତାର ଗ୍ରାହକ ମାନଙ୍କ ପାଇଁ ଆଣିଛି ସୁନିଶ୍ଚିତ ଉପହାର ସ୍କିମ। ଗ୍ରାହକ ଗୋଟିଏ ମସଲା କିଣିଲେ ଗୋଟିଏ ଫ୍ରିରେ ପାଇଥିଲାବେଳେ ସମସ୍ତଙ୍କ ପାଇଁ ରହିଛି ନିଶ୍ଚିତ ଉପହାର। ୨୫୦ ଟଙ୍କାର ମସଲା କ୍ରୟ କଲେ ଗ୍ରାହକ ସୁନିଶ୍ଚିତ ଉପହାର ସ୍ୱରୂପ ପ୍ଲାଷ୍ଟିକ ମଗ୍ ପାଇପାରୁଛନ୍ତି । ୫ଶହ ଟଙ୍କାରେ ଷ୍ଟିଲ ଗ୍ଲାସ୍, ୭୦୦ ଟଙ୍କାରେ ପ୍ଲାଷ୍ଟିକ କଣ୍ଟେନର, ୯ଶହ ଟଙ୍କାରେ ପ୍ଲାଷ୍ଟିକ ବାଲ୍ଟି, ୧୫ଶହ ଟଙ୍କାରେ ଷ୍ଟିଲ ଥାଳି, ୪ ହଜାର ଟଙ୍କାରେ ହଟ କେସ ବା ଟିଫିନ୍ ବାକ୍ସ, ୮ ହଜାର ଟଙ୍କାରେ ୫ ଗ୍ରାମର ରୂପା ମୁଦ୍ରା ,୧୦ ହଜାର ଟଙ୍କାରେ ବ୍ଲାଙ୍କେଟ୍, ୧୨ ହଜାର ଟଙ୍କାର କ୍ରୟ ଉପରେ କ୍ରମ୍ପଟନ ବ୍ରାଣ୍ଡର ସିଲିଂ ପଙ୍ଖା ନିଶ୍ଚିତ ଉପହାର ପାଉଛନ୍ତି। ଏତଦ୍ ବ୍ୟତୀତ ମସଲା ସହିତ ଗ୍ରାହକ ଲକି ଡ୍ର କୁପନ ପାଉଛନ୍ତି। ଏହା ଗ୍ରାହକଙ୍କ ଭାଗ୍ୟକୁ ବଦଳାଇ ଦେଉଛି।

ଆଜିର ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଲୋକ ହନ୍ତସନ୍ତ: ବିଜେଡି

ଭୁବନେଶ୍ୱର, ୮।୧୧(ସମିସ): ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ ସରକାରୀ କଳକୁ ରାଜନୀତି କାମରେ ବେଶ୍ ଉପଯୋଗ କରୁଛି ବିଜେପି। କ୍ଷମତା

- ନିର୍ବାଚନୀ ପ୍ରଚାରରେ ସରକାରୀ କଳର ଭରପୂର ଉପଯୋଗ କରୁଛି ବିଜେପି
- ନିଜେ ଭାଙ୍ଗୁଛନ୍ତି ଆଚାର ସଂହିତା

ଲୋଭରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ଶାସକ ଦଳ ପଛାଉ ନାହିଁ। ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର ପାଇଁ ସରକାରୀ ସମ୍ପଦର ଦୁରୁପଯୋଗ କରିବାରେ ବିଜେପି ସବୁ ସୀମା ଟପିଯାଇଛି। ଏପରିକି, ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଟେଣ୍ଟ ବାନ୍ଧି ଜାତୀୟ ରାଜପଥରେ ଲୋକଙ୍କ ଯିବା ଆସିବା ବନ୍ଦ କରିଦିଆଗଲା। ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲୋକଙ୍କ ସରକାର ସାମାନ୍ୟ ହେଳା କରୁନାହିଁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ବିଜେପି ପୂରା ପ୍ରଶାସନକୁ କାମରେ ଲଗାଇ ଦେଇଛି। ଖରିଆର ରୋଡ୍ ଏନ୍‌ଏସି ଓ ନୂଆପଡ଼ା ଏନ୍‌ଏସିରେ ବିଜେପି ରୋଡ୍ ଶୋ' କାମରେ ସରକାରୀ ବ୍ୟବସ୍ଥା ଦୁରୁପଯୋଗ କରିଛି। ପୂରା ପ୍ରଶାସନ



ରାଜନୀତି କାମରେ ବ୍ୟସ୍ତ ଥିବା ସାମ୍ନାକୁ ଆସିଛି। କ୍ଷମତା ଲୋଭରେ ଅନ୍ଧ ବିଜେପି ଆଦର୍ଶ ଆଚରଣ ବିଧିକୁ ମଧ୍ୟ ମାନୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ରାଇପୁର ଜାତୀୟ ରାଜପଥକୁ ବନ୍ଦ କରି ବିଶାଳ ଷ୍ଟେଜ୍ ନିର୍ମାଣ କରାଯାଇଥିଲା। ସେଥିପାଇଁ ଗତ ରାତିରୁ ସେହି ବାଟେ ଗାଡ଼ି, ମୋଟର ଓ ଲୋକଙ୍କ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ରାଜନୀତି ପାଇଁ ବିଜେପି ଲୋକଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଉଛି। ଗୋଟିଏପଟେ ନିଜକୁ ଲୋକଙ୍କ ସରକାର ବୋଲାଉଛନ୍ତି, ଅନ୍ୟପଟେ ଲୋକଙ୍କୁ ଦହଗଞ୍ଜ କରି ମାରୁଛନ୍ତି ବୋଲି ଡ. ମହାନ୍ତି କ୍ଷୋଭର ସହ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପ୍ରଚାର କାମ ପାଇଁ ୨୦୦ଟି ବସ୍ ବରଗଡ଼ ଜିଲ୍ଲାରୁ ଓ କଳାହାଣ୍ଡି ଜିଲ୍ଲାରୁ ୧୫୦ଟି ବସ୍ ଆଣି କାମରେ ଲଗାଇଛନ୍ତି। ଦଳୀୟ କାମ ପାଇଁ ବିଜେପି ସରକାରୀ ସମ୍ପତ୍ତିର ବେଶ ଦୁରୁପଯୋଗ କରି ରାଜନୈତିକ ପ୍ରଚାର କରିଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

## କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେଙ୍କ କିଟ୍ ଓ କିସ୍ ପରିଦର୍ଶନ



ଭୁବନେଶ୍ୱର,୮।୧୧(ସମିସ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଡ. ରାମଦାସ ଅଠାୱଲେ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରାଜ୍ୟ ଅତିଥି ଭବନରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ସେ ଯୋଗଦେଇ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ପରେ ସେ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। କିଟ୍‌ର ସମସ୍ତ କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଛନ୍ତି। ପାଠ ପଢ଼ି ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ଯୋଗଦାନ ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଅନୁଷ୍ଠାନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରଶଂସା କରି କହିଲେ ଯେ ଜନଜାତିଙ୍କ ବିକାଶ କ୍ଷେତ୍ରରେ ସେ ଅଭୂତପୂର୍ବ କାର୍ଯ୍ୟ କରୁଥିବା ମୋର ହୃଦୟଙ୍ଗମ ହେଉଛି। କାର୍ଯ୍ୟକ୍ରମରେ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର୍ ଜ୍ଞାନରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

- ରାଷ୍ଟ୍ରୀୟସଡ଼କଗବେଷଣାବୋର୍ଡର ୮୭ତମଅଧିବେଶନ

## ଆଇଆରସି କୋଡ୍ ଆଧାରିତ ଶିକ୍ଷା ମଡ୍ୟୁଲ୍ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୮।୧୧(ସମିସ): ଭାରତୀୟ ସଡ଼କ କଂଗ୍ରେସର ବାର୍ଷିକ ଅଧିବେଶନର ଦ୍ୱିତୀୟ ଦିନରେ ୮୭ତମ ହାଇୱେ ରିସର୍ଚ୍ଚ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଛି। ସଡ଼କ ଗବେଷଣା ଏହାର ବିକାଶର ଓ ସ୍ଥାୟିତ୍ୱ ବୃଦ୍ଧି ପାଇଁ ବୈଜ୍ଞାନିକ ଗବେଷଣାକୁ ପ୍ରାୟୋଗିକ ଭିତ୍ତିରେ କାର୍ଯ୍ୟକାରୀ କରିବା ବିଷୟରେ ବୈଠକରେ ବିସ୍ତୃତ



ଆଲୋଚନା ହୋଇଛି। ଉନ୍ନତ ସଡ଼କ ବ୍ୟବସ୍ଥା ପାଇଁ ଆଧୁନିକ ପ୍ରଯୁକ୍ତି ବିଦ୍ୟା ସହ ସୃଜନଶୀଳତା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ, ପୂର୍ତ୍ତ ବିଭାଗ, ବୋର୍ଡର ରୋଡସ୍ ଅର୍ଗାନାଇଜେସନ୍ ସହିତ ଆଇଆଇଟି ଓ ସିଆରଆରଆଇ ପରି ପ୍ରମୁଖ ସଂସ୍ଥାର ଅଧିକାରୀ ଓ ଗବେଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସଭାରେ ସଡ଼କ ଗବେଷଣାରେ ପ୍ରତିଯୋଗିତାମୂଳକ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ପାଇଁ ଏସଓପି ଅନୁଯାୟୀ ଖସଡ଼ା ପ୍ରସ୍ତୁତି ଉପରେ ଆଲୋଚନା କରାଗଲା। ଏହା ସହିତ ଉନ୍ନତ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରଚଳିତ ଗବେଷଣା ପ୍ରୟାସ ଯଥା ରିକ୍ଲେମଡ୍ ଆସ୍ଫାଲ୍ଟ ପେଭମେଣ୍ଟ (ଆରଏପି) ପାଇଁ ହଟ ରିସାଇକଲଡ ମିକ୍ସ ଡିଜାଇନ୍ ଓ ରାସ୍ତା ନିର୍ମାଣରେ ଫସଫୋଜିପସମର ଅବଶିଷ୍ଟାଂଶକୁ ବିକଳ୍ପ ଓ ସ୍ଥାୟୀ ଉପାଦାନ ଭାବେ ବ୍ୟବହାର ଆଦି ବିଷୟରେ ସମୀକ୍ଷା କରାଗଲା। ଆଇଏଏଚଇ(ଇଣ୍ଡିଆନ ଏକାଡେମୀ ଅଫ୍ ହାଇୱେ ଇଞ୍ଜିନିୟର୍ସ) ପକ୍ଷରୁ ଆଇଆରସି କୋଡ୍ ଆଧାରିତ ଶିକ୍ଷା ମଡ୍ୟୁଲ୍ ପ୍ରସ୍ତାବ ରଖାଯାଇଥିଲା, ଯାହା ବୃତ୍ତିଗତ ଦକ୍ଷତା ବୃଦ୍ଧିକୁ ସହାୟତା କରିବ। ଏହି ପ୍ରସ୍ତାବଟି ଆଇଆରସି କାଉନସିଲ୍ ଅନୁମୋଦନ ସାପେକ୍ଷରେ ନୀତିଗତ ମଞ୍ଜୁରୀ ପାଇଛି। ହାଇୱେ ରିସର୍ଚ୍ଚ ବୋର୍ଡର ଅଧ୍ୟକ୍ଷ ଭି. କେ. ରାଜାୱତ ଏହି ସଭାର ଅଧ୍ୟକ୍ଷତା କରିଥିବାବେଳେ ଏଚଆରବି ସଚିବ ରାହୁଲ ଗୁପ୍ତା, ଆଇଆରସି ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିହରଚଣ୍ଡୀ ସମୁଦ୍ର କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମଗିରି,୮।୧୧(ସମିସ): ଗତ ୫ତାରିଖରେ ପୁରୀ ସମୁଦ୍ରରେ ସ୍ନାନ ବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ ହୋଇଯାଇଥିଲେ। ଏହାର ଦୁଇ ଦିନ ପରେ ଶନିବାର ପୁରୀ ସଦର ଥାନା ଅଧୀନ ବ୍ରହ୍ମଗିରିସ୍ଥିତ ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ଗତ ୫ ତାରିଖରେ କୋଲକାତାର



କିଛି ପର୍ଯ୍ୟଟକ ପୁରୀ ବୁଲିବା ପାଇଁ ଆସିଥିଲେ। ତିନି ଦିନ ତଳେ ସେମାନେ ପୁରୀ କାମେଲିଆ ହୋଟେଲ ନିକଟ ସମୁଦ୍ରରେ ସ୍ନାନ କରୁଥିଲେ। ସେହି ସମୟରେ ସେମାନଙ୍କ ମଧ୍ୟରୁ ଦେବଦତ୍ତ ଦତ୍ତ ନାମକ ଜଣେ ଯୁବକ ସମୁଦ୍ରରେ ଭାସିଯାଇଥିଲେ। ଶନିବାର ସକାଳୁ ଭାସିଯାଇଥିବା ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ବ୍ରହ୍ମଗିରି ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଠାବ କରାଯାଇଛି। ସ୍ଥାନୀୟ ଲୋକମାନେ ଏହା ଦେଖି ପୁରୀ ସଦର ଥାନାକୁ ଖବର ଦେଇଥିଲେ। ପୁଲିସ ଆସି ମୃତଦେହ ଜବତ କରିବା ସହିତ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିବା ପରେ ପୁଲିସ ତାଙ୍କୁ ଶବ ହସ୍ତାନ୍ତର କରିଛି।

## 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ରିଲିଜ୍

ଆଗାମୀ ନୂଆ ଓଡ଼ିଆ ସିନେମା 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ଲଞ୍ଚ୍ ହୋଇଛି । ଏହି ସିନେମା କେବଳ ଏକ ମେଶିନ୍ ଉପରେ ନୁହେଁ, ଏହା ମଧ୍ୟରେ ରହିଛି ଭାବନା, ନିଶା ଓ ମଣିଷ ଏବଂ ବାଇକ୍ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ । ଏହି ଫିଲ୍ମର ନିର୍ଦ୍ଦେଶନାରେ ଅଶ୍ୱିନୀ ତ୍ରିପାଠୀ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଝୁନି ଲତା ବିଶ୍ୱାଳ । ସେହିପରି ସିନେମାର ଏକ୍‌ଜିକ୍ୟୁଟିଭ୍ ପ୍ରଡ୍ୟୁସର ଅଛନ୍ତି ପ୍ରେରଣା ପ୍ରତୀକ୍ଷା । କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଦକ୍ଷ ଯୁଗଳ ଶିବା ଏବଂ ପ୍ରଣବ । ଜ୍ୟୋତି ନାୟକ, ଅଭିଷେକ ପଣ୍ଡା, ପ୍ରୀତି, କୁନା ତ୍ରିପାଠୀ, ପୃଥ୍ୱୀରାଜ, ଆଲିଶା, ସୁଶାନ୍ତ ଦାସ ମହାପାତ୍ର, ଟୁକୁନା ଷ୍ଟାଇଲିଶ୍, ଭକ୍ତି, ଅମର, ରବି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତରେ ଅଛନ୍ତି



ସୋମେଶ ସତପଥୀ । ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦା ଓ ଗୋବିନ୍ଦ ଚନ୍ଦ୍ର । ତେବେ 'ମୋଟର ସାଇକଲ' କେବଳ ଏକ ସିନେମା ନୁହେଁ, ଏହା ହେଉଛି ଭାବନା, ସଂଘର୍ଷ ଓ ସ୍ୱପ୍ନର ଯାତ୍ରା ବୋଲି ଫିଲ୍ମର ଟିମ୍ କହିଛି । ଅନନ୍ୟ ଥିମ୍ ଓ ଶକ୍ତିଶାଳୀ ଉପସ୍ଥାପନା ସହିତ 'ମୋଟର ସାଇକଲ' ଓଡ଼ିଆ ଦର୍ଶକଙ୍କ ହୃଦୟ ଜିତିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି । ■

## ଅଲଗା ହେବେ ନିଲ୍-ଐଶ୍ୱର୍ଯ୍ୟା

ଟେଲିଭିଜନର ଲୋକପ୍ରିୟ ଷ୍ଟାର୍ ଦମ୍ପତି ନିଲ୍ ଭଟ୍ଟ ଏବଂ ଐଶ୍ୱର୍ଯ୍ୟା ଶର୍ମାଙ୍କ ମଧ୍ୟରେ କିଛି ଠିକ୍ ନ ଥିବା କୁହାଯାଉଛି । ଏହାରି ଭିତରେ ଦୁହିଁଙ୍କ ଛାଡ଼ପତ୍ର ଖବର ସାମ୍ନାକୁ ଆସିଛି । ହେଲେ ଏ ସମ୍ପର୍କରେ ନିଲ୍ କିମ୍ବା ଐଶ୍ୱର୍ଯ୍ୟା କିଛି କହି ନାହାନ୍ତି । ତେବେ ଛାଡ଼ପତ୍ର ନିହାତି ହେବା ଚର୍ଚ୍ଚା ଜୋର୍ ଧରିଛି । ଦୀର୍ଘ ଦିନ ହେବ ଦୁହେଁ ଅଲଗା ରହୁଛନ୍ତି । ଏପରିକି ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ସେମାନେ ପରସ୍ପରଠାରୁ ଅଲଗା ହୋଇପାରନ୍ତି । ଏ ଦୁହିଁଙ୍କ ମଧ୍ୟରେ କେଉଁ କାରଣ ପାଇଁ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି କିମ୍ବା ମନୋମାଳିନ୍ୟ ଦେଖା ଦେଇଛି, ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ । ନୀଲ ଏବଂ ଐଶ୍ୱର୍ଯ୍ୟା ପ୍ରଥମଥର ପାଇଁ 'ଗୁମ୍ ହୈ କିସି କେ ପ୍ୟାର୍ ମେଁ'ରେ ପରସ୍ପରକୁ ଜାଣିଥିଲେ ଏବଂ ପ୍ରେମ ସମ୍ପର୍କରେ ରହିଥିଲେ । ପରବର୍ତ୍ତୀ ସମୟରେ ଦୁହେଁ ୨୦୨୧ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଅନ୍ୟପଟେ ଦୁହେଁ 'ସ୍ମାର୍ଟ ଯୋଡ଼ି' ଏବଂ 'ବିଗ୍‌ବସ୍ ୧୭' ରେ ବି ନଜର ଆସିଛନ୍ତି । ■



## ୯୦୦ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'


ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଥିବା ଓ ଦର୍ଶକଙ୍କ ଅଜସ୍ର ଭଲ ପାଇବା ସାଉଁଟିଥିବା ଧାରାବାହିକ 'ତୁ ଖରା ମୁଁ ଛାଇ' ୯୦୦ ତମ ଅଧ୍ୟାୟରେ ପହଞ୍ଚିଛି । ଏହି ଧାରାବାହିକର କାହାଣୀ ଅଢ଼େଇ ବର୍ଷ ତଳେ ଦୁଇ ମୁଖ୍ୟ ଚରିତ୍ର ଏଜେ ଓ ମାନିନୀଙ୍କୁ ନେଇ ଆରମ୍ଭ ହୋଇଥିଲା । ୨୦୨୪ ଡିସେମ୍ବରରୁ କାହାଣୀରେ ଆସିଥିଲା ନୂଆ ମୋଡ଼ । ଯେଉଁଥିରେ ଏଜେ ଓ ମାନିନୀ ମୃତ୍ୟୁ ପରେ ଜନ୍ମ ନେଇଛନ୍ତି ଅଭି ଓ ମାନି ରୂପରେ । ଆରମ୍ଭରୁ ଦୁଇ ଜଣ ପୂର୍ବଜନ୍ମର ଜୀବନସାଥୀ ବୋଲି ଜାଣି ପାରୁନଥିଲେ । ହେଲେ ସମୟ କ୍ରମେ ଦୁଇ ଜଣ ପୁଣି ପରସ୍ପରକୁ ଭଲ ପାଇଛନ୍ତି । କାହାଣୀରେ ଖଳନାୟକ ରୂପରେ ଆସିଛି ରାଘବ, ଯିଏ ଅଭିର ବଡ଼ ଭିଣୋଇ । ତା'ର ଲକ୍ଷ୍ୟ ହେଉଛି ନିଜ ଶଳାର ସମସ୍ତ ଧନ ସମ୍ପତ୍ତି ଉପରେ । ସେଥିପାଇଁ ଅଭି ଓ ମାନିର ବାହାଘରରେ କଣ୍ଟା ସାଜିଛି । ସବୁ ଚକ୍ରାନ୍ତକୁ କାଟି ଦୁଇ ଜଣ ସାଜିଛନ୍ତି ଜୀବନସାଥୀ ଓ ଧରାପଡ଼ି ଯାଇଛି ରାଘବ ସମ୍ପତ୍ତି ପାଇଁ ସମସ୍ତ ଖେଳ । ତେବେ ସହଜ ନଥିଲା ଏହି ଯାତ୍ରା ଓ ଆଗକୁ ଆହୁରି କଠିନ ହୋଇଛି ସେମାନଙ୍କ ଜୀବନ ଯାତ୍ରା । କାରଣ ରଞ୍ଜିତ ରୂପରେ ପୁଣି ଫେରିଛି ରାଘବ ଓ ପୁଣି ନିଜ ଚକ୍ରାନ୍ତ ଆରମ୍ଭ କରିଛି । ଏପରିକି ଅଭିର ବନ୍ଧୁ ଦିଶାକୁ ଅଭି ଜୀବନରେ ଆଣିବାକୁ ଚେଷ୍ଟା କରିଛି । ତେବେ କିପରି ଅଭି ଓ ମାନି ପୁଣି ରାଘବକୁ ଦେବେ ଶାସ୍ତି ? କ'ଣ ହେବ ଦିଶାର ? ଅଭିର ଭଉଣୀ କ'ଣ ଜାଣିପାରିବ ରାଘବକୁ ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ 'ତୁ ଖରା ମୁଁ ଛାଇ'ର ଆଗକୁ ଆସୁଥିବା ବିଭିନ୍ନ ଅଧ୍ୟାୟରେ । ଅନ୍ୟପଟେ ଏହି ଧାରାବାହିକ ନୂତନ ପିଢ଼ିର ଜୀବନ ଭିତରେ ଆସୁଥିବା ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା କାହାଣୀ ଉପରେ ଆଧାରିତ । ■



## ପରଦା ପଛର କାହାଣୀ

## ଦର୍ଶକଙ୍କୁ କନ୍ଦାଇ ଥିଲା କ୍ଲାଇମାକ୍ସ ଦୃଶ୍ୟ

ବଲିଉଡ୍‌ରେ ହରର, କମେଡ଼ି ଓ ପାରିବାରିକ କାହାଣୀକୁ ନେଇ ଅନେକ ଫିଲ୍ମ ତିଆରି ହୋଇଛି । ସେଥିମଧ୍ୟରେ କିଛି ଫିଲ୍ମ ଥାଏ, ଯାହା ଦର୍ଶକଙ୍କୁ ଭାବପ୍ରବଣ କରିଦିଏ । ସେମିତି ଏକ ଫିଲ୍ମ ହେଉଛି 'କଲ୍ ହୋ ନା ହୋ' । ଶାହରୁଖ୍ ଖାନ୍ ଓ ପ୍ରୀତି ଜିଣ୍ଟା ଅଭିନୀତ ଏହି ଫିଲ୍ମ ୨୦୦୩ରେ ମୁକ୍ତିଲାଭ କରିଥିଲା । ଫିଲ୍ମର କାହାଣୀ ଦର୍ଶକଙ୍କୁ ଭାବବିହ୍ୱଳ କରିବା ସହ ବକ୍ସ ଅଫିସ୍‌ରେ ଧମାଲ୍ କରିଥିଲା । ଫିଲ୍ମରେ ସୈଫ୍ ଅଲ୍ଲୀ ଖାନ୍ ସହ କଳାକାର ଭାବେ ଅଭିନୟ କରିଥିଲେ । ଏହା ବ୍ୟତୀତ ଜୟା ବଚ୍ଚନ, ସୁଷମା ସେଠ୍, ଡେଲନାଜ୍ ପାଲ୍ ପ୍ରମୁଖ କଳାକାର ଏହି ଫିଲ୍ମରେ ନଜର ଆସିଥିଲେ । ଏହା ଏକ ଇମୋସନାଲ୍ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ ଭାବେ ଜଣାଶୁଣା । ଏହାର କାହାଣୀ ନ୍ୟୁୟର୍କର ଝିଅ ନୈନା ଉପରେ ଆଧାରିତ । ନୈନାଙ୍କ ଜୀବନ ନିରସ ଓ ଅବସାଦପୂର୍ଣ୍ଣ ଥିଲା । ପିତାଙ୍କ ମୃତ୍ୟୁପରେ ଘରର ସମସ୍ତ ଦାୟିତ୍ୱ ମାଆ ଜେନିଫର୍ ଓ ନୈନାଙ୍କ ଉପରେ ପଡ଼ିଥିଲା । ତାଙ୍କ ଜେଜେ ମାଆ ଓ ମାଆଙ୍କ ମଧ୍ୟରେ ସର୍ବଦା ଝଗଡ଼ା ଲାଗି ରୁହେ । ସେଥିପାଇଁ ପରିବାରରେ ଖୁସି ଯେମିତି ହଜି ଯାଇଥିଲା । ଏହାରି ମଧ୍ୟରେ ଜଣେ ଖୁସ୍ ମିଜାଜ୍ ପଡ଼ୋଶୀ ଅମନ ମାଥୁର ଆସନ୍ତି । ତାଙ୍କର ହସ ଓ ସକାରାତ୍ମକ କଥାରେ ଧୀରେ ଧୀରେ ସମସ୍ତଙ୍କ ଜୀବନରେ ପରିବର୍ତ୍ତନ ହୋଇଛି । ସେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ଜାଣନ୍ତି । ଅମନଙ୍କ ପାଇଁ ନୈନାଙ୍କ ପରିବାର ପୁଣି ଥରେ ଏକାଠି ହୋଇଯାନ୍ତି । ଏହାରି ଭିତରେ ଧୀରେ ଧୀରେ ଅମନଙ୍କୁ ନୈନା ଭଲ ପାଇ ବସନ୍ତି । ହେଲେ ଅମନ ସମସ୍ତଙ୍କଠାରୁ ଗୋଟିଏ କଥା ଗୋପନ ରଖିଥିଲେ । ସେ ଗମ୍ଭୀର ହୃଦ୍‌ରୋଗରେ ପୀଡ଼ିତ ଥିଲେ । ତେଣୁ ସେ ମାତ୍ର କିଛିଦିନର ଅତିଥି ଥିଲେ । ତେଣୁ ସେ ଚାହୁଁ ନଥିଲେ ନୈନା ତାଙ୍କ ଅନୁପସ୍ଥିତିର ଯନ୍ତ୍ରଣାକୁ ଅନୁଭବ କରନ୍ତୁ ବୋଲି । ଏଥିପାଇଁ ସେ ନୈନାଙ୍କୁ ତାଙ୍କ ସାଙ୍ଗ ରୋହିତଙ୍କ ସହ ଯୋଡ଼ିବାକୁ ଚେଷ୍ଟା କରୁଥିଲେ । ଫିଲ୍ମର କ୍ଲାଇମାକ୍ସ ଦୃଶ୍ୟ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ପ୍ରେକ୍ଷାଳୟରେ ଦର୍ଶକଙ୍କ ଆଖି ଲୁହରେ ଭିଜି ଯାଇଥିଲା । ଏହି ଫିଲ୍ମର ଟାଇଟଲ୍ ଗୀତ 'କଲ୍ ହୋ ନା ହୋ...' ଜୀବନର ବାସ୍ତବ ଅର୍ଥକୁ ପ୍ରଦର୍ଶିତ କରାଇଛି । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି । ଏହା ଶାହରୁଖ୍ ଖାନ୍‌ଙ୍କ ଜୀବନର ବେଷ୍ଟ ଫିଲ୍ମ ମଧ୍ୟରୁ ଅନ୍ୟତମ । ■



## ୧୦ ବର୍ଷ ପରେ ଇମରାନଙ୍କ ଲେଉଟାଣି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଇମରାନ ଖାନ୍‌ଙ୍କୁ ୨୦୧୫ ମସିହାରେ 'କଟ୍ଟିବଟ୍ଟି' ସିନେମାରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା । ଏହା ପରେ ସେ ଆଉ କୌଣସି ସିନେମାରେ ନଜର ଆସି ନାହାନ୍ତି । ତେବେ ଏବେ ଦୀର୍ଘ ୧୦ ବର୍ଷ ପରେ ପୁଣି ଏକ ନୂଆ ସିନେମା ମଧ୍ୟରେ ସେ ବଲିଉଡ୍‌କୁ ପ୍ରତ୍ୟାବର୍ତ୍ତନ କରିବେ । ଅବଶ୍ୟ ସିନେମା ଶୀର୍ଷକ ତଥା ରିଲିଜ୍ ତାରିଖ ସମ୍ପର୍କରେ କିଛି ସୂଚନା ପ୍ରଦାନ କରାଯାଇ ନାହିଁ । ହେଲେ ଆଗାମୀ ନୂଆ ସିନେମାରେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ଭୂମି ପେଡନେକରଙ୍କୁ ଦେଖିବାକୁ ମିଳିବ । ଫିଲ୍ମର କାହାଣୀ ରୋମାଣ୍ଟିକ-କମେଡି ଉପରେ ଆଧାରିତ । ତେଣୁ ଏହି ସିନେମାରେ ଭୂମି ଓ ଇମରାନଙ୍କ ଅନସ୍କ୍ରିନ୍ ରୋମାନ୍ସ ଦେଖିବାକୁ ମିଳିବ । ସିନେମାର ନିର୍ଦ୍ଦେଶନାରେ ଦାନିଶ ଅସଲମ ଅଛନ୍ତି । ୨୦୨୬ ମସିହା ଆରମ୍ଭରେ ଏହାକୁ ରିଲିଜ୍ କରିବା ଲକ୍ଷ୍ୟ ରଖାଯାଇଛି ।

## ଇଣ୍ଡିଆନ୍ ଆଇଡଲ

## ଟପ୍ -୧୬ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ

ଅକ୍ଟୋବର ୧୮ ରୁ ଆରମ୍ଭ ହୋଇଛି ସୋନି ଟିଭିର ଲୋକପ୍ରିୟ ସଂଗୀତ ଭିତ୍ତିକ ରିଆଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ସିଜନ -୧୬ । ଏଥର ଏହି ଶୋ'ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକଙ୍କ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଛି । ଏପରିକି ଟପ୍-୧୬ ପ୍ରତିଯୋଗୀଙ୍କ ମଧ୍ୟରେ ଭୁବନେଶ୍ୱରର ଜ୍ୟୋତିର୍ମୟୀ ସାମିଲ ଅଛନ୍ତି । ଏନେଇ ସେ ଖୁବ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ନିଜର ଫଟୋ ସେୟାର୍ କରି ଏ ସମ୍ପର୍କରେ ଜଣାଇଛନ୍ତି । ତା'ସହ ମହାପ୍ରଭୁ ଜଗନ୍ନାଥ, ପରିବାର ଓ ଗୁରୁଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ ଉଲ୍ଲେଖ କରିଛନ୍ତି । ଦର୍ଶକଙ୍କର ଏମିତି ଭଲପାଇବା ଓ ଆଶୀର୍ବାଦ ଆଗକୁ ତାଙ୍କୁ ମିଳିବ ବୋଲି ସେ କାମନା କରିଛନ୍ତି । ଅଡିସନ୍‌ରୁ ଆରମ୍ଭ କରି ଥିଏଟର ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ତାଙ୍କ ଗୀତ ମାଧ୍ୟମରେ ଶୋ'ର ବିଚାରକ ଶ୍ରେୟା ଘୋଷାଲ, ବିଶାଲ ଦଦଲାନୀ ଏବଂ ବାଦଶାହ ବଟୌରଙ୍କ ମନ ଜିଣିପାରିଛନ୍ତି । ଆଗକୁ ମଧ୍ୟ ସେ ନିଜ ଗୀତ ମାଧ୍ୟମରେ ସମସ୍ତଙ୍କ ହୃଦୟ ଜିଣିବା ଆଶା ରଖିଛନ୍ତି । ଅନ୍ୟପଟେ ଏହି ନୂଆ ସିଜନ୍‌ର ଥିମ୍ ରଖାଯାଇଛି 'ୟାଦୋଁ କି ପ୍ଲେଲିଷ୍ଟ' । ■




ସାକ୍ଷାତକାର

## 'ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ'

**ପ୍ରୀତି ବିଶ୍ୱାଳ, ଅଭିନେତ୍ରୀ**



ସେ ଜଣେ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ । ପିଲାଟି ଦିନରୁ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ ପାଇଁ ସେ ଅନେକ ସ୍ଥାନରୁ ସମ୍ମାନିତ ମଧ୍ୟ ହୋଇଛନ୍ତି । ତାଙ୍କ ମା' ଜଣେ ମଞ୍ଚ ଅଭିନେତ୍ରୀ ଥିଲେ । ମା'ଙ୍କ ପରି ଅଭିନେତ୍ରୀ ହେବାକୁ ଆଗ୍ରହ କରି ଅଡିସନ୍ ଦେଇଥିଲେ କଟକ ପ୍ରତାପନଗରୀର ପ୍ରୀତି ବିଶ୍ୱାଳ । ଫିଲ୍ମ 'ଡଟ୍‌ପେନ୍' ହେଉଛି ତାଙ୍କର ଡେବ୍ୟୁ ସିନେମା । ଏବେ ସେ 'ମୋଟର ସାଇକଲ' ଫିଲ୍ମ ସୁଟିଂରେ ବ୍ୟସ୍ତ ଅଛନ୍ତି । ଚମତ୍କାର ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟକୁ ଜିଣୁଛନ୍ତି । ଭବିଷ୍ୟତରେ ନୃତ୍ୟକଳା କ୍ଷେତ୍ରରେ ସେ ପାରଦର୍ଶିତା ଦେଖାଇବେ ନା ଜଣେ ଅଭିନେତ୍ରୀ ଭାବେ ଦର୍ଶକଙ୍କ ମନୋରଞ୍ଜନ କରିବେ ଜାଣିବା ତାଙ୍କ ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଲେ ?**

● ପିଲାବେଳେ ଓଡ଼ିଶୀ ନୃତ୍ୟ କରୁଥିଲି । ଧୀରେ ଧୀରେ ଏହି ନୃତ୍ୟରେ ଆଗକୁ ବଢ଼ିଲି । ଦେଶ ବିଦେଶରେ ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ଭାଗ ନେଇଛି । ପ୍ରଶଂସିତ ହୋଇଛି ମଧ୍ୟ । ସମୟକ୍ରମେ ଓଡ଼ିଶୀ ନୃତ୍ୟ ସହିତ ଜଣେ ଅଭିନେତ୍ରୀ ହେବାକୁ ମନ ବଳାଇଲି । ଏଥିପାଇଁ ଏକାଧିକ ଥର ଅଡିସନ୍ ଦେଇଥିଲି । ହେଲେ ଅଶ୍ୱିନୀ ସାର୍‌ଙ୍କ 'ଡଟପେନ୍' ସିନେମା ପାଇଁ ମୁଁ ମନୋନୀତ ହେଲି । ସିନେମାରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଲି । ମୋ ବିପକ୍ଷରେ ଥିଲେ ନାୟକ ଜ୍ୟୋତି । ଏହାରି ଭିତରେ ରମେଶ ରାଉତ ସାର୍‌ଙ୍କ 'କାନ୍ ତରାଟି'ରେ ଅଭିନୟ କରିଛି । ଏହି ସିନେମାଟି ଏବେ ସୁଦ୍ଧା ରିଲିଜ୍ ହୋଇନି । ତେବେ ସୌଭାଗ୍ୟବଶତଃ ଅଶ୍ୱିନୀ ସାର୍ ତାଙ୍କର ଅପକମିଂ ସିନେମା 'ମୋଟର ସାଇକଲ'ରେ ମୁଖ୍ୟ ନାୟିକା ଭାବେ କାମ କରିବାକୁ ମୋତେ ସୁଯୋଗ ଦେଇଛନ୍ତି । ଏଥିରେ ମୋ ସହିତ ଅଛନ୍ତି ଜ୍ୟୋତି ଏବଂ ଅଭିଷେକ । ତେଣୁ ଫିଲ୍ମର ପୂରା ଟିମ୍‌କୁ ହୃଦୟରୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

**'ମୋଟର ସାଇକଲ' ସିନେମା ବିଷୟରେ କିଛି କୁହନ୍ତୁ?**

● ଯୌତୁକ ନେବା ବା ଦେବା ଆଇନଗତ ଅପରାଧ । ତଥାପି ଆମ ସମାଜରେ ଲୋକେ ଯୌତୁକ ନେବାଦେବା ଜାରି ରଖିଛନ୍ତି । ଏହା ଫଳରେ ଅନେକ କନ୍ୟାପିତା ଅକଥନୀୟ ଅତ୍ୟାଚାରର ଶିକାର ହେଉଛନ୍ତି । ତେଣୁ ମୋଟର ସାଇକଲ ଜରିଆରେ ଗୋଟେ ଝିଅ କିପରି ତା' ପିତାଙ୍କୁ ସମର୍ଥନ କରୁଛି ତାହା ଦେଖିବାକୁ ମିଳିବ । ଏଥିରେ ମୋ ନାଁ ହୋଇଛି କାବେରୀ । ବହୁତ ସରଳ, ସାଧାସିଧା ଝିଅଟେ । ତେବେ ସିନେମା ରିଲିଜ୍ ପରେ ଦର୍ଶକ ଅନେକ ଟ୍ୱିଷ୍ଟ ଦେଖିବାକୁ ପାଇବେ ।

**ପ୍ରୀତିଙ୍କର ଡ୍ରିମ୍ ରୋଲ?**

● ସିନେମାରେ କାମ କରିବା ପୂର୍ବରୁ ଯେମିତି ଚରିତ୍ର ଚାହୁଁଥିଲି ତାହା ମୋତେ 'ଡଟପେନ୍'ରେ ମିଳିଥିଲା । ଏଥିରେ ବି ଜଣେ ସାଧାସିଧା ଝିଅର ଭୂମିକାରେ ଅଭିନୟ କରିଛି । ତେବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏ ଲାଇନ୍‌ରେ ଥିବା ଯାଏଁ ଭଲ ଭଲ ଚରିତ୍ରରେ ମୁଁ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାକୁ ଚେଷ୍ଟା କରିବି ।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

● ବର୍ତ୍ତମାନ ମୁଁ ସ୍ନାତକରେ ପଢ଼ୁଛି । ପଢ଼ା ସହିତ ନୃତ୍ୟ ଆଉ ଅଭିନୟକୁ ଗୁରୁତ୍ୱ ଦିଏ । ଏବେ ଯେହେତୁ ସିନେମାରେ କାମ କରୁଛି । ତେଣୁ ଅଭିନୟକୁ ମାର୍ଜିତ କରିବାକୁ ଘରେ ଦର୍ପଣ ଆଗେ ଅଭ୍ୟାସ କରେ । ନିଜେ ନିଜେ ସ୍କ୍ରିପ୍ଟ ଲେଖି ଅଭ୍ୟାସ କରେ । ଖବରକାଗଜ ପଢ଼ା ଅଭ୍ୟାସ କରେ । ସିନେମାର ସମସ୍ତ ଚରିତ୍ରକୁ ଅନୁଶୀଳନ କରେ । ଗୋଟିଏ ସିନେମାରେ କାମ କରିବା ପୂର୍ବରୁ ମୋତେ ଯେଉଁ ଚରିତ୍ର ମିଳିଛି ତାହାକୁ ମୁଁ କେମିତି ଠିକ୍ ଫୁଟାଇ ପାରିବି ତା' ଉପରେ ଗୁରୁତ୍ୱ ଦିଏ । ପଢ଼ାରେ କେବେ ହେଳା କରେନି ।

**ଭବିଷ୍ୟତରେ ଅଭିନୟ ନା ଓଡ଼ିଶୀ ନୃତ୍ୟକୁ ନେଇ ଆଗକୁ ବଢ଼ିବେ ?**

● ନୃତ୍ୟ ଆଉ ଅଭିନୟ ଦୁଇଟା ମୋ' ଜୀବନ । କାହାକୁ ଛାଡ଼ି ପାରିବିନି । ତେଣୁ ଅଭିନୟ ଜାରି ରହିବ । ଦର୍ଶକଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ କଠିନ ପରିଶ୍ରମ କରିବି । ସେମିତି ନୃତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରୟାସ ଜାରି ରହିବ ।

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ନିଜ କାମକୁ ଭଲ ପାଆନ୍ତୁ । ନିଜକୁ ଗ୍ରୁମ୍ କରନ୍ତୁ । ଅଡିସନ୍ ଦେବାକୁ ଯାଉଥିଲେ ନିଜକୁ ଭଲ ଭାବେ ପ୍ରସ୍ତୁତ କରନ୍ତୁ । ଯାହାବି ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଭଲ କରିବାକୁ ଚେଷ୍ଟା କରନ୍ତୁ । ■

## ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ଟି-୨୦ ବାତିଲ

# ୨-୧ରେ ସିରିଜ ହାତେଇଲା ଭାରତ




ଅଭିଷେକ ସିରିଜ୍‌ର ଶ୍ରେଷ୍ଠ ଖେଳାଳି

**ବ୍ରିସ୍‌ବେନ୍‌,୮।୧୧ (ଏଜେନ୍ସି):** ଅଷ୍ଟ୍ରେଲିଆ ମାଟିରେ ଆଜି ଶେଷ ହୋଇଥିବା ୫ ମ୍ୟାଚ୍‌ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ବିଜୟୀ ହୋଇଛି। ଏହା ଫଳରେ ୨୦୦୮ ପରଠାରୁ ଭାରତ ଘରୋଇ ଅଷ୍ଟ୍ରେଲିଆ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍‌ରେ ପରାଜିତ ହୋଇନାହିଁ। ଅନ୍ୟ ପକ୍ଷରେ ୨୦୨୨ ପରଠାରୁ ଅଷ୍ଟ୍ରେଲିଆ ଖେଳିଥିବା ୪ଟି ସିରିଜ୍‌ ମଧ୍ୟରୁ ୩ଟିରେ ପରାଜିତ ହୋଇଛି। ଆଜି ଏଠାରେ ୫ମ ତଥା ଶେଷ ମ୍ୟାଚ୍‌ ଖେଳାଯିବାର ଥିଲା। ଏହି ମ୍ୟାଚ୍‌ଟି ୪.୫ ଓଭର ଖେଳ ହେବାପରେ ଘଡଘଡ଼ି ଓ ବର୍ଷା ଯୋଗୁଁ ଆଉ ସମ୍ଭବ ହୋଇ ନ ହେବାରୁ ବାତିଲ କରାଯାଇଥିଲା। ଏହା ଫଳରେ ଏହି ସିରିଜ୍‌ରେ ୨ଟି ମ୍ୟାଚ୍‌ ବର୍ଷା ଯୋଗୁଁ ବାତିଲ ହୋଇଥିଲା। କାନବେରାରେ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଥିଲା। ଖେଳ ହୋଇଥିବା ୩ଟି ମ୍ୟାଚ୍‌ ମଧ୍ୟରୁ ଭାରତ ୨ଟିରେ ଓ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍‌ ଜିତିଥିଲା। ଭାରତ ଏହି ସିରିଜ୍‌କୁ ୨-୧ରେ ଜିତିନେଇଥିଲା। ଏହି ସିରିଜ୍‌ରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ଭାରତର ବାମହାତୀ ଯୁବ ଓପନର ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ରେ ସେ ଗୋଟିଏ ଅର୍ଦ୍ଧଶତକ ସହ ୧୬୩ ରନ୍‌ କରିଥିଲେ। ଏହା ପରେ ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ଟି-୨୦ ସିରିଜ୍‌ ଖେଳିବ। ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରୁ ଏହି ୫ ମ୍ୟାଚ୍‌ ବିଶିଷ୍ଟ ଟି-୨୦ ସିରିଜ୍‌ ଆରମ୍ଭ ହେବ।

### ବାଧା ପାଇଲା ଦ୍ୱିତୀୟ ମ୍ୟାଚ୍‌

ବ୍ରିସ୍‌ବେନ୍‌ର ଗାବ୍ବା ଷ୍ଟାଡିୟମ୍‌ରେ ଆଜି ଖେଳାଯିବାକୁ ୫ମ ତଥା ଶେଷ ଟି-୨୦ରେ ଅଷ୍ଟ୍ରେଲୀୟ ଅଧିନାୟକ ମିଚେଲ ମାର୍ଶ ଟସ୍‌ ଜିତି ପ୍ରଥମେ ବ୍ୟାଟିଂ ଲାଗି ଭାରତକୁ ଆମନ୍ତ୍ରଣ କରିଥିଲେ। ଏହି ପିଚ୍‌ ଗ୍ରୀନ୍‌ ଥିଲା ଓ ବୋଲିଂ ଲାଗି ଅନୁକୂଳ ହେବ ବୋଲି ଆଶା କରିଥିଲେ ମାର୍ଶ। କିନ୍ତୁ ଭାରତ ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ ୪.୫ ଓଭରରେ ୫୨ ରନ୍‌ କରିବା ଫଳରେ ଏଠାରେ ବ୍ୟାଟିଂ କରିବା କଷ୍ଟକର ହେବ ନାହିଁ ବୋଲି ଦର୍ଶାଇଥିଲେ। ମାତ୍ର ୨୧ ମିନିଟ୍‌ର ଖେଳ ପରେ ଜୋରରେ ଘଡ଼ଘଡ଼ି ହୋଇଥିଲା। ଫଳରେ ପଡ଼ିଆ ବାହାରକୁ ଖେଳାଳି ଓ ଅମ୍ପାୟାର ଓ କର୍ମକର୍ତ୍ତାମାନେ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ପ୍ରବଳ ବର୍ଷା ହୋଇଥିଲା। ଏଠାରେ ଡ୍ରେନେଜ ସିଷ୍ଟମ ବିଶ୍ୱରେ ସବୁଠାରୁ ଭଲ ଥିଲେ ମଧ୍ୟ ଏତେ ପରିମାଣରେ ବର୍ଷା ହେବାରୁ ପଡ଼ିଆ ଖରାପ ହୋଇଯାଇଥିଲା ଓ ଖେଳକୁ ବାତିଲ କରିବାକୁ ପଡ଼ିଥିଲା। ଏହି ସମୟ ବେଳକୁ ଶୁବମନ ଗିଲ୍‌ ୧୬ ବଲ୍‌ରେ ୬ଟି ଆକର୍ଷଣୀୟ ଚୌକା ସହ ୨୯ ରନ୍‌ କରିଥିଲେ। କିନ୍ତୁ ଅଭିଷେକ ଶର୍ମାଙ୍କର ଦୁଇଟି କ୍ୟାଚ୍‌ ଡ୍ରପ୍‌ ହୋଇଥିଲା। ପ୍ରଥମ ଓଭରରେ ଗ୍ଲେନ୍‌ ମ୍ୟାକ୍ସୱେଲ ଓ ଦ୍ୱିତୀୟ ମ୍ୟାଚ୍‌ ଜାଭିୟର ବାର୍ଟଲେଟ ଛାଡିଦେଇଥିଲେ। ଏଥିରୁ ଫାଇଦା ଉଠାଇ ଅଭିଷେକ ଗୋଟିଏ ଚୌକା ଓ ଗୋଟିଏ ଛକା ସହ ୧୩ ବଲ୍‌ରୁ ୨୩ ରନ୍‌ କରିଥିଲେ। ଏହା ପୂର୍ବରୁ କାନବେରାରେ ଖେଳାଯାଇଥିବା ମ୍ୟାଚ୍‌ ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ମଧ୍ୟ ଭାରତ ପ୍ରଥମେ ବ୍ୟାଟିଂ କରି ୯.୪ ଓଭରରେ ୨ ୱିକେଟ ହରାଇ ୯୭ ରନ୍‌ କରିଥିଲାବେଳେ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଏହା ପରେ ମେଲବୋର୍ଣ୍ଣରେ ଖେଳାଯାଇଥିବା ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତିନେଇଥିଲା। ହୋବାର୍ଟ ଓ ଗୋଲ୍ଡକୋଷ୍ଟର କାରାରା ଓଭାଲରେ ଭାରତ ବିଜୟୀ ହୋଇ ୨-୧ରେ ଅଗ୍ରଣୀ ରହିଥିଲା। ୫ମ ମ୍ୟାଚ୍‌ ବାତିଲ ହେବା ପରେ ସମାନ ବ୍ୟବଧାନରେ ଭାରତ ବିଜୟୀ ହୋଇଥିଲା।

### ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ମୁକାବିଲା

ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍‌ ଖେଳାଯିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଆଉ ଦୁଇଟି ସିରିଜ୍‌ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍‌ ବିଶିଷ୍ଟ ଟି-୨୦ ସିରିଜ୍‌ ଘରୋଇ ମାଟିରେ ଡିସେମ୍ବର ୯ରୁ ଆରମ୍ଭ ହେବ। କଟକର ବାରବାଟୀରେ ଏହି ମୁକାବିଲା ଖେଳାଯିବ। ଏହା ପରେ ଡିସେମ୍ବର ୧୧ରେ ପଞ୍ଜାବର ମୁଲାନପୁରରେ ଦ୍ୱିତୀୟ, ୧୪ରେ ତୃତୀୟ ମ୍ୟାଚ ହିମାଚଳ ପ୍ରଦେଶର ଧର୍ମଶାଳା, ୧୭ରେ ଚତୁର୍ଥ ମ୍ୟାଚ୍‌ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଓ ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍‌ ଗୁଜରାଟର ଅହମ୍ମଦାବାଦ୍‌ରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀ ୨୧, ୨୩, ୨୫, ୨୮ ଓ ୩୧ରେ ନ୍ୟୁଜିଲାଣ୍ଡ ସହ ଘରୋଇ ମାଟିରେ ଭାରତ ୫ ମ୍ୟାଚ୍‌ ବିଶିଷ୍ଟ ଟି-୨୦ ସିରିଜ୍‌ ଖେଳିବ। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆରେ ଦୁଇଟି ମ୍ୟାଚ୍‌ ବାଧାପ୍ରାପ୍ତ ହେବା ଫଳରେ ଉଭୟ ଦଳର ବିଶ୍ୱକପ୍‌ ପ୍ରସ୍ତୁତିରେ ବାଧାପ୍ରାପ୍ତ ହୋଇଛି।

### ବିଶ୍ୱକପ୍‌ ବିଜୟିନୀଙ୍କୁ ସମ୍ମାନ

## ରିଚାଙ୍କୁ 'ବଙ୍ଗ ଭୂଷଣ' ଉପାଧି, ଡିଏସ୍‌ପି ଚାକିରି



**କୋଲକାତା, ୮।୧୧ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍‌ ବିଜୟିନୀ ଭାରତୀୟ ଦଳର ପ୍ରମୁଖ ସଦସ୍ୟ ରିଚା ଘୋଷଙ୍କୁ 'ବଙ୍ଗ ଭୂଷଣ' ଉପାଧି ସହ ପଶ୍ଚିମବଙ୍ଗ ପୁଲିସରେ ଡିଏସ୍‌ପି ଚାକିରି ପ୍ରଦାନ କରାଯାଇଛି। ଶନିବାର ଐତିହାସିକ ଇଡେନ ଗାର୍ଡେନ୍ସରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରିଚାଙ୍କୁ ଡିଏସ୍‌ପି ଚାକିରି ନିଯୁକ୍ତି ପତ୍ର, 'ବଙ୍ଗ ଭୂଷଣ' ମେଡାଲ ଓ ଏକ ସୁନା ଚେନ ପ୍ରଦାନ କରି ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚରେ ରିଚା ୩୪ ରନର ପାଳି ଖେଳିଥିଲେ। ଏହି ପାଳିର ପ୍ରତି ରନ ପିଛା ତାଙ୍କୁ ମୋଟ୍‌ ୩୪ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିକେଟ୍‌ ଆସୋସିଏସନ ଅଫ୍‌ ବେଙ୍ଗଲର ସଭାପତି ସୌରଭ ଗାଙ୍ଗୁଲି, ପୂର୍ବତନ ମହିଳା କ୍ରିକେଟର୍‌ ଝୁଲଣ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସିଏବି ପକ୍ଷରୁ ଏକ ସ୍ୱର୍ଣ୍ଣିମ ବ୍ୟାଟ୍‌ ଓ ବଲ୍‌ ମଧ୍ୟ ରିଚାଙ୍କୁ ଉପହାର ଆକାରରେ ଦିଆଯାଇଥିଲା। ପଶ୍ଚିମବଙ୍ଗର ପ୍ରଥମ କ୍ରିକେଟର୍‌ ଭାବେ ରିଚା ବିଶ୍ୱକପ୍‌ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଭାରତୀୟ ପୁରୁଷ ଦଳର ଅନ୍ୟତମ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ବିଶ୍ୱକପ୍‌ ଜିତିପାରି ନ ଥିଲେ।

## ରାଜ୍ୟ ବରିଷ୍ଠ ହ୍ୟାଣ୍ଡବଲ୍‌ ୧୪ରୁ

**ଭୁବନେଶ୍ୱର, ୮।୧୧ (ସମିସ):** ଓଡ଼ିଶା ହ୍ୟାଣ୍ଡବଲ୍‌ ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ରାଜ୍ୟ ହ୍ୟାଣ୍ଡବଲ୍‌ ଚାମ୍ପିଅନସିପ୍‌ର ୩୮ତମ ସଂସ୍କରଣ ପୁରୀରେ ଆୟୋଜିତ ହେବ। ପୁରୀର ଜିଲ୍ଲା ଇଣ୍ଡୋର ଷ୍ଟାଡିୟମରେ ୩ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୨୨ ଜିଲ୍ଲା ଓ ମହିଳାରେ ୧୪ ଜିଲ୍ଲାର ମୋଟ୍‌ ୬୨୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ନଭେମ୍ବର ୧୩ ତାରିଖ ସୁଦ୍ଧା ସମସ୍ତ ଦଳ ପୁରୀ ଝାଡ଼େଶ୍ୱରୀ କ୍ଲବରେ ସମସ୍ତ ଦଳ ରାଜ୍ୟ ସଂଘର କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସଙ୍କ ନିକଟରେ ରିପୋର୍ଟିଂ କରିବାକୁ କୁହାଯାଇଛି। ଡିସେମ୍ବର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆଗାମୀ ଜାତୀୟ ହ୍ୟାଣ୍ଡବଲ୍‌ ପ୍ରତିଯୋଗିତା ଲାଗି ଏଥିରୁ ରାଜ୍ୟ ଦଳ ଚୟନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ସୁଲ୍‌ତାନ୍‌ ଆଜଲାନ୍‌ ଶାହ କପ୍‌ ହକି

## ସଞ୍ଜୀୟଙ୍କୁ ନେତୃତ୍ୱ; ଓଡ଼ିଶାରୁ ୩ ଖେଳାଳିଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ସୁଲତାନ ଆଜଲାନ ଶାହ କପ୍‌ ହକିର ୩୧ତମ ସଂସ୍କରଣ ଚଳିତ ମାସ ୨୩ ତାରିଖରୁ ମାଲେସିଆରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୨୦ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ହରମନପ୍ରୀତ୍‌ ସିଂହଙ୍କ ସମେତ ମନପ୍ରୀତ୍‌ ସିଂହ, ଗୋଲ୍‌କିପର କ୍ରିଷନ ବାହାଦୁର ପାଠକ, ସୂରଜ କେରକେରା ପ୍ରମୁଖଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଲାଗି ବିଶ୍ରାମ ଦିଆଯାଇଛି। ଡିଫେଣ୍ଡର ସଞ୍ଜୀୟ ଭାରତୀୟ ଦଳର ନେତୃତ୍ୱ ନେବେ। ସେହଭଳି ଘୋଷିତ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍‌ ରୋହିଦାସ ଓ ନୀଲମ ସଞ୍ଜୀପ ଖେସ୍‌ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଉଦ୍‌ଘାଟନୀ ଦିବସରେ କୋରିଆ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୨୪ରେ ବେଲ୍‌ଜିୟମ, ୨୬ରେ ମାଲେସିଆ, ୨୭ରେ ନ୍ୟୁଜିଲାଣ୍ଡ ଓ ୨୯ରେ କାନାଡା ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ରାଉଣ୍ଡ ରବିନ ପର୍ଯ୍ୟାୟ ପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ୩୦ରେ ଫାଇନାଲ ଖେଳାଯିବ। ଶେଷଥର ଲାଗି ଭାରତ ୨୦୧୦ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।

**ଜୁରେଲଙ୍କ ଦ୍ୱିତୀୟ ଶତକ**

## ଦ.ଆଫ୍ରିକା-ଏକୁ ୪୧୭ ରନ୍‌ର ଟାର୍ଗେଟ

**ବେଙ୍ଗାଲୁରୁ,୮।୧୧(ଏଜେନ୍ସି):** ଧ୍ରୁବ ଜୁରେଲଙ୍କ ଉଭୟ ଇନିଂସରେ ଶତକ ହର୍ଷ ଦୁବେଙ୍କ ୮୪ ଓ ଅଧିନାୟକ ଋଷଭ ପନ୍ତ୍‌ଙ୍କ ଦ୍ରୁତ ୬୫ ରନ୍‌ ରନ୍‌ ସହାୟତାରେ ଏଠାରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ-ଏ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଆଗରେ ୪୧୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା କୌଣସି ୱିକେଟ ନ ହରାଇ ୨୫ ରନ୍‌ କରିନେଇଛି। ପୂର୍ବରୁ ଜୁରେଲ ୧୨୭ ରନ୍‌ରେ ଅପରାଜିତ ରହିବା ଫଳରେ ଭାରତ-ଏ' ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୩୮୨ ରନ୍‌ କରି ସମାପ୍ତି ଘୋଷଣା କରିଥିଲା। ପୂର୍ବରୁ ପ୍ରଥମ ଇନିଂସରେ ଜୁରେଲଙ୍କ ଅପରାଜିତ ୧୩୨ ରନ୍‌ ସହାୟତାରେ ଭାରତ-ଏ' ୨୫୫ ରନ୍‌ କରିଥିଲା। ଜବାବରେ ଅଧିନାୟକ ମାର୍କ୍ୟୁଜ୍‌ ଆକରମ୍ୟାନ୍‌ଙ୍କ ଆକ୍ରମଣାତ୍ମକ ୧୩୪ ରନ୍‌ ବଳରେ ଦକ୍ଷିଣ ଆଫ୍ରିକା-ଏ' ୨୨୧ ରନ୍‌ କରିବାକୁ ସମର୍ଥ ହୋଇଥିଲା।

### ଚେସ୍‌ଷ୍ଟ୍ରଫ୍‌ ଟ୍ରଫି ଆରମ୍ଭ

## ଅନ୍ୱେଷ ସହ ମ୍ୟାଚ୍‌ ଡ୍ର ରଖିଲେ ଯଶିତା



**ଭୁବନେଶ୍ୱର,୮।୧୧(ସମିସ):** ଚେସ୍‌ଷ୍ଟ୍ରଫ୍‌ ଏକାଡେମୀ ଆନୁକୂଲ୍ୟରେ ପ୍ରଥମ ରାପିଡ୍‌ ଓ ବ୍ଲିଜ୍‌ ଚାମ୍ପିଅନସିପ୍‌ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିନ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ୬ଜଣ ଖେଳାଳି ୫ ରାଉଣ୍ଡରୁ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ଆଇଏମ୍‌ ସମ୍ବିତ ପଣ୍ଡା, ଏଫ୍‌ଏମ୍‌ ମହୀତୋଷ ଦେ', ଲଳିତରଞ୍ଜନ ସାହୁ, ଏଫ୍‌ଏମ୍‌ ରାଜେଶ ନାୟକ, ତପନ ବଡମୁଣ୍ଡି ଓ ସିଏମ୍‌ ହର୍ଷିତରଞ୍ଜନ ସାହୁ। ୪ର୍ଥ ରାଉଣ୍ଡରେ ଆଇଏମ୍‌ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟଙ୍କ ସହ ରାଜ୍ୟ ମହିଳା ଚେସ୍‌ ଚାମ୍ପିଅନ୍‌ ଯଶିତା ରାଉତ ମ୍ୟାଚ୍‌ ଡ୍ର ରଖି ଏକ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତା ଆରମ୍ଭ ହେବା ସହ ଓଡ଼ିଶାରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି।

ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଓଡ଼ିଶା ସରକାରଙ୍କ ଯୁଗ୍ମ ସଚିବ ଦୀପକ ରାଉତରାୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆଇଏମ୍‌ ତଥା ପ୍ରୋଚେଷ୍ଟାର ପ୍ରଶାସନ ସ୍ୱାଂଶୁ ସତ୍ୟପ୍ରାଜ୍ଞ, ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧାଜିଲ୍ଲା ଚେସ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୨ଜଣ ଆଇଏମ୍‌, ୪ଜଣ ଏଫ୍‌ଏମ୍‌, ୫ଜଣ ସିଏମ୍‌ଙ୍କ ସହ ୨୪୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

### ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ଉଦ୍‌ଯାପିତ

## ଭୁବନେଶ୍ୱର ଦଳଗତ ଚାମ୍ପିଅନ

**ସମ୍ବଲପୁର, ୮।୧୧ (ସମିସ) :** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ବଲପୁର ଦ୍ୱାରା ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଡ. ଝସକେତନ ସାହୁ ସନ୍ତରଣାଗାରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍‌ ବାଳକ ଓ ବାଳିକା ବିଭାଗର ସମସ୍ତ ଚାରୋଟି ବର୍ଗରେ ଭୁବନେଶ୍ୱର ଦଳଗତ ଚାମ୍ପିଅନ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧନକଉଡ଼ା କରନ ଶର୍ମା, ଯୁଯୋମୁରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ ଲୁହା, ଅବସରପ୍ରାପ୍ତ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।



## ଏକାଠି ଅନ୍ତର୍ଜାତୀୟ କ୍ରିକେଟ ଖେଳିଲେ ବାପ-ପୁଅ

**ବାଲି,ଇଣ୍ଡୋନେସିଆ,୮।୧୧(ଏଜେନ୍ସି):** ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜ୍‌ରେ ଇତିହାସ ସୃଷ୍ଟି କରିଛନ୍ତି ତିମୋର-ଲେଷ୍ଟର ବାପ-ପୁଅ ଯୋଡି ସୁହେଲ ସତ୍ତାର ଓ ୟାହା ସୁହେଲ। ଏମାନେ ଇଣ୍ଡୋନେସିଆ ବିପକ୍ଷରେ ଖେଳି ଅନ୍ତର୍ଜାତୀୟ କ୍ରିକେଟରେ ଏକାଠି ଖେଳିବାରେ ପ୍ରଥମ ବାପ-ପୁଅ ଯୋଡି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଇଣ୍ଡୋନେସିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବାପ ସତ୍ତାର ୧୪ ରନ୍‌ କରିଥିଲେ। ପୁଅ ସୁହେଲ ଗୋଟିଏ ବଲ୍‌ରେ ଛକା ମାରିଥିଲେ। ତାଙ୍କ ଦେଶ ୬୧ରେ ଅଲଆଉଟ ହେବା ପରେ ଇଣ୍ଡୋନେସିଆ ଏହି ମ୍ୟାଚ୍‌କୁ ୧୦ ୱିକେଟରେ ଜିତିଥିଲା।

**ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍‌**

## ଜଟଣୀ, ପୁରୀର ବୃହତ୍‌ ବିଜୟ




**ଭୁବନେଶ୍ୱର,୮।୧୧(ସମିସ):** ଏଠାରେ ଚାଲିଥିବା ରାଜ୍ୟ ବରିଷ୍ଠ ଥ୍ରୋବଲ ଚାମ୍ପିଅନସିପ୍‌ରେ ଜଟଣୀ ଓ ପୁରୀ ଦଳ ବୃହତ୍‌ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ କଟକ ୧୭-୧୬, ୧୫-୧୨ରେ କଳାହାଣ୍ଡିକୁ ଓ ଜଟଣୀ ୧୫-୨, ୧୫-୦ରେ ବୃହତ୍‌ ବିଜୟ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗରେ ପୁରୀ ୧୫-୨, ୧୫-୫ରେ କଟକକୁ ଓ ସୋଆ ବିଶ୍ୱବିଦ୍ୟାଳୟ ୧୫-୧, ୧୫-୬ରେ ସିୟୁଟିଏମ୍‌କୁ ପରାସ୍ତ କରିଛି। ପୂର୍ବରୁ ସୋଆ କ୍ୟାମ୍ପସ-୨ରେ ଏହି ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଥିଲା। ସୋଆର ଉପକୁଳପତି ଡ. ପିକେ ନନ୍ଦ ମୁଖ୍ୟ ଅତିଥି, ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଥ୍ରୋବଲ ସହକାରୀ ସମ୍ପାଦକ ଯଶୋବନ୍ତ ପରମଗୁରୁ ସଭା ପରିଚାଳନା, ଟେକ୍ନିକାଲ ମୁଖ୍ୟ ଦୀପ୍ତିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ରଣଜୀ ଟ୍ରଫି: ବିଦର୍ଭର ସମ୍ମାନ ରଖିଲା ଧ୍ରୁବଙ୍କ ଶତକ

## ଫାଇଦା ଉଠାଇପାରିଲାନି ଓଡ଼ିଶା

**ଭୁବନେଶ୍ୱର, ୮।୧୧ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ଓ ଓଡ଼ିଶା ମଧ୍ୟରେ ଶନିବାରଠାରୁ ରଣଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ଆରମ୍ଭ ହୋଇଛି। ନାଗପୁରରେ ଖେଳାଯାଉଥିବା ଏହି ମ୍ୟାଚରେ ଘରୋଇ ବିଦର୍ଭ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ଇନିଂସରେ ୯୦ ଓଭରରେ ୫ ୱିକେଟ୍‌ ହରାଇ ୨୩୪ ରନ ସଂଗ୍ରହ କରିଛି। ଧ୍ରୁବ ସୋରେ ଦମ୍‌ଦାର ଅପରାଜିତ ଶତକୀୟ ପାଳି ଖେଳି ବିଦର୍ଭକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଭ୍ରମଣକାରୀ ଓଡ଼ିଶା ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାର ଫାଇଦା ଉଠାଇ ପାରି ନ ଥିଲା।

ଏହି ମ୍ୟାଚରେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍‌ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶାର ଦୁଇ ବୋଲର ରାଜେଶ ମହାନ୍ତି ଓ ତାପସ ଦାସ ମିଳିତ ଭାବେ ପ୍ରଥମ ୧୦ ଓଭରରେ ବିଦର୍ଭର ୩ ଆଗଧାଡ଼ିରଙ୍କୁ ୬ ରନରେ ଆଉଟ୍‌ କରି ଜବରଦସ୍ତ ଆରମ୍ଭ ଦେଇଥିଲେ। ଦୁଇ ଓପନର୍‌ ଅଥର୍ବ ତାଇଡେ (୧) ଓ ଇନଫର୍ମ ଅମନ ମୋଖାଡେ (୦) ରାଜେଶଙ୍କ ଶିକାର ବନିଥିଲେ। ସେହିଭଳି ପାର୍ଥ ରେଖାଡେ (୨)ଙ୍କୁ ତାପସ ଆଉଟ କରିଥିଲେ। ତେବେ ମଧ୍ୟକ୍ରମରେ ଅଭିଜ୍ଞ ଧ୍ରୁବ ସୋରେ ଧୈର୍ଯ୍ୟର ସହ ବ୍ୟାଟିଂ କରିବା ସହ ଶତକ ହାସଲ କରି ଦଳକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଧ୍ରୁବ ୪ର୍ଥ ୱିକେଟ୍‌ରେ ଆର୍‌ ସମର୍ଥ (୪୯ ରନ)ଙ୍କ ସହ ୧୪୧ ଓ ୫ମ ୱିକେଟରେ ଯଶ ରାଥୋଡ (୩୮)ଙ୍କ ସହ ୮୭ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଖେଳ ଶେଷବେଳକୁ ଧ୍ରୁବ ୧୫୦ ବଲରେ ୧୨୮ ଓ ଅଧିନାୟକ ଅକ୍ଷୟ ୱାଦକର କୌଣସି ରନ୍‌ ନ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ରାଜେଶ ଓ ତାପସ ୨ଟି ଲେଖାଏ ୱିକେଟ୍‌ ନେଇଛନ୍ତି। ସେହିଭଳି ଏଠାରେ ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିବା ସ୍ପିନର ଜାମଳା ମହାପାତ୍ରଙ୍କୁ ଅନ୍ୟ ୱିକେଟଟି ମିଳିଛି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍‌ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍‌ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍‌ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍‌ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍‌ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୧୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍‌ ଲିମିଟେଡ୍‌
ଠିକଣା: ପ୍ଲଟ୍‌ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍‌ ଇଷ୍ଟେଟ୍‌, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS